ବର୍ଷ-୨୫, ସଂଖ୍ୟା-୩୦୧
ଭୁବନେଶ୍ୱର
୧୩, ନଭେମ୍ବର, ୨୦୨୫ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 301
Bhubaneswar
13, November, 2025 Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଦେଶୀ ଲୁକ୍‌ରେ ପ୍ରିୟଙ୍କା

# ଲାଲକିଲ୍ଲା ବିସ୍ଫୋରଣ ଆତଙ୍କବାଦ କାର୍ଯ୍ୟ

## କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଅନୁମୋଦନ

**ନୂଆଦିଲ୍ଲୀ,୧୨।୧୧(ପିଆଇବି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ୍ ୧୦ ନଭେମ୍ବର ୨୦୨୫ ସନ୍ଧ୍ୟାରେ ଦିଲ୍ଲୀର ଲାଲକିଲ୍ଲା ନିକଟରେ ଘଟିଥିବା ଏକ ଆତଙ୍କବାଦୀ କାର ବିସ୍ଫୋରଣ ଘଟଣାରେ ପ୍ରାଣହାନି ପାଇଁ ଗଭୀର ଶୋକ ପ୍ରକାଶ କରିଛି। ଏଥିରେ ଜୀବନ ହରାଇଥିବା ନିର୍ଦ୍ଦୋଷ ଲୋକଙ୍କ ସ୍ମୃତିଚାରଣ କରି କ୍ୟାବିନେଟ୍ ଦୁଇ ମିନିଟ୍ ନିରବତା ଅବଲମ୍ବନ କରିଛି।

କ୍ୟାବିନେଟ୍ ଗ୍ରହଣ କରିଥିବା ପ୍ରସ୍ତାବ ମଧ୍ୟରେ ଲାଲକିଲ୍ଲା ନିକଟରେ ଏକ କାର ବିସ୍ଫୋରଣ ମାଧ୍ୟମରେ ଦେଶ ବିରୋଧୀ ଶକ୍ତିମାନେ ଏକ ଜଘନ୍ୟ ଆତଙ୍କବାଦୀ ଘଟଣା ଘଟାଇଛନ୍ତି। ଏହି ବିସ୍ଫୋରଣରେ ବହୁ ଲୋକ ପ୍ରାଣ ହରାଇଛନ୍ତି ଏବଂ ଅନେକ ଲୋକ ଆହତ ହୋଇଛନ୍ତି। ଏହି ହିଂସାରେ ପୀଡିତଙ୍କ ପ୍ରତି କ୍ୟାବିନେଟ୍ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛି ଏବଂ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛି।

କ୍ୟାବିନେଟ୍ ସମସ୍ତ ଆହତଙ୍କ ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରିଛି ଏବଂ ପୀଡିତଙ୍କୁ ସହାୟତା ଏବଂ ସେବା ପ୍ରଦାନ କରୁଥିବା ସ୍ୱାସ୍ଥ୍ୟକର୍ମୀ ଏବଂ ଜରୁରୀକାଳୀନ ସେବାରେ ନିୟୋଜିତ କର୍ମୀଙ୍କ ତ୍ୱରିତ ପ୍ରୟାସକୁ ପ୍ରଶଂସା କରୁଛି।କ୍ୟାବିନେଟ୍ ନିର୍ଦ୍ଦୋଷ ଜୀବନ ହାନିର କାରଣ ହୋଇଥିବା ଏହି ଘୃଣ୍ୟ ଏବଂ କାପୁରୁଷତାପୂର୍ଣ୍ଣ କାର୍ଯ୍ୟକୁ ଦୃଢ଼ ଭାବରେ ନିନ୍ଦା କରୁଛି। ସମସ୍ତ ପ୍ରକାର ଏବଂ ସ୍ୱରୂପରେ ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତାର ନୀତି ପ୍ରତି ଭାରତର ଅଟଳ ପ୍ରତିବଦ୍ଧତାକୁ କ୍ୟାବିନେଟ୍ ଦୋହରାଇଛି।ବିଶ୍ୱର ଅନେକ ସରକାରଙ୍କ ଏକଜୁଟତା ଏବଂ ସମର୍ଥନପୂର୍ଣ୍ଣ ବିବୃତିକୁ କ୍ୟାବିନେଟ୍ ମଧ୍ୟ ପ୍ରଶଂସା କରିଛି। ପ୍ରତିକୂଳ ପରିସ୍ଥିତିରେ ସାହସ ଓ କରୁଣା ସହିତ କାର୍ଯ୍ୟ କରିଥିବା କର୍ତ୍ତୃପକ୍ଷ, ସୁରକ୍ଷା ସଂସ୍ଥା ଏବଂ ନାଗରିକଙ୍କ ସମୟୋଚିତ ଓ ସମନ୍ୱିତ ପ୍ରତିକ୍ରିୟାକୁ କ୍ୟାବିନେଟ୍ ପ୍ରଶଂସା କରୁଛି।ସେମାନଙ୍କର ସମର୍ପଣ ଏବଂ କର୍ତ୍ତବ୍ୟନିଷ୍ଠା ଗଭୀର ପ୍ରଶଂସନୀୟ।କ୍ୟାବିନେଟ୍ ନିର୍ଦ୍ଦେଶ ଦେଇଛି ଯେ ଘଟଣାର ତଦନ୍ତ ଅତ୍ୟନ୍ତ ଜରୁରୀ ଏବଂ ପେସାଦାର ଆଭିମୁଖ୍ୟ ସହିତ ଏହା କରାଯିବା ଉଚିତ। ଯାହା ଦ୍ୱାରା ଅପରାଧୀ, ସେମାନଙ୍କର ସହଯୋଗୀ ଏବଂ ସେମାନଙ୍କ ପ୍ରାୟୋଜକମାନଙ୍କୁ ଚିହ୍ନଟ କରାଯାଇ ଅବିଳମ୍ବେ ଶାସ୍ତିବିଧାନ କରାଯାଇପାରିବ। ସରକାରଙ୍କ ସର୍ବୋଚ୍ଚ ସ୍ତରରେ ପରିସ୍ଥିତି ଉପରେ କଡ଼ା ନଜର ରଖାଯାଇଛି। କ୍ୟାବିନେଟ୍ ସମସ୍ତ ଭାରତୀୟଙ୍କ ଜୀବନ ଏବଂ କଲ୍ୟାଣକୁ ସୁରକ୍ଷା ଦେବା ପାଇଁ ସରକାରଙ୍କ ଦୃଢ଼ ସଂକଳ୍ପକୁ ଦୋହରାଉଛି। ଜାତୀୟ ସୁରକ୍ଷା ଏବଂ ପ୍ରତ୍ୟେକ ନାଗରିକଙ୍କ ସୁରକ୍ଷା ପ୍ରତି ସରକାର ଦୀର୍ଘସ୍ଥାୟୀ ରୂପେ ସଂକଳ୍ପବଦ୍ଧ ରହିଛନ୍ତି ।

## ଗୋଟିଏ ଦିନ ବଢ଼ିଲା ବାଲିଯାତ୍ରା

**ଭୁବନେଶ୍ୱର,୧୨।୧୧(ମହାଭାରତ):** ବାଲିଯାତ୍ରା ପ୍ରେମୀଙ୍କ ପାଇଁ ଖୁସି ଖବର। ଆଉ ଗୋଟିଏ ଦିନ ବଢିଲା କଟକ ଐତିହାସିକ ବାଲିଯାତ୍ରା। ଆଜି ୧୨ ତାରିଖ ପରିବର୍ତ୍ତ ଆସନ୍ତାକାଲି ନଭେମ୍ବର ୧୩ ଗୁରୁବାରରେ ସରିବ ବାଲିଯାତ୍ରା। ସାଧାରଣ ଲୋକଙ୍କ ଆକର୍ଷଣ ଓ ଆଗ୍ରହ ତଥା ବ୍ୟବସାୟୀଙ୍କ କାରବାରକୁ ଦୃଷ୍ଟିରେ ରଖି ଐତିହାସିକ କଟକ ବାଲିଯାତ୍ରାର ଅବଧିକୁ ଆଉ ଦିନଟିଏ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର । ବାଲିଯାତ୍ରା ୧୨ ତାରିଖ ପରିବର୍ତ୍ତ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଆଜି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଐତିହାସିକ କଟକ ବାଲିଯାତ୍ରାକୁ ଗୋଟିଏ ଦିନ ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀ ମହୋଦୟ ମଧ୍ୟ ଏକ୍ସରେ ଏନେଇ ସୂଚନା ଦେଇଛନ୍ତି। ଚଳିତ ନଭେମ୍ବର ୫ ତାରିଖ କାର୍ତ୍ତିକ ପୂର୍ଣ୍ଣିମାଠାରୁ ଆୟୋଜିତ ଏହି ଯାତ୍ରା ନବମ ଦିବସରେ ଉଦଯାପନ ହେବ । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହି ଐତିହାସିକ ବାଲିଯାତ୍ରାକୁ ଉଦଘାଟନ କରିଥିଲେ ।

# ବଡ ବିସ୍ଫୋରଣ ପାଇଁ ହୋଇଥିଲା ଯୋଜନା

**ନୂଆଦିଲ୍ଲୀ,୧୨।୧୧(ମହାଭାରତ):** ୨୦୦୮ ମୁମ୍ବାଇ ୨୬/୧୧ ଷ୍ଟାଇଲରେ ଭାରତର ରାଜଧାନୀ ଦିଲ୍ଲୀକୁ ଦୋହଲାଇ ଦେବାକୁ ଯୋଜନା କରିଥିଲେ ଆତଙ୍କବାଦୀ। ଭାରତର ହାର୍ଟରେ ସିରିଜ ହମଲା କରି ଆତଙ୍କ ସୃଷ୍ଟି କରିବାକୁ ହୋଇଥିଲା ମସୁଧା। ଦିଲ୍ଲୀର ଲାଲାକିଲ୍ଲା ନିକଟରେ ହୋଇଥିବା ବିସ୍ଫୋରଣ ଘଟଣାର ତଦନ୍ତ ବେଳେ ଏପରି ତଥ୍ୟ ସୁରକ୍ଷାକର୍ମୀଙ୍କ ହାତରେ ଲାଗିଛି।ଆକ୍ରମଣ ପଛରେ ଥିବା ଆତଙ୍କୀ ଦିଗର ଖୋଳତାଡ ଚାଲିଥିବା ବେଳେ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ବାସ୍ତବରେ ଆତଙ୍କବାଦୀଙ୍କ ଟାର୍ଗେଟରେ ଦିଲ୍ଲୀର ପ୍ରମୁଖ ସ୍ଥାନଗୁଡିକ ରହିଥିଲା। ଲାଲକିଲ୍ଲା, ଇଣ୍ଡିଆ ଗେଟ, ସାମ୍ବିଧାନିକ କ୍ଲବ ଓ ଗୌର ଶଙ୍କର ମନ୍ଦିରରେ ବଡ ହମଲା କରିବାକୁ ସେମାନେ ଚାହୁଁଥିଲେ। ଏହି ସବୁ ସ୍ଥାନ ବ୍ୟତୀତ ରେଳ ଷ୍ଟେସନ ଓ ଦେଶର ବିଭିନ୍ନ ଶପିଂ ମଲରେ ଆକ୍ରମଣ କରି ସେମାନେ ଆତଙ୍କ ସୃଷ୍ଟି କରିବାକୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିଲେ।



ଭାରତର ବିଭିନ୍ନ ସ୍ଥାନରେ ଆକ୍ରମଣ କରିବାକୁ ଜାନୁଆରୀ ମାସରୁ ହିଁ ଷଡଯନ୍ତ୍ର ଆରମ୍ଭ ହୋଇଥିଲା। ଏହି ଟେରର ମଡ୍ୟୁଲ ପଛରେ ରହିଛି ପାକିସ୍ତାନ ଭିତ୍ତିକ ଜୈଶ-ଇ-ମହମ୍ମଦର ଲିଙ୍କ। ଜୈଶ ପକ୍ଷରୁ ଆକ୍ରମଣ ପାଇଁ ନିଜର ସ୍ଲିପର ସେଲକୁ ଆକ୍ଟିଭେଟ ମଧ୍ୟ କରାଯାଇଥିବା ଜଣାପଡିଛି।ସଂଗଠନ ପକ୍ଷରୁ ୨୦୦ରୁ ଅଧିକ ଶକ୍ତିଶାଳୀ ଆଇଇଡି ପ୍ରସ୍ତୁତ କରାଯାଇଥିଲା। ଦିଲ୍ଲୀ ବ୍ୟତୀତ ଗୁରୁଗ୍ରାମ ଓ ଫରିଦାବାଦର ପ୍ରମୁଖ ସ୍ଥାନରେ ଆଇଇଡି ବିସ୍ଫୋରଣ କରିବାକୁ ଆତଙ୍କବାଦୀମାନେ ଲକ୍ଷ୍ୟ ରଖିଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଭାରତରେ ସାଂପ୍ରଦାୟିକ ଭେଦଭାବ ସୃଷ୍ଟି କରିବାକୁ ସେମାନେ ଚାହୁଁଥିଲେ। ଏଥିପାଇଁ ଏକାଧିକ ଧର୍ମାନୁଷ୍ଠାନ ସେମାନଙ୍କ ଟାର୍ଗେଟରେ ରହିଥିଲା। ପୁଲୱାମା, ଶୋପିଆନ ଓ ଅନନ୍ତନାଗର କିଛି ମୌଲବାଦୀ ଚିନ୍ତାଧାରାରେ ପ୍ରଭାବିତ ଡାକ୍ତରଙ୍କୁ ଏହି କାମ ପାଇଁ ଚୟନ କରାଯାଇଥିଲା। ସେମାନେ ଡାକ୍ତର ବେଶରେ ରହି ପୂରା ପ୍ଲାନକୁ କାର୍ଯ୍ୟକାରୀ କରିବେ ବୋଲି ଜୈଶ ଚାହୁଁଥିଲା। ମୌଲବାଦୀ ଚିନ୍ତାଧାରାରେ ପ୍ରଭାବିତ ଡାକ୍ତରମାନେ ଏକାଠି ହେବା ପରେ ଆକ୍ରମଣ ପୂର୍ବରୁ ଫରିଦାବାଦରେ ନିଜର ବେସ୍ ତିଆରି କରିଥିଲେ। ଏହି ଆତଙ୍କବାଦୀମାନେ ଧଳା ପୋଷାକରେ ଥିବାରୁ ବେଧଡକ ଅନ୍ଦାଜରେ ଏନସିଆରରେ ବୁଲି ପାରୁଥିଲେ। ସେମାନଙ୍କୁ କେହି ବି ସନ୍ଦେହ କରୁ ନଥିଲେ। ଏହାପରେ ସେମାନେ ନିଜ ଯୋଜନାକୁ ସଫଳ ରୂପ ଦେବା ପାଇଁ ଧୌଜ ଓ ଫତେପୁର ଟାଗା ଅଞ୍ଚଳରେ ଘର ଭଡା ନେଇଥିଲେ। ଏହି ଭଡା ଘରେ ବିସ୍ଫୋରକ ଠୁଳ କରିବା ଆରମ୍ଭ କରିଥିଲେ।

ସେଠାରୁ ସେମାନେ ପୂରା ନେଟୱର୍କକୁ ପରିଚାଳନା କରୁଥିଲେ ବୋଲି ଜଣାପଡିଛି। ବର୍ତ୍ତମାନ ସୁଦ୍ଧା ହ୍ୱାଇଟ କଲାରରେ ଥିବା ୩ ଜଣ ଆତଙ୍କବାନୀ ଶାହୀନ ସୟିଦ, ମୁଜାମିଲ ଶକୀଲ ଓ ଆଦିଲ ଅହମଦ ରାଥେର ପୂରା ନେଟୱର୍କର ସୂତ୍ର ଧର ଥିଲେ ବୋଲି ସ୍ପଷ୍ଟ ହୋଇଛି। ଡାକ୍ତର ଉମର ମହମ୍ମଦ ନବି ମଧ୍ୟ ଏହି ନେଟୱର୍କରେ ରହିଥିଲା। ନଭେମ୍ବର ୧୦ରେ ଡାକ୍ତର ଉମର ହିଁ ଲାଲକିଲ୍ଲା ନିକଟରେ ଆତ୍ମଘାତୀ ...



ଦିଲ୍ଲୀ ବିସ୍ଫୋରଣରେ ଆହତ ହୋଇଥିବା ବ୍ୟକ୍ତିମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଡାକ୍ତରଖାନାରେ ଭେଟୁଛନ୍ତି।

# ସ୍ୱଦେଶୀ, ଶିକ୍ଷା ଏବଂ ସେବାର ମାର୍ଗକୁ ପ୍ରାଥମିକତା ଦିଅ : ଧର୍ମେନ୍ଦ୍ର

**ଭୁବନେଶ୍ୱର,୧୨।୧୧ (ମହାଭାରତ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ପଞ୍ଜାବର ଲୁଧିଆନାରେ ଅନୁଷ୍ଠିତ ୩୩ତମ ସତ ପଲ ମିତ୍ତଲ ରାଷ୍ଟ୍ରୀୟ ପୁରସ୍କାର ସମାରୋହରେ ଯୋଗଦେଇ ସ୍ୱଦେଶୀ, ଶିକ୍ଷା ଏବଂ ସେବାର ମାର୍ଗକୁ ପ୍ରାଥମିକତା ଦେବା ପାଇଁ ଆହ୍ୱାନ କରିଛନ୍ତି। ସେ କହିଛନ୍ତି ଯେ ସତ ପଲ ମିତ୍ତଲ ରାଷ୍ଟ୍ରୀୟ ପୁରସ୍କାରର ଆୟୋଜନ କେବଳ ସମ୍ମାନ ଦେବା ପାଇଁ ନୁହେଁ, ବରଂ ରାଷ୍ଟ୍ର ନିର୍ମାଣରେ ଶିକ୍ଷା, ସେବା ଏବଂ ସ୍ୱଦେଶୀ ଚିନ୍ତାଧାରାର ଗୁରୁତ୍ୱପୂର୍ଣ୍ଣ ଯୋଗଦାନର ପ୍ରତୀକ। ବର୍ତ୍ତମାନ ସମଗ୍ର ଦେଶରେ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ରଚିତ 'ବନ୍ଦେ ମାତରମ୍'ର ୧୫୦ ଗୌରବମୟ ବର୍ଷ ପାଳନ କରାଯାଉଛି। ଏହି ଗୀତ ଆମକୁ ସ୍ୱରାଜ୍ୟ ପାଇଁ ସଂଘର୍ଷ କରିବାକୁ ଶକ୍ତି ଦେଇଥିଲା।




ଅପରପକ୍ଷରେ ଏହି ଅବସର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତର ସଂକଳ୍ପ ଦିଗରେ ଦେଶବାସୀଙ୍କୁ ଅଗ୍ରସର କରାଉଛି। ଏକବିଂଶ ଶତାବ୍ଦୀ ହେଉଛି ଜ୍ଞାନ ଆଧାରିତ ଅର୍ଥନୀତିର ଶତାବ୍ଦୀ। ଏହି ଦିଗରେ ଜାତୀୟ ଶିକ୍ଷା ନୀତି ଏକ ବୈପ୍ଳବିକ ପଦକ୍ଷେପ। ଏହି ନୀତି ବିଦ୍ୟାର୍ଥୀମାନଙ୍କର ସାମଗ୍ରିକ ବିକାଶ, ମାତୃଭାଷାରେ ଶିକ୍ଷା ଏବଂ କୌଶଳ ଆଧାରିତ ଶିକ୍ଷଣ ଉପରେ ଗୁରୁତ୍ୱ ଦେଉଛି। ଯେତେବେଳେ ଆମ ଦେଶର ଶିକ୍ଷା ଜଗତ ଏବଂ ସତ ପଲ ମିତଲ ବିଦ୍ୟାଳୟ ପରି ଅନୁଷ୍ଠାନ ଏହାକୁ ମୂଳରୁ ଆପଣାଇବେ, ସେତେବେଳେ ଭାରତ କେବଳ ସମୃଦ୍ଧ ହେବ ନାହିଁ, ବରଂ ବିଶ୍ୱରେ ଜ୍ଞାନର ମାର୍ଗଦର୍ଶକ ପାଲଟିବ। ଏହା ମଧ୍ୟ ଗର୍ବର ବିଷୟ ଯେ ଲୁଧିଆନାର ମାଟିରୁ ଆରମ୍ଭ ହୋଇଥିବା ଭାରତୀ ସମୂହ ଆଜି ପ୍ରଧାନମନ୍ତ୍ରୀ ମୋଦୀଙ୍କ ଡିଜିଟାଲ ଇଣ୍ଡିଆ ଦୃଷ୍ଟିକୋଣକୁ ସାକାର କରି ବିଶ୍ୱର ଶୀର୍ଷ କମ୍ପାନୀମାନଙ୍କ ମଧ୍ୟରେ ସାମିଲ ହୋଇଛି। ଏହା ସ୍ୱଦେଶୀ ଉଦ୍ୟମିତା ଏବଂ ଭାରତୀୟ ପ୍ରତିଭାର ବିଜୟଗାଥା। ଶ୍ରୀ ପ୍ରଧାନ କହିଛନ୍ତି ଯେ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପାଳନର ପ୍ରକୃତ ସାର୍ଥକତା ସେତେବେଳେ ହେବ, ଯେତେବେଳେ ଆମେ ସମସ୍ତେ ମିଳିମିଶି ସ୍ୱଦେଶୀ, ଶିକ୍ଷା ଏବଂ ସେବାର ମାର୍ଗକୁ ପ୍ରାଥମିକତା ଦେବା।

## ୟୁପିଏସସି ମୁଖ୍ୟ ପରୀକ୍ଷା ଫଳ ପ୍ରକାଶିତ

**ନୂଆଦିଲ୍ଲୀ,୧୨।୧୧(ମହାଭାରତ):** କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସସି) ସିଭିଲ ସର୍ଭିସ ମୁଖ୍ୟ ପରୀକ୍ଷା-୨୦୨୫ର ଫଳାଫଳ ପ୍ରକାଶ ପାଇଛି। ଏଥିରେ ୨୭୩୬ ପରୀକ୍ଷାର୍ଥି କୃତକାର୍ଯ୍ୟ ହୋଇଛନ୍ତି ସେମାନେ ସାକ୍ଷାତକାର ପରୀକ୍ଷାରେ ଅଂଶଗ୍ରହଣ କରିବା ଲାଗି ଚୟନ ହୋଇଛନ୍ତି। ଗତ ଅଗଷ୍ଟ ୨୨ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ମୁଖ୍ୟ ପରୀକ୍ଷା ଆୟୋଜିତ ହୋଇଥିଲା। ଏଥିରେ ମୋଟ ୨୭୩୬ ଜଣ ବାଜି ମାରିଛନ୍ତି ସାକ୍ଷାତକାରରେ ସଫଳ ହେବା ପରେ ସେମାନଙ୍କୁ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ), ଭାରତୀୟ ବିଦେଶ ସେବା(ଆଇଏଫଏସ), ଭାରତୀୟ ପୁଲିସ ସେବା(ଆଇପିଏସ) ଏବଂ ଅନ୍ୟାନ୍ୟ କେନ୍ଦ୍ରୀୟ ପଦପଦବୀରେ ନିଯୁକ୍ତି ମିଳିବ।

## ରାଜ୍ୟରେ ବଢୁଛି ଶୀତ ଲହରୀ

**ଭୁବନେଶ୍ୱର,୧୨।୧୧ (ମହାଭାରତ):** ଆଜି ସକାଳେ ଘନ କୁହୁଡ଼ିର ଧଳା ଚାଦରରେ ଘୋଡ଼େଇ ହୋଇଥିଲା କୋରାପୁଟ ଓ ସୁନ୍ଦରଗଡ଼ ସହର। ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ବି ଥିଲା କୁହୁଡ଼ିର ଆସ୍ତରଣ। ଏପଟେ ଆଭ୍ୟନ୍ତରୀଣ ଓ ଦକ୍ଷିଣ ଉପକୂଳ ଓଡ଼ିଶାର ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରି କମିଥିବା ବେଳେ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର ରାତି ପାରଦ ୨ ଡିଗ୍ରି ବଢ଼ିଛି। ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସହରର ରାତି ତାପମାତ୍ରା ସ୍ୱାଭାବିକଠୁ ୭ ଡିଗ୍ରିପର୍ଯ୍ୟନ୍ତ କମ୍ ରହିଥିବା ପାଣିପାଗ ବିଜ୍ଞାନ କେନ୍ଦ୍ର କହିଛି। ଦାରିଙ୍ଗବାଡ଼ିରେ ଗତକାଲି ରାତିରେ ପାରଦସ୍ତର ୧୦ ଡିଗ୍ରି ତଳକୁ ଖସି ୯.୫ ଡିଗ୍ରିରେ ପହଞ୍ଚିଥିଲା। ପଛକୁ ପଛ ଫୁଲବାଣୀ ୧୧ ଡିଗ୍ରୀ, ଝାରସୁଗୁଡ଼ା ୧୧.୧ ଡିଗ୍ରୀ, ଭଦ୍ରକ ୧୧.୪ ଡିଗ୍ରୀ, ରାଉରକେଲା ୧୨.୯ ଡିଗ୍ରୀ, କୋରାପୁଟ ୧୩ ଡିଗ୍ରୀ, ସୁନ୍ଦରଗଡ଼ ୧୩.୨ ଡିଗ୍ରୀ, କେନ୍ଦୁଝର ୧୩.୪ ଡିଗ୍ରୀ, ଢେଙ୍କାନାଳ ଓ ଅନୁଗୁଳ ୧୩.୬ ଡିଗ୍ରୀ। ମୋଟ ଉପରେ ୧୨ ସହରର ତାପମାତ୍ରା ୧୫ ଡିଗ୍ରିତଳକୁ ଖସିଛି। ଆସନ୍ତାକାଲି ମଧ୍ୟ ରାଜ୍ୟର ଝାରସୁଗୁଡ଼ା, କନ୍ଧମାଳ ଓ ସୁନ୍ଦରଗଡ଼ ଜିଲ୍ଲାରେ ଶୀତ ଲହରି ପ୍ରବାହିତ ହୋଇପାରେ।

## ଶଙ୍କରର ଘନିଷ୍ଠ ସହଯୋଗୀ ଗିରଫ

**ଭୁବନେଶ୍ୱର,୧୨।୧୧(ମହାଭାରତ):** ପୋଲିସ ଏସ୍ଆଇ ନିଯୁକ୍ତି କେଳେଙ୍କାରୀ ମାମଲାରେ ଆଉ ଜଣେ ଗିରଫ ହୋଇଛି । ପରୀକ୍ଷା ଦୁର୍ନୀତିର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଶଙ୍କର ପ୍ରୁଷ୍ଟିର ଘନିଷ୍ଠ ସହଯୋଗୀ ସାଗର ଗୌଡ଼କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ସାଗର ଗୌଡ଼ ଶଙ୍କର ପ୍ରୁଷ୍ଟିର କେୟାରଟେକର୍ ଅଟେ । ଏସ୍ଆଇ ନିଯୁକ୍ତିର ଦୀଘା ମଡ୍ୟୁଲକୁ ସାଗର ପରିଚାଳିତ କରୁଥିଲା। ଏସଆଇ ନିଯୁକ୍ତି ଦୁର୍ନୀତିରେ ଦୁଇଟି ଠିକଣା ସ୍ଥିର କରାଯାଇଥିଲା । ଗୋଟେ ଥିଲା ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ ଏବଂ ଆଉ ଏକ ସ୍ଥାନ ଥିଲା ଦୀଘା । ବାଲେଶ୍ୱରରୁ ଗିରଫ ହୋଇଥିବା ଅରବିନ୍ଦ ଦାଶ ଦୀଘା ମଡ୍ୟୁଲର କାର୍ପେଟଦାର୍ ଥିଲା । ମୁନା ମହାନ୍ତି ଆନ୍ଧ୍ରର ଶ୍ରୀକାକୁଲମ ମଡେଲ୍ ଦେଖୁଥିଲା ଏବଂ ଦୀଘାରେ ମଧ୍ୟ ଅରବିନ୍ଦ ଏକ ହୋଟେଲ୍ ବୁକ୍ କରିବାରେ ସାହାଯ୍ୟ କରିଥିଲା । ସେଠାରେ ୧୧୦ ଜଣ ପରୀକ୍ଷାର୍ଥୀଙ୍କ ପାଇଁ ରୁମ୍ ବୁକ୍ ହୋଇଥିଲା । ଖାଇବା, ପିଇବା ଓ ରହିବା ପାଇଁ ୧୮ ଲକ୍ଷ ଟଙ୍କା ଅଗ୍ରୀମ ବାବଦକୁ ଦାଖଲ କରାଯାଇଥିଲା । ଦୀଘାରେ ସେପ୍ଟେମ୍ବର ୩୦ ତାରିଖ ଦିନ ସମସ୍ତେ ଏକାଠି ହୋଇଥାଆନ୍ତେ । କିନ୍ତୁ ସେପ୍ଟେମ୍ବର ୨୯ରେ ଶ୍ରୀକାକୁଲମ ଘଟଣା ସାମ୍ନାକୁ ଆସିବା ପରେ ଦୀଘା ମଡେଲକୁ ତୁରନ୍ତ ବାତିଲ କରାଯାଇଥିଲା । ଦୁଇଟି ମଡେଲରେ ପାଖାପାଖି ୨୨୪ ଜଣ ପରୀକ୍ଷାର୍ଥୀଙ୍କ ପାଇଁ ଡିଲ୍ ହୋଇଥିଲା । ଏସଆଇ ନିଯୁକ୍ତି ଦୁର୍ନୀତିର ସିବିଆଇ ତଦନ୍ତ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

## ରାଜକିଶୋର ପାଢ଼ୀ ପାଇବେ ବାଲ୍ ସାହିତ୍ୟ ପୁରସ୍କାର

**ଭୁବନେଶ୍ୱର,୧୨।୧୧ (ମହାଭାରତ):** ସାହିତ୍ୟ ଏକାଡେମୀର ବାଲ୍ ସାହିତ୍ୟ ପୁରସ୍କାର-୨୦୨୫ ପାଇଁ ସାରା ଦେଶର ମୋଟ୍ ୨୪ ଜଣ ଲେଖକଙ୍କୁ ମନୋନୀତ କରାଯାଇଛି। ଓଡ଼ିଆ ଲେଖକ ରାଜକିଶୋର ପାଢ଼ୀ ଶିଶୁ ସାହିତ୍ୟକୁ ତାଙ୍କର ଅବଦାନ ପାଇଁ ଏହି ସମ୍ମାନଜନକ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ରାଜକିଶୋର ପାଢ଼ୀ ତାଙ୍କର କବିତା ପୁସ୍ତକ 'କେତେ ଫୁଲ ଫୁଟିଛି' ପାଇଁ ଓଡ଼ିଆ ଭାଷା ବର୍ଗରେ ଏହି ପୁରସ୍କାର ପାଇବେ।

# ସହଜ ହେବ ପଟ୍ଟା ସଂଶୋଧନ

**ଭୁବନେଶ୍ୱର,୧୨।୧୧(ମହାଭାରତ):** ରାଜ୍ୟରେ ଜମି କିଣାବିକା ଏବଂ ଜମି ପଟ୍ଟା ସଂଶୋଧନ ପ୍ରକ୍ରିୟାକୁ ସହଜ ଓ ସରଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏକ ବଡ଼ ନିଷ୍ପତ୍ତିକୁ ମଞ୍ଜୁରୀ ଦେଇଛନ୍ତି। ଓଡ଼ିଶା ସର୍ଭେ ଆଣ୍ଡ ସେଟଲମେଣ୍ଟ ରୁଲସରେ ସଂଶୋଧନ ପାଇଁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ଏଣିକି ପୁରୁଣା ପଞ୍ଜୀକୃତ କବଲା ସଂଶୋଧନ କରିବାର କ୍ଷମତା ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ଅନ୍ୟାନ୍ୟ ବୈଧ ଦଲିଲ ସମ୍ବନ୍ଧୀୟ ଜମିଜମା ରେକର୍ଡର ସଂଶୋଧନ କ୍ଷମତା ମଧ୍ୟ ତହସିଲଦାରଙ୍କୁ ମିଳିଛି। ଏହି ନିଷ୍ପତ୍ତି ଫଳରେ ଜମି ମାମଲାରେ ଆଉ ରାଜସ୍ୱ ପର୍ଷଦ କିମ୍ବା ଅନ୍ୟାନ୍ୟ ରିଭିଜନ କୋର୍ଟରେ ଅପିଲ କରିବାର ଆବଶ୍ୟକତା ପଡ଼ିବ ନାହିଁ।ଅତ୍ୟଧିକ କାର୍ଯ୍ୟଭାର ଯୋଗୁ, ଏହି ଅପିଲଗୁଡିକ ବର୍ଷ ବର୍ଷ ଧରି ଫଇସଲା ନ ହୋଇ ପଡି ରହିଥାଏ। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁମୋଦିତ ଉପରୋକ୍ତ ନିୟମ ସଂଶୋଧନ ଦ୍ୱାରା ବର୍ତ୍ତମାନ ଏପରି ମାମଲାରେ ଜମିପଟ୍ଟା କ୍ରେତାଙ୍କ ନାମରେ ରେକର୍ଡ କରିବା ପାଇଁ ସଂପୃକ୍ତ ତହସିଲଦାରମାନେ କ୍ଷମତାପ୍ରାପ୍ତ ହେବେ। ଏହାଦ୍ୱାରା ସଂପୃକ୍ତ କ୍ରେତାମାନେ ବନ୍ଦୋବସ୍ତ ପ୍ରକ୍ରିୟା ପୂର୍ବରୁ ବୈଧ ଭାବେ କିଣିଥିବା ଜମିର ଜମିପଟ୍ଟା ନିଜ ନାମରେ କରିବା ପାଇଁ ସଂପୃକ୍ତ ତହସିଲଦାରଙ୍କ ପାଖରେ ଆବେଦନ କରିପାରିବେ।

ସେମାନଙ୍କୁ ରାଜସ୍ୱ ପର୍ଷଦ ବା ଅନ୍ୟ କ୍ଷମତାପ୍ରାପ୍ତ ରିଭିଜନ କୋର୍ଟରେ ଅପିଲ ବା ଆବେଦନ କରିବାକୁ ପଡ଼ିବ ନାହିଁ। ଏହା ପୂର୍ବରୁ ରାଜ୍ୟରେ ଜମି କିଣାବିକାକୁ ସରଳ କରିବା ଉଦ୍ଦେଶ୍ୟରେ ତହସିଲ ଅଫିସରେ ସବରେଜିଷ୍ଟ୍ରି ଅଫିସର ଆରମ୍ଭ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୪୪ଟି ତହସିଲ ଏବଂ ଡିସେମ୍ବର ସୁଦ୍ଧା ମୋଟ୍ ୨୭୩ଟି ତହସିଲ ଅଫିସରେ ଏହି ସେବା ଆରମ୍ଭ କରାଯାଇଛି।

# ଶିଶୁଙ୍କ ସ୍ୱପ୍ନକୁ ସାକାର କରିବା ଆମର ସର୍ବୋଚ୍ଚ ପ୍ରାଥମିକତା : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୨।୧୧ (ମହାଭାରତ):** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଆରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଭୁବନେଶ୍ୱରର ୟୁନିଟ୍-୩ ସ୍ଥିତ କ୍ୟାପିଟାଲ ହାଇସ୍କୁଲ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରି କହିଥିଲେ ସୁରଭି କେବଳ ଶିଶୁ ପ୍ରତିଭାର ବିକାଶ ପାଇଁ ଏକ ଉତ୍ସବ ନୁହେଁ ଏହା ପ୍ରତ୍ୟେକ ଶିଶୁମାନଙ୍କ ସ୍ୱପ୍ନ, ସୃଜନଶୀଳତା, ଚିନ୍ତାଧାରା ଓ ପ୍ରତିଭା ବିକାଶର ମଂଚ। ବିଦ୍ୟାର୍ଥୀମାନଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ 'ସୁରଭି' ଏକ ଅଦ୍ୱିତୀୟ ପ୍ଲାଟଫର୍ମ ସାଜିଛି।

ଏହି ରାଜ୍ୟସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମରେ ୨୪୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ସହଯୋଗୀ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ୧୦୦୦ରୁ ଉର୍ଦ୍ଧ୍ୱ ସରକାରୀ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଛନ୍ତି। ଚଳିତ ବର୍ଷ 'ସୁରଭି' କାର୍ଯ୍ୟକ୍ରମରେ "ନିପୁଣ ଓଡ଼ିଶା-ନିପୁଣ ଭାରତ" କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଥମ ରୁ ତୃତୀୟ ଶ୍ରେଣୀର ପିଲାମାନଙ୍କୁ ବିଦ୍ୟାଳୟ ଓ କ୍ଲଷ୍ଟର ସ୍ତରରେ ଭାଗନେବାର ସୁଯୋଗ ଦିଆଯାଇଛି।

ମୁଖ୍ୟମନ୍ତ୍ରୀ ଅଭିଭାଷଣ ରଖି କହିଥିଲେ ଯେ, ଶିଶୁମାନେ ଆମର ଭବିଷ୍ୟତ, ଆମର ଆଶା। ଶିଶୁମାନଙ୍କ ସ୍ୱପ୍ନକୁ ସାକାର କରିବା, ସେମାନଙ୍କ ମାର୍ଗଦର୍ଶନ କରିବା ଆମର ସର୍ବୋଚ୍ଚ ପ୍ରାଥମିକତା। ବିଗତ ମାସେ ହେଲା ଜିଲ୍ଲା ଓ ବ୍ଲକ୍ ସ୍ତରରେ ବିଦ୍ୟାଳୟ ଗୁଡ଼ିକରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ରାଜ୍ୟର ବିଭିନ୍ନ ଜିଲ୍ଲା ଓ ବ୍ଲକସ୍ତରର ପ୍ରତିଯୋଗିତାରୁ ବିଜୟୀ ହୋଇ ଆଜି ଆପଣମାନେ ଏହି ସ୍ଥାନରେ ପହଞ୍ଚିପାରିଛନ୍ତି। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଥିବା ଲୁକାୟିତ ପ୍ରତିଭାର ଉନ୍ମେଷ କରାଇବାରେ 'ସୁରଭି'ର ଯୋଗଦାନ ଅତ୍ୟନ୍ତ ଉଲ୍ଲେଖନୀୟ। ଆମ ସରକାର ପ୍ରାକ୍ ପ୍ରାଥମିକ ଶିକ୍ଷା ଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ଆମେ ପ୍ରୟାସ ଜାରି ରଖିଛନ୍ତି। ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟଠାରୁ ଆରମ୍ଭ କରି ପିଏମ-ଶ୍ରୀ ଯୋଜନା ପର୍ଯ୍ୟନ୍ତ ଆମେ କାର୍ଯ୍ୟକାରୀ କରିଛୁ । ରାଜ୍ୟରେ ଜାତୀୟ ଶିକ୍ଷା ନୀତି ୨୦୨୦ କୁ ବିଦ୍ୟାଳୟସ୍ତରରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ସ୍ତର ଯାଏଁ ସଫଳତାର ସହ କାର୍ଯ୍ୟକାରୀ କରିଛୁ। ଆମ ସରକାର ରାଜ୍ୟର ୪୫ହଜାର ବିଦ୍ୟାଳୟରେ ଶିଶୁ ବାଟିକା ଆରମ୍ଭ କରିଛନ୍ତି। ଛୋଟ ପିଲାମାନଙ୍କର ଯତ୍ନ ଏବଂ ପ୍ରାରମ୍ଭିକ ଶିକ୍ଷା ପାଇଁ ଶିଶୁ ସେବିକାଙ୍କୁ ନିଯୁକ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଥିଲେ ଯେ ରାଜ୍ୟ ସରକାର ଶିକ୍ଷାକୁ ଅତ୍ୟନ୍ତ ଗୁରୁତର ସହିତ ନେଇଛନ୍ତି। ଚଳିତ ବଜେଟରେ ଆମ ସରକାର ରେକର୍ଡ ୪୧ ହଜାର ୨୭୩ କୋଟି ଟଙ୍କା ପ୍ରାବଧାନ କରିଛନ୍ତି । ଆପଣ ଜାଣି ଖୁସି ହେବେ ଯେ ଚଳିତ ବଜେଟର ୧୪.୨ ପ୍ରତିଶତ ଅର୍ଥାତ୍ ରାଜ୍ୟ ଜିଡ଼ିପିର ୩.୯ ପ୍ରତିଶତ ଅର୍ଥ କେବଳ ଶିକ୍ଷା କ୍ଷେତ୍ରରେ ଖର୍ଚ୍ଚ ହେଉଛି, ଯାହାକି ଦେଶରେ ଅଳ୍ପ କିଛି ରାଜ୍ୟ କରିବାରେ ସମର୍ଥ ହୋଇଛନ୍ତି।



ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦଘାଟିତ

କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ ଶିକ୍ଷା ବ୍ୟବସ୍ଥାରେ ପ୍ରାଥମିକ, ମାଧ୍ୟମିକ, ଉଚ୍ଚ ମାଧ୍ୟମିକ, ଉଚ୍ଚଶିକ୍ଷା ଭଳି ବିଭିନ୍ନ ସ୍ତର ରହିଛି ଏବଂ ଏହି ସମସ୍ତେ ପରସ୍ପରର ପରିପୂରକ। ତେଣୁ ସବୁ ସ୍ତରର ବିକାଶ ହୋଇପାରିଲେ ହିଁ ଆମ ରାଜ୍ୟର ଶିକ୍ଷା କ୍ଷେତ୍ରର ବିକାଶ ସମ୍ଭବ ହୋଇପାରିବ। ଶିଶୁମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶ ସହ ସେସବୁ ସାମ୍ନାକୁ ଆସିବା ଉଚିତ। ଏହାଦ୍ୱାରା ପିଲାମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି ହୋଇପାରିବ। କାର୍ଯ୍ୟକ୍ରମରେ ଅତିଥି ଭାବେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଡ଼ ଏନ୍. ତିରୁମାଲା ନାଏକ, ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀମତୀ ଅନନ୍ୟା ଦାସ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ର ନିର୍ଦ୍ଦେଶକ ବୀରେନ୍ଦ୍ର କର୍କରା, ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀମତୀ ନିୟତୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଚଳଚ୍ଚିତ୍ର ସଂରକ୍ଷଣ ଓ ପୁନଃରୁଦ୍ଧାର କର୍ମଶାଳା

**ଭୁବନେଶ୍ୱର,୧୨।୧୧ (ମହାଭାରତ):** ଆମ ଓଡ଼ିଆ ସିନେମା ଆମ ସାଂସ୍କୃତିକ ଐତିହ୍ୟର ପ୍ରତୀକ। ଏଥିରେ ଅନେକ ସ୍ମୃତି ଜଡ଼ିତ ହୋଇ ରହିଛି। ଆମେ ଯେତେବେଳେ ଏହାର ସଂରକ୍ଷଣ ପାଇଁ ଉଦ୍ୟମ କରୁଛୁ ନିଶ୍ଚିତ ରୂପେ ଏହି ସ୍ମୃତି ସବୁ ଜୀବିତ ହେବ ଏବଂ ଆଗାମୀ ପିଢ଼ି ଏଥିରୁ ପ୍ରେରଣା ପାଇବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର କଳାଭୂମି ଠାରେ ଆୟୋଜିତ ୧୦ମ ଚଳଚ୍ଚିତ୍ର ସଂରକ୍ଷଣ ଓ ପୁନଃରୁଦ୍ଧାର କର୍ମଶାଳା-୨୦୨୫ର ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଆ ଚଳଚ୍ଚିତ୍ର ଐତିହ୍ୟର ସୁରକ୍ଷା ପାଇଁ ଏହି କର୍ମଶାଳା ଏକ ଯୁଗପୋଯୋଗୀ ପଦକ୍ଷେପ।

ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଫିଲ୍ମ ହେରିଟେଜ ଫାଉଣ୍ଡେସନ୍ ଏବଂ ଇଣ୍ଟରନ୍ୟାସନାଲ ଫେଡେରେସନ ଅଫ୍ ଫିଲ୍ମ ଆର୍କାଇଭ୍'ର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱର ଠାରେ ଭାରତୀୟ ଚଳଚ୍ଚିତ୍ର ସଂରକ୍ଷଣ ଓ ପୁନରୁଦ୍ଧାର କର୍ମଶାଳା ୨୦୨୫ର ଦଶମ ସଂସ୍କରଣ ଆୟୋଜିତ ହୋଇଛି। ଏହି କର୍ମଶାଳାରେ ଦେଶ ବିଦେଶର ନାମୀଦାମୀ ଚଳଚ୍ଚିତ୍ର ନିର୍ମାତା, ଗବେଷକ, ସଂରକ୍ଷକ ଯୋଗ ଦେଇଛନ୍ତି। ଏହି କର୍ମଶାଳା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦଘାଟନ ଅବସରରେ ପ୍ରସିଦ୍ଧ ହିନ୍ଦୀ ଚଳଚ୍ଚିତ୍ର ଅଭିନେତ୍ରୀ ଶ୍ରୀମତୀ ୱାହିଦା ରେହମାନ ଉପସ୍ଥିତ ଥିବାବେଳେ ବିଶିଷ୍ଟ ଅଭିନେତା ଅମିତାଭ ବଚ୍ଚନ ଆଭାସୀ ମାଧ୍ୟମରେ ଯୋଡି ହୋଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଚଳଚ୍ଚିତ୍ର ସଂରକ୍ଷଣ କେବଳ ଏକ ଟେକ୍ନିକାଲ୍ କାମ ନୁହେଁ, ଏହା ଏକ ସାଂସ୍କୃତିକ ଦାୟିତ୍ୱ। ଏହି କର୍ମଶାଳା ଆମର ଚଳଚ୍ଚିତ୍ର ନିର୍ମାତା ଓ ଚଳଚ୍ଚିତ୍ର ସହ ସମ୍ପୃକ୍ତ ସମସ୍ତଙ୍କୁ ସଶକ୍ତ କରିବା ସହିତ ଆମର ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପକୁ ବିଶ୍ୱସ୍ତରୀୟ ମାର୍ଗଦର୍ଶନ ପ୍ରଦାନ କରିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଆ ଚଳଚ୍ଚିତ୍ରର ପୁନରୁଦ୍ଧାର ପାଇଁ ଫିଲ୍ମ ହେରିଟେଜ ଫାଉଣ୍ଡେସନ୍ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିବା ପାଇଁ ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବାବୁ ସିଂ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର, କନକଲତା ଚଳଚ୍ଚିତ୍ରର ନିର୍ମାତା ଘନଶ୍ୟାମ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରସ୍ତୁତ କରନ୍ତୁ ଚଟପଟା 'ସୁଜି ଆପେ'




ସନ୍ଧ୍ୟା ସମୟରେ କିଛି ଚଟପଟା ଟିଫିନ କରିବାକୁ ଇଚ୍ଛା ହେଉଛି କି ତେବେ ଘରେ ପ୍ରସ୍ତୁତ କରନ୍ତୁ ସୁଜି ଆପେ । ଏହା ସ୍ୱାଦିଷ୍ଟ ଡିସ୍ ଛୋଟ ପିଲାଠୁ ବୟସ୍କ ଲୋକମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପସନ୍ଦ ଆସିଥାଏ । ତେବେ ଆସନ୍ତୁ କିପରି ପ୍ରସ୍ତୁତ କରିବେ ସୁଜି ଆପେ ଆଜି ଆମେ ଆପଣଙ୍କୁ ସେ ବିଷୟରେ ଟିପ୍ସ ଦେବୁ ।

**ଆବଶ୍ୟକୀୟ ସାମଗ୍ରୀ:** ସୁଜି, ଦହି, ସୋରିଷ:- ଜୀରା ବଟା, କଟା ପିଆଜ, କଞ୍ଚାଲଙ୍କା ବଟା, ଭୁର୍ସୁଙ୍ଗ ପତ୍ର, କଟା ଟମାଟୋ, ସ୍ୱାଦ ଅନୁସାରେ ଲୁଣ, ଖାଇବା ସୋଡା ଓ ତେଲ ।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ଏକ କଡେଇରେ ତେଲ ଗରମ କରି ସେଥିରେ ସୋରିଷ-ଜୀରା ବଟା, କଟା ପିଆଜ, କଞ୍ଚାଲଙ୍କା ବଟା, ଭୁର୍ସୁଙ୍ଗ ପତ୍ର ଓ କଟା ଟମାଟୋ ପକାଇ ଭାଜି ରଖନ୍ତୁ । ଏବେ ଆଉ ଏକ ପାତ୍ରରେ ଦହି ଓ ପାଣି ମିଶାଇ ସେଥିରେ ସୁଜି ପକାଇ ଭଲଭାବେ ଗୋଳାନ୍ତୁ । ଏହାପରେ ଦହି ଓ ସୁଜି ମିଶ୍ରଣରେ ଭଜା ମସଲା, ଲୁଣ ଓ ଖାଇବା ସୋଡା ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ । ଏବେ ଏକ ଛାଞ୍ଚରେ ତେଲ ମାରି ମସଲାଗୋଳା ସୁଜିକଚ ରଖି ଘୋଡଣୀ ଘୋଡାଇ ଦିଅନ୍ତୁ । ୫ ମିନିଟ୍ ପରେ ଘୋଡଣୀ ବାହାର କରି ତାକୁ ଲେଉଟାଇ ଦେଇ ପୁଣି ଘୋଡଣୀ ଘୋଡାଇ ଦିଅନ୍ତୁ । ଦୁଇ ମିନିଟ୍ ପରେ ପ୍ରସ୍ତୁତ ହୋଇଯିବ ସ୍ୱାଦିଷ୍ଟ 'ସୁଜି ଆପେ' ।

**ଖବର**

## କୋରାପୁଟରେ ଚାଲିଛି 'କମ୍ରେଡ କଲ୍ୟାଣ' ଫିଲ୍ମର ସୁଟିଂ




କୋରାପୁଟ ଜିଲ୍ଲାର ପ୍ରାକୃତିକ ପରିବେଶ ସବୁ ସମୟରେ ଫିଲ୍ମ ସୁଟିଂ ଲାଗି ନିର୍ଦ୍ଦେଶକ ଓ ନିର୍ମାତାଙ୍କୁ ଆକୃଷ୍ଟ କରି ଆସିଛି । ଆଗରୁ ଏଠାରେ ଓଡ଼ିଆ ଫିଲ୍ମ ସୁଟିଂ ହେଉଥିଲା । ବର୍ତ୍ତମାନ ଦକ୍ଷିଣ ଭାରତୀୟ ଫିଲ୍ମ(ତେଲୁଗୁ ଓ ତାମିଲ)ସୁଟିଂ ପାଇଁ କୋରାପୁଟ ଜିଲ୍ଲାରେ ନିର୍ମାତା, ନିର୍ଦ୍ଦେଶକ, କଳାକାରଙ୍କ ଭିଡ଼ ଜମୁଛି । ନିକଟରେ ପ୍ରଖ୍ୟାତ ଫିଲ୍ମ ନିର୍ଦ୍ଦେଶକ ଏସଏସ ରାଜାମୌଳି ତାଙ୍କର ଏକ ହାଇ ବଜେଟର ଫିଲ୍ମ ଏସଏସବିଏମ ୨୯ ସୁଟିଂ ପାଇଁ ଡେରା ପକାଇଥିଲେ ।। ତାଙ୍କ ସହିତ ଅଭିନେତା ମହେଶ ବାବୁ ଓ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ମଧ କୋରାପୁଟ ଆସିଥିଲେ । ଯାହା ଚର୍ଚ୍ଚାର ବିଷୟ ପାଲଟିଥିଲା । ବର୍ତ୍ତମାନ ନକ୍ସଲଙ୍କ ଜୀବନଧାରା ଉପରେ ତେଲୁଗୁ ଫିଲ୍ମ 'କମ୍ରେଡ କଲ୍ୟାଣ'ର ସୁଟିଂ ଚାଲିଛି । ଫିଲ୍ମରେ ମୁଖ୍ୟ ଅଭିନେତା ଓ ଅଭିନେତ୍ରୀଙ୍କ ସହିତ କେତେକ ସିନ୍ରେ ସ୍ଥାନୀୟ ଯୁବକ ଯୁବତୀଙ୍କୁ ଅଭିନୟର ସୁଯୋଗ ଦେଉଛି ଫିଲ୍ମ ପ୍ରଯୋଜନା ସଂସ୍ଥା । ଦକ୍ଷିଣୀ ଫିଲ୍ମ ଇଣ୍ଡଷ୍ଟ୍ରି କୋରାପୁଟକୁ ଫିଲ୍ମ ସୁଟିଂ ପାଇଁ ଗୁରୁତ୍ୱ ଦେବା ଜିଲ୍ଲାକୁ ଏକ ସ୍ୱତନ୍ତ୍ର ପରିଚୟ ଦେଉଛି ଯଦେଓମାଳି, ଡଳମାଳି, କାଳିଆମାଳି, ଜୟପୁର, ସେମିଳିଗୁଡ଼ା, କୋରାପୁଟ ଜଗନ୍ନାଥ ମନ୍ଦିର, ଡୁଡୁମା ଆଦି ବିଭିଉ ସ୍ଥାନରେ ଏହି ଫିଲ୍ମ କମ୍ରେଡ କଲ୍ୟାଣର ସୁଟିଂ ଚାଲିଛି । ଏହି ଫିଲ୍ମର ନିର୍ଦ୍ଦେଶକ ଜାନକୀ ରାମ ମାରେଲା, ନିର୍ମାତା ଭେଙ୍କଟ କ୍ରିଷ୍ଣା ରହିଥିବା ବେଳେ ମୁଖ୍ୟ ଚରିତ୍ର ତଥା ନାୟକ ଭାବେ ତେଲଗୁ ଷ୍ଟାର ଶ୍ରୀବିଷ୍ଣୁ ଓ ନାୟିକା ଭାବେ ମାଲାୟଲମ ଅଭିନେତ୍ରୀ ମହିମା ନାମ୍ବିଆର ଅଭିନୟ କରୁଛନ୍ତି । ନକ୍ସଲଙ୍କ ଜୀବନ ଉପରେ ଆଧାରିତ ଏହି ଫିଲ୍ମ କାଳିଆ ମାଳି, ଦୁଧାରୀ ଓ କୋରାପୁଟ ଜଗନ୍ନାଥ ମନ୍ଦିର ଠାରେ ସୁଟିଂ ହୋଇ ସାରିଛି । ଆଗକୁ ପ୍ରାୟ ୧୦/୧୨ ଦିନ ଧରି ଜିଲ୍ଲାର ବିଭିଉ ସ୍ଥାନରେ ସୁଟିଂ ହେବ ବୋଲି ପ୍ରଯୋଜନା ସଂସ୍ଥାକୁ ସହଯୋଗ କରୁଥିବା ସେମିଳିଗୁଡ଼ାର ଯୁବକ ଗୌତମ କହିଛନ୍ତି । ଫିଲ୍ମରେ ଅଭିନୟ ପାଇଁ ସୁଯୋଗ ପାଇଥିବା ସ୍ଥାନୀୟ ଅଞ୍ଚଳର ମହିଳା ପିଙ୍କି ଦାସ କହିଛନ୍ତି ଯେ ଅଭିନୟର ସୁଯୋଗ ପାଇ ସେ ବହୁତ ଉତ୍ସାହିତ । ଫିଲ୍ମରେ ସ୍ଥାନୀୟ କଳାକାରଙ୍କୁ ସୁଯୋଗ ମିଳୁଛି ଏବଂ ସ୍ଥାନୀୟ ଲୋକଙ୍କୁ ରୋଜଗାର ମଧ ମିଳୁଛି ।

## ଡାଏଟ୍‌ରେ ସାମିଲ କରନ୍ତୁ ଡାଲି



ମୁଗ ଡାଲି ଖାଇବାକୁ ସ୍ୱାଦିଷ୍ଟ ଲାଗିଥାଏ । ପ୍ରାୟ ସମସ୍ତଙ୍କ ଘରେ ମୁଗ ଡାଲି ହୋଇଥାଏ । ଏଥିରୁ ବିଭିନ୍ନ ପ୍ରକାର ବ୍ୟନ ପ୍ରସ୍ତୁତ ହୋଇଥାଏ । ତେବେ ଏହା କେବଳ ପାଟିକୁ ସୁଆଦିଆ ଲାଗେ ନାହିଁ । ଏଥିରେ ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ମଧ୍ୟ ରହିଛି । ଏହି ଡାଲି ପେଟ ପାଇଁ ଭଲ । ଏହା ତ୍ୱଚାକୁ ମଧ୍ୟ ସୁସ୍ଥ ରଖେ । ଏହା ବ୍ୟତୀତ ଆହୁରି ଅନେକ ଉପକାର କରିଥାଏ । ତା'ହେଲେ ଆସନ୍ତୁ ଜାଣିବା ପ୍ରତ୍ୟେକ ଦିନ ମୁଗ ଡାଲି ଖାଇଲେ, ଶରୀରକୁ ଅନ୍ୟ କେଉଁ ସବୁ ଲାଭ ମିଳିଥାଏ ।

୧- ମୁଗ ଡାଲି ଶରୀର ମେଟାବୋଲିଜିମକୁ ଠିକ୍ ରଖେ ।

୨- ଏଥିରେ ଥିବା ଫାଇବର ପାଚନ ତନ୍ତ୍ରକୁ ମଜବୁତ୍ ରଖିଥାଏ ।

୩- ଯଦି ଆପଣ ନିଜ ଡାଏଟରେ ମୁଗ ଡାଲିକୁ ସାମିଲ କରିବେ,ତା'ହେଲେ ଓଜନ କମ୍ କରିପାରିବେ ।

୪- ମୁଗ ଡାଲିରେ ପୋଟାସିୟମ୍, ମ୍ୟାଗ୍ନେସିୟମ୍ ଓ ଫାଇବର ଭରରପୂର ମାତ୍ରାରେ ଥିବାରୁ ବ୍ଲଡ ପ୍ରେସର ନିୟନ୍ତ୍ରିତ ହୋଇଥାଏ ।

୫- ଏହାକୁ ଖାଇଲେ ରୋଗ ପ୍ରତିରୋଧକ ଶକ୍ତି ବଢିଥାଏ ।

## ଶରୀର ପାଇଁ ଖୁବ ଉପକାରୀ ଗୋଲମରିଚ



ଆମ ରୋଷେଇ ଘରେ ଥିବା ଏକ ମସଲା ହେଉଛି ଗୋଲ ମରିଚ। ଏହା ପାଟିକୁ ରାଗ ଲାଗୁଥିଲେ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଉପକାରୀ । ବିଶେଷଜ୍ଞଙ୍କ କହିବା ଅନୁସାରେ ଗୋଲମରିଚ ଖାଇଲେ ଆୟୁଷ ବଢିଥାଏ। ଗୋଲମରିଚରେ ଆଇରନ୍,ପୋଟାସିୟମ୍, ଫସଫରସ୍, ମାଙ୍ଗାନିଜ୍, ଜିଙ୍କ୍, କ୍ରୋମିୟମ୍, ଭିଟାମିନ୍-ଏ ଓ 'ସି'ଭଳି ଅନେକ ପୋଷକ ତତ୍ତ୍ୱ ରହିଛି, ଯାହା ଶରୀର ପାଇଁ ଖୁବ ଉପକାରୀ।

♦ ଗବେଷଣା ଅନୁସାରେ ଯେଉଁ ବ୍ୟକ୍ତି ନିଜ ଖାଦ୍ୟରେ ଗୋଲମରିଚକୁ ସାମିଲ କରନ୍ତି, ଅନ୍ୟମାନଙ୍କ ତୁଳନାରେ ସେମାନଙ୍କ ବୟସ ୮.୨ ବର୍ଷ ବଢିଯାଇଥାଏ । ଗୋଲମରିଚ ଦେହ ପାଇଁ ଭଲ, କିନ୍ତୁ ବିଶେଷଜ୍ଞଙ୍କ ମତରେ ଏହାକୁ ଗରମ କରି ଖାଇଲେ ଅଧିକ ସୁଫଳ ମିଳିଥାଏ ।

♦ ଗୋଲମରିଚରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ କ୍ୟାନସର ଓ କାର୍ଡିଓଭାସ୍କୁଲାର ରୋଗ ସହିତ ଲଢେଇ କରିଥାଏ । ତେଣୁ ଆପଣଙ୍କ ହାର୍ଟ ସୁସ୍ଥ ରହିଥାଏ । ସେଥିପାଇଁ ପ୍ରତ୍ୟେକ ଦିନ ନିଜ ଡାଏଟରେ ଗୋଲମରିଚକୁ ସାମିଲ କରିବା ପାଇଁ ଆୟୁର୍ବେଦିକ ଡାକ୍ତର ପରାମର୍ଶ ଦେଇଥାନ୍ତି ।

♦ ଯଦି ଭୋକ ଲାଗୁନାହିଁ, ତେବେ ଗୋଲମରିଚକୁ ଉଷୁମ ପାଣିରେ ପକାଇ ପିଇବା ଦ୍ୱାରା ଭୋକ ବଢିଥାଏ ।

♦ ସେହିପରି ଋତୁସ୍ରାବ ସମୟରେ ହେଉଥିବା ଯନ୍ତ୍ରଣାକୁ ମ୍ କରିବା ପାଇଁ ଗୋଲମରିଚ ସବୁଠୁ ଭଲ । ଏହି ସମୟରେ ଗୋଲମରିଚ ଓ ସୁଣ୍ଠିକୁ ଉଷୁମ ପାଣି ସହିତ ପିଇଲେ ପେଟ ଯନ୍ତ୍ରଣା କମ୍ ହୋଇଥାଏ ।

♦ ଗ୍ୟାସ, ଅଜୀର୍ଣ୍ଣ କିମ୍ୱା କୋଷ୍ଠକାଠିନ୍ୟ ସମସ୍ୟାରୁ ମଧ୍ୟ ଗୋଲମରିଚ ମୁକ୍ତି ଦେଇଥାଏ । ଗୋଲମରିଚ ଶରୀରରେ ପାଚନ କ୍ରିୟାକୁ ସନ୍ତୁଳିତ ରଖିଥାଏ । ତେଣୁ ପେଟ ଫୁଲିବା, ଗ୍ୟାସ, ଅଜୀର୍ଣ୍ଣ କିମ୍ୱା କୋଷ୍ଠ କାଠିନ୍ୟ ସମସ୍ୟା ଦୂର ହୋଇଥାଏ ।

## ଗୃହରେ ଆର୍ଥିକ ସମୃଦ୍ଧି ବୃଦ୍ଧି ପାଇଁ ତୁଳସୀଙ୍କୁ ଏହି ଉପାୟରେ ପୂଜା କରନ୍ତୁ



ଯଦି ଆପଣଙ୍କୁ ନିଜ ଘରେ ନକରାତ୍ମକ ଶକ୍ତି ରହିଥିବାର ଅନୁଭବ ହୋଇଥାଏ, ତେବେ ରାତିରେ ଶୋଇବା ସମୟରେ ନିଜ ତକିଆ ତଳେ ୫ଟି ତୁଳସୀ ପତ୍ର ରଖିବା ଦ୍ୱାରା ଏହି ସମସ୍ୟାରୁ ମୁକ୍ତି ମିଳିଥାଏ। ଦାମ୍ପତ୍ୟ ଜୀବନରେ ଅଶାନ୍ତି ଲାଗି ରହୁଥିଲେ ୫ଟି ତୁଳସୀ ପତ୍ର ନିଜ ପାଖରେ ରଖନ୍ତୁ। ପ୍ରତି ୨୪ ଘଣ୍ଟାରେ ଏହି ପତ୍ରକୁ କାଢି ପାଣିରେ ଭସାଇ ପୁଣି ନୂଆ। ପତ୍ର ଆଣି ରଖନ୍ତୁ। ଏପରି ନିୟମିତ ୨୧ ଦିନ ଯାଏଁ କରିବା ଦ୍ୱାରା ଦମ୍ପତିଙ୍କ ମଧ୍ୟରେ କଳହ ହୋଇନଥାଏ ଓ ଭଲ ପାଇବା ବୃଦ୍ଧି ପାଇଥାଏ। ତୁଳସୀର ୫ଟି ପତ୍ରକୁ ଏକ ଲାଲ କାଗଜରେ ଗୁଡ଼ାଇ ପୂଜାସ୍ଥାନରେ ରଖି ନିୟମିତ ପୂଜା କରନ୍ତୁ। ପୂଜା କରିବା ସମୟରେ ନିଜ ମନୋସ୍କାମନାକୁ କୁହନ୍ତୁ। କିଛି ଦିନ ଏପରି କରିବା ଯାଏଁ ଆପଣ ଏହାର ଶୁଭଫଳ ନିଜେ ଅନୁଭବ କରିବେ। ବାସ୍ତୁ ଶାସ୍ତ୍ର ଅନୁଯାୟୀ, ତୁଳସୀ ବୃକ୍ଷ ପତ୍ରକୁ ଏକାଦଶୀ, ରବିବାର ଓ ମଙ୍ଗଳବାର ଦିନ ତୋଳିବା ଉଚିତ ନୁହେଁ।

ବାସ୍ତୁ ଅନୁଯାୟୀ ଉତ୍ତର-ପୂର୍ବ ଦିଗ ଧନର ଦେବତା କୁବେରଙ୍କ ଦିଗ। ତେଣୁ ଗୃହରେ ଆର୍ଥିକ ସମୃଦ୍ଧି ବୃଦ୍ଧି ପାଇଁ ତୁଳସୀଙ୍କୁ ଉତ୍ତର- ପୂର୍ବ ଦିଗରେ ଲଗାନ୍ତୁ।ଆପଣଙ୍କ ଗୃହରେ ଯଦି ସର୍ବଦା ସମସ୍ୟା ଲାଗି ରହୁଥାଏ, ତେବେ ଘରର ଦକ୍ଷିଣ-ପୂର୍ବ ଦିଗରେ ତୁଳସୀ ବୃକ୍ଷ ଲଗାନ୍ତୁ।

ଯଦି ତୁଳସୀ ବୃକ୍ଷ ସମ୍ପୂର୍ଣ୍ଣ ଶୁଖିଯାଏ, ତେବେ ଏହାକୁ ନିକଟରେ ଥିବା ନଦୀ କିମ୍ୱା କୂଅରେ ବିସର୍ଜନ କରନ୍ତୁ।

ତୁଳସୀ ବୃକ୍ଷ ନିକଟରେ ନିୟମିତ ସନ୍ଧ୍ୟା ସମୟରେ ଦୀପ ଲଗାନ୍ତୁ। ଏପରି କରିବା ଦ୍ୱାରା ଗୃହରେ ସର୍ବଦା ସୁଖ-ସମୃଦ୍ଧି ପ୍ରବେଶ କରିଥାଏ। ତୁଳସୀ ନକରାତ୍ମକ ଶକ୍ତିକୁ ମଧ ଦୂର କରି ଥାଆନ୍ତି। ହିନ୍ଦୁ ପରମ୍ପରାରେ ତୁଳସୀ ପୂଜାକୁ ସୁଖ ଓ କଲ୍ୟାଣର ପ୍ରତୀକ ବୋଲି କୁହାଯାଏ। ସ୍କନ୍ଦ ପୁରାଣ ଅନୁଯାୟୀ, ଯେଉଁ ଘରେ ତୁଳସୀ ବୃକ୍ଷ ଥାଏ, ସେଠାରେ କୌଣସି ସମସ୍ୟା ସୃଷ୍ଟି ହୋଇନଥାଏ। ଭଗବାନ କୃଷ୍ଣଙ୍କ ଭୋଗରେ ଓ ସତ୍ୟନାରାୟଣ କଥା ଭୋଗରେ ତୁଳସୀ ପତ୍ର ପ୍ରୟୋଗ ନହେଲେ ଭୋଗ ଅସମ୍ପୂର୍ଣ୍ଣ ହୋଇଥାଏ ବୋଲି କୁହାଯାଏ।

ଚନ୍ଦ୍ରଗ୍ରହଣ, ଏକାଦଶୀ ଓ ରବିବାର ଦିନ ତୁଳସୀ ପତ୍ର ତୋଳିବା ଉଚିତ ନୁହେଁ। ସୂର୍ଯ୍ୟାସ୍ତ ପରେ ମଧ ତୁଳସୀ ପତ୍ର ତୋଳିବା ଉଚିତ ନୁହେଁ।

ସକାଳୁ ସକାଳୁ ତୁଳସୀଙ୍କୁ ଦର୍ଶନ କରିବା ଶହେ ଗ୍ରାମ ସୁନା ଦାନ କରିବା ସହ ସମାନ ବୋଲି କୁହାଯାଇଛି। ଘର ଅଗଣାରେ ତୁଳସୀ ରହିଲେ କଲ୍ୟାଣକାରୀ, ଧନ ବୃଦ୍ଧି, ପୁତ୍ର ସୁଖ, ପୁଣ୍ୟଦାୟିନୀ ହୋଇଥାଏ ବୋଲି କୁହାଯାଏ। ତୁଳସୀ ପତ୍ରକୁ ନିୟମିତ ଖାଲି ପେଟରେ ଖାଇବା ଦ୍ୱାରା ଶରୀର ସୁସ୍ଥ ରହିଥାଏ। ଏହା ବହୁ ରୋଗରୁ ମଧ ରକ୍ଷା କରିଥାଏ। ରକ୍ତ ସଫା ରହିବା ସହ କେଶ ଝଡ଼ିବା ବନ୍ଦ ହୋଇଥାଏ।



## ମାର୍ଗଶୀର ମାସେ ଘରେ ନିଶ୍ଚୟ ବଜାନ୍ତୁ ଶଙ୍ଖ

ମାର୍ଗଶୀର ମାସର ଧାର୍ମିକ ମହତ୍ୱ ସହ ବାସ୍ତୁ ଅନୁଯାୟୀ ମଧ ଏହାର ବିଶେଷତ୍ୱ ରହିଛି। ଏହି ମାସରେ ମା'ଲକ୍ଷ୍ମୀଙ୍କ ସହ ଭଗବାନ ବିଷ୍ଣୁଙ୍କୁ ପୂଜା କରିବା ଖୁବ ଶୁଭଙ୍କର। ଏହାଦ୍ୱାରା ସକରାତ୍ମକ ଶକ୍ତି ବୃଦ୍ଧି ପାଇଥାଏ। ଏହି ମାସରେ



ପ୍ରତିଦିନ କର୍ପୂର ଜଳାନ୍ତୁ। ଘରର ସ୍ୱଚ୍ଛତା ପ୍ରତି ଧ୍ୟାନ ଦିଅନ୍ତୁ।ଏହି ମାସରେ ଘରେ ପ୍ରତିଦିନ ଶଙ୍ଖ ବଜାନ୍ତୁ। ଏହି ମାସରେ ଗୀତା ପାଠ କରନ୍ତୁ। ଏହି ମାସରେ ଘରର ମୁଖ୍ୟ ଦ୍ୱାର ନିକଟରେ ସୁନ୍ଦର ସୁନ୍ଦର ଝୋଟି ଆଙ୍କନ୍ତୁ। ଏହାଦ୍ୱାରା ମା'ଲକ୍ଷ୍ମୀଙ୍କ ବିଶେଷ କୃପା ସର୍ବଦା ମିଳିଥାଏ। ଘରେ ନିଶ୍ଚୟ ଗଙ୍ଗାଜଳ ଛିଂଚନ କରନ୍ତୁ। ଏହା ଖୁବ ଶୁଭ। ଏହି ମାସରେ ଶଙ୍ଖରେ ନିଶ୍ଚୟ ଜଳ ରଖନ୍ତୁ। ଶଙ୍ଖର ପୂଜା ମଧ କରନ୍ତୁ।ଭଗବାନ ବିଷ୍ଣୁଙ୍କୁ ତୁଳସୀ ଅର୍ପଣ କରନ୍ତୁ। ଏହି ମାସରେ ଅଧିକ ସମୟ ଯାଏଁ ଶୟନ କରନ୍ତୁ ନାହିଁ।

## ୪୮ ମଣ୍ଡଳ ନାମ ସଂକୀର୍ତ୍ତନ ବାଲିଯାତ୍ରା



**ଭୁବନେଶ୍ୱର,୧୨।୧୧ (ମହାଭାରତ):** ପ୍ରତିବର୍ଷ ଭଳି ଚଳିତବର୍ଷ ଗୌରବମୟ ୪୮ ମଣ୍ଡଳ ନାମ ସଂକୀର୍ତ୍ତନ ବାଲିଯାତ୍ରା ମହୋତ୍ସବ ପୁରୁଣା ବାରଙ୍ଗ ଠାରେ ଆରମ୍ଭ ହୋଇଛି। ଆଜି ସକାଳୁ କଣ୍ଠା ପାଟଣା ସ୍ଥିତ ମଠ ମନ୍ଦିରରୁ ପ୍ରଭୁ ମଦନମୋହନଙ୍କୁ ବିରାଟ ସଂକୀର୍ତ୍ତନ ଶୋଭାଯାତ୍ରାରେ ମହୋତ୍ସବ ସ୍ଥଳକୁ ନିଆଯାଇଥିଲା। ଏଥିରେ ହଜାର ହଜାର ସଂଖ୍ୟାରେ ଭକ୍ତ ସାମିଲ ହୋଇ ନାମ ସଂକୀର୍ତ୍ତନ କରିଥିଲେ। ଏହି ଅବସରରେ ମହୋତ୍ସବ ସ୍ଥଳରେ ରାତିରେ ୪୮ ମଣ୍ଡଳ ମହନ୍ତ ଡ. ମନ୍ମଥ ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, କଟକ ବାରବାଟୀ ବିଧାୟକ ଶୋଫିଆ ଫିର୍ଦୋସ, ସମାଜସେବୀ ନାରାୟଣ ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ଆଶିଷ ସାହୁ, ଆର୍ତ୍ତଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅତୀତର ସ୍ମୃତିକୁ ମନେ ପକାଇ ଆମର ପୁରୁଣା ଓଡିଶୀ ସଂକୀର୍ତ୍ତନ ବିଷୟରେ ଆଗାମୀ ପିଢିକୁ ଆକୃଷ୍ଟ କରିବା ପାଇଁ ଯେଉଁ ଉଦ୍ୟମ କରାଯାଇଛି ତାହାକୁ ପ୍ରଶଂସା କରିଥିଲେ। ଏହି ଆଧ୍ୟାତ୍ମିକ ଉତ୍ସବରେ ଆଖପାଖ ଅଞ୍ଚଳର ୩୦ ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଶେଷରେ ଅଞ୍ଚଳର ପ୍ରତିଭାବାନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# କଳା, ସଂସ୍କୃତି ଓ ଆଧ୍ୟାତ୍ମିକତାର ଭୂମି ଓଡ଼ିଶା

**ଭୁବନେଶ୍ୱର,୧୨।୧୧ (ମହାଭାରତ):** ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଶନିବାର ଦିନ ଗୁଜୁରାଟର ନର୍ମଦା ଜିଲ୍ଲା ଏକତା ନଗର (କେଓ୍ୱଡିଆ) ସ୍ଥିତ ଷ୍ଟାଚ୍ୟୁ ଅଫ୍ ୟୁନିଟି ନିକଟରେ ଭାରତ ପର୍ବ ୨୦୨୫ରେ ଯୋଗ ଦେଇଛନ୍ତି। ଏହି ଅବସରରେ ସମ୍ବୋଧିତ କରି ଅନ୍ୟ ରାଜ୍ୟର ଲୋକଙ୍କୁ କଳା, ସଂସ୍କୃତି ଓ ଆଧ୍ୟାତ୍ମିକତାର ଭୂମି ଓଡ଼ିଶା ପରିଦର୍ଶନ କରିବାକୁ ନିମନ୍ତ୍ରଣ କରିଛନ୍ତି।

ଭାରତ ପର୍ବ ହେଉଛି ଏକ ଭାରତ ଶ୍ରେଷ୍ଠ ଭାରତର ଭାବନାକୁ ପାଳନ କରିବା ପାଇଁ ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏକ ବାର୍ଷିକ ଜାତୀୟ ଉତ୍ସବ। ଏହି କାର୍ଯ୍ୟକ୍ରମ ବିଭିନ୍ନ ରାଜ୍ୟର ପ୍ରଦର୍ଶନୀ, ଖାଦ୍ୟ, ହସ୍ତଶିଳ୍ପ, ସଙ୍ଗୀତ ଏବଂ ନୃତ୍ୟ ପ୍ରଦର୍ଶନ ମାଧ୍ୟମରେ ଭାରତର ସାଂସ୍କୃତିକ ବିବିଧତାକୁ ପ୍ରଦର୍ଶିତ କରେ। ଏହା ଗୋଟିଏ ସ୍ଥାନରେ ଭାରତର ପରମ୍ପରାର ଏକତା ଏବଂ ସମୃଦ୍ଧିକୁ ଅନୁଭବ କରିବା ପାଇଁ ଲୋକଙ୍କ ପାଇଁ ଏକ ମଞ୍ଚ ଭାବରେ କାର୍ଯ୍ୟ କରେ।

ରାଜ୍ୟପାଳ କହିଛନ୍ତି ଯେ ଓଡ଼ିଶା ଏପରି ଏକ ରାଜ୍ୟ ଯେଉଁଠାରେ ଇତିହାସ, ଐତିହ୍ୟ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟ ସୁନ୍ଦର ଭାବରେ ଏକତ୍ରିତ ହୋଇଛି। ସ୍ୱର୍ଣ୍ଣ ତ୍ରିଭୁଜ ଗଠନ କରୁଥିବା ଭୁବନେଶ୍ୱର, ପୁରୀ ଏବଂ କୋଣାର୍କର ପ୍ରସିଦ୍ଧ



ମନ୍ଦିର ବିଷୟରେ ରାଜ୍ୟପାଳ ଏହି ସମାରୋହରେ ଅବତାରଣା କରିଥିଲେ। ଚାନ୍ଦିପୁର ଏବଂ ଗୋପାଳପୁରର ଶାନ୍ତ ବେଳାଭୂମି, ସିମିଳିପାଳ ଏବଂ କୋରାପୁଟର ସବୁଜ ଜଙ୍ଗଲ, ମନୋରମ ଚିଲିକା ଲାଗୁନ ଏବଂ ମୟୂରଭଞ୍ଜର ସମୃଦ୍ଧ ଆଦିବାସୀ ସଂସ୍କୃତି ସମ୍ପର୍କରେ ଉଲ୍ଲେଖ କରି ଓଡିଶାର ପ୍ରତ୍ୟେକ କୋଣ ଭକ୍ତି, ସୃଜନଶୀଳତା ଏବଂ ଶକ୍ତିର କାହାଣୀ କୁହେ, ବୋଲି ରାଜ୍ୟପାଳ କହିଥିଲେ।

ପ୍ରଭୁ ଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା, ସୁନ୍ଦର ଓଡିଶୀ ନୃତ୍ୟ, ଅନନ୍ୟ ପଟ୍ଟଚିତ୍ର ଏବଂ ପିପିଲିର ରଙ୍ଗୀନ ଚାନ୍ଦୁଆ କାମକୁ ଓଡ଼ିଶାର ସମୃଦ୍ଧ କଳା ଐତିହ୍ୟର ପ୍ରତୀକ ଭାବରେ ରାଜ୍ୟପାଳ ଉଲ୍ଲେଖ କରିଥିଲେ। ଓଡ଼ିଶା ପରିଦର୍ଶନ କରି ଏହାର ଜୀବନ୍ତ ପରମ୍ପରା ଏବଂ ଆତିଥ୍ୟ ଅନୁଭବ କରିବାକୁ ଅନ୍ୟ ରାଜ୍ୟର ଲୋକଙ୍କୁ ରାଜ୍ୟପାଳ ସ୍ୱାଗତ କରିଥିଲେ।

ରାଜ୍ୟପାଳ କହିଥିଲେ ଯେ ଷ୍ଟାଚ୍ୟୁ ଅଫ୍ ୟୁନିଟି ତଳେ ଠିଆ ହେବା ଏକ ଗର୍ବର ମୁହୂର୍ତ୍ତ ଯାହା ଭାରତର ବିବିଧତାରେ ଏକତାକୁ ପ୍ରତିନିଧିତ୍ୱ କରେ। ରାଷ୍ଟ୍ରୀୟ ଏକତା ଦିବସ ଏବଂ ଏକ ଭାରତ ଶ୍ରେଷ୍ଠ ଭାରତ ପ୍ରୟାସ ଆରମ୍ଭ କରିବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଓ ଉଦ୍ୟମ ପାଇଁ ପ୍ରଶଂସା କରିଥିଲେ।

ରାଜ୍ୟପାଳ ଡ. କମ୍ଭମପାଟି କହିଛନ୍ତି ଯେ ଭାରତ ପର୍ବ ଦେଶକୁ ଏକତ୍ର କରିଥିବା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଆତ୍ମାକୁ ପ୍ରତିଫଳିତ କରେ। ଏହି କାର୍ଯ୍ୟକ୍ରମ କଳା, ସଙ୍ଗୀତ, ଖାଦ୍ୟ ଏବଂ ହସ୍ତଶିଳ୍ପ ମାଧ୍ୟମରେ ଭାରତର ବିବିଧତାକୁ ପାଳନ କରେ। ଭାରତର ଐତିହ୍ୟରେ ଏକତା, ସଦଭାବ ଏବଂ ଗର୍ବ ବଜାୟ ରଖିବାକୁ ରାଜ୍ୟପାଳ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ। ଭାରତ ପର୍ବରେ ଯୋଗଦେବା ପୂର୍ବରୁ ରାଜ୍ୟପାଳ ସର୍ଦ୍ଦାର ସରୋବର ଡ୍ୟାମ ପରିଦର୍ଶନ କରିଥିଲେ। ଏହା ଇଞ୍ଜିନିୟରିଂର ଏକ ଅବିଶ୍ୱସନୀୟ କୃତି ଏବଂ ଭାରତର ଦୃଷ୍ଟିକୋଣ ଏବଂ ପ୍ରଗତିର ପ୍ରତୀକ ବୋଲି କହିଥିଲେ।

ରାଜ୍ୟପାଳ କେଓ୍ୱଡିଆରେ ଷ୍ଟାଚ୍ୟୁ ଅଫ୍ ୟୁନିଟି ମଧ୍ୟ ପରିଦର୍ଶନ କରିଥିଲେ। ରାଜ୍ୟପାଳଙ୍କ ସହିତ ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ଏବଂ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମଧ୍ୟ ଉପସ୍ଥିତ ଥିଲେ।

## ଇଣ୍ଡିଆନ୍ ରୋଡ୍ସ କଂଗ୍ରେସ ବାର୍ଷିକ ସମ୍ମିଳନୀ ଉଦଯାପିତ

**ଭୁବନେଶ୍ୱର,୧୨।୧୧ (ମହାଭାରତ):** ଇଣ୍ଡିଆନ୍ ରୋଡ୍ସ କଂଗ୍ରେସ (ଆଇଆରସି)ର ୮୪ତମ ବାର୍ଷିକ ସମ୍ମିଳନୀ ଆଜି ଉଦଯାପିତ ହୋଇଯାଇଛି। ଚାରିଦିନ ଧରି ଜନତା ମଇଦାନରେ ଆୟୋଜିତ ଏହି ମହାସମାବେଶରେ ଦେଶ ଓ ବିଦେଶରୁ ୨,୫୦୦ରୁ ଉର୍ଦ୍ଧ୍ୱ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଯେଉଁଥିରେ ବିଭିନ୍ନ ପ୍ରତିଷ୍ଠାନର ଇଞ୍ଜିନିୟର, ସରକାରୀ ପଦାଧିକାରୀ ତଥା ପ୍ରତିଷ୍ଠିତ ସରକାରୀ ଅନୁଷ୍ଠାନର ରିସର୍ଚ୍ଚ ସ୍କଲାରମାନେ ଯୋଗ ଦେଇଥିଲେ।

ଏହି ଅବସରରେ ସଡ଼କ ବ୍ୟବସ୍ଥା ଓ ଏହାର ପରିଚାଳନା ପ୍ରସଙ୍ଗରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ମୋଟ ୧୯ଟି ବୈଷୟିକ ଅଧିବେଶନ ଆୟୋଜିତ ହୋଇଥିଲା। ଏଥିରେ ଭାରତର ସଡ଼କ ଭିତ୍ତିଭୂମିକୁ ମଜଭୁତ ଓ ଉନ୍ନତ କରିବାକୁ ଯନ୍ତ୍ରୀ ଓ ବିଶେଷଜ୍ଞଙ୍କ ମଧ୍ୟରେ ମାନସ ମନ୍ଥନ ହୋଇଥିଲା। ନଭେମ୍ବର ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ସଡ଼କ ଭିତ୍ତିଭୂମି, ଉନ୍ନତୀକରଣ ଓ ନୂଆ ଜ୍ଞାନକୌଶଳ ସଂପର୍କରେ ଜ୍ଞାନର ଆଦାନପ୍ରଦାନ ହେବା ସହ ସମଗ୍ର ଭାରତ ବର୍ଷରୁ ବିଶେଷଜ୍ଞ, ବୈଜ୍ଞାନିକ, ସଡ଼କ ଯନ୍ତ୍ରୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଏହି ଅବସରରେ ବୈଷୟିକ ଅଧିବେଶନ ମଧ୍ୟ ଅନୁଷ୍ଠିତ ହୋଇଥିଲା। ସଡ଼କ ନିର୍ମାଣ ସମ୍ବନ୍ଧରେ ପ୍ରୟୋଗ ହେଉଥିବା ବିଭିନ୍ନ ଜ୍ଞାନ କୌଶଳକୁ ନେଇ ପ୍ରତିଭାଗୀବୃନ୍ଦ ଆଲୋଚନା କରିଥିଲେ। ବାର୍ଷିକ ଅଧିବେଶନର ଶେଷ ଦିନରେ ଅନୁଷ୍ଠିତ ୨୩୬ତମ ପରିଷଦ ବୈଠକରେ ଅଇଆରସିର ସଭାପତି ମନୋରଞ୍ଜନ ପରିଡ଼ା ଚାରି ଦିନ ଧରି ଅନୁଷ୍ଠିତ ବିଭିନ୍ନ ବୈଷୟିକ ଅଧିବେଶନ ତଥା ସାଂସ୍କୃତିକ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ସମସ୍ତ ସମ୍ପୃକ୍ତ ଅଧିକାରୀ, ପୂର୍ତ୍ତ ବିଭାଗର କାର୍ଯ୍ୟକର୍ତ୍ତା ତଥା ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ। ଶେଷରେ ୮୪ତମ ବ୍ୟବସାୟିକ ବୈଠକରେ ଅନ୍ୟତମ ଆକର୍ଷଣ ଥିଲା।



## ପ୍ରାଚୀନ ଓଡିଆ ଫିଲ୍ମ ସରଂକ୍ଷଣ କାର୍ଯ୍ୟ ଆରମ୍ଭ

**ଭୁବନେଶ୍ୱର,୧୨।୧୧ (ମହାଭାରତ):** ପ୍ରାଚୀନ ଓଡିଆ ଫିଲ୍ମ ସରଂକ୍ଷଣ କରିବା କାର୍ଯ୍ୟ ଆରମ୍ଭ କରିଛି ଏଫଆଇଏଏଫ । ଓଡ଼ିଆ ସିନେମା ବାବଦରେ ବହୁ କମ ଲୋକ ଜାଣନ୍ତି । ସବୁଠୁ ଦୁଃଖର ବିଷୟ ଓଡ଼ିଶାରେ ଫିଲ୍ମ ସରଂକ୍ଷଣ ନେଇ କୌଣସି ଜ୍ଞାନ ହିଁ ନାହିଁ ।ଏପରିକି ଏନେଇ କୌଣସି ପଲିସି ମଧ ନାହିଁ। ଓଡ଼ିଆ ଫିଲ୍ମ ମାୟା ମୃଗ ଜାପାନର ଓଜୋମ ଫିଲ୍ମ ସହ ସମାନ । ତେଣୁ ଓଡ଼ିଆ ଫିଲ୍ମ ସରଂକ୍ଷଣ ନେଇ ସଚେତନତା ଜରୁରୀ ବୋଲି ଏଫଆଇଏଏଫର ପ୍ରତିଷ୍ଠାତା ଶିବେନ୍ଦ୍ର ସିଂ କହିଛନ୍ତି । ଏଥିପାଇଁ ଭୁବନେଶ୍ୱରରେ ଏକ କର୍ମଶାଳା ଆୟୋଜନ କରାଯାଉଛି । ୧୨ ତାରିଖରୁ ୧୯ ତାରିଖ କଳାଭୂମି ଠାରେ ଏହି କର୍ମଶାଳା ଆୟୋଜନ କରାଯାଇଛି। ଏହି କର୍ମଶାଳାକୁ ମୁଖ୍ୟମନ୍ତ୍ରୀ ଶୁଭ ଉଦଘାଟନ କରିବେ । ଏଠାରେ ଫିଲ୍ମ ଜଗତର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବେ । ପ୍ରାଚୀନ ଓଡିଆ ଫିଲ୍ମ ସରଂକ୍ଷଣ ନେଇ ଏଠାରେ ସଚେତନତା କରାଯିବ । ଆମର ଲକ୍ଷ୍ୟ ସବୁ କୋଣ ଅନୁକୋଣରେ ଓଡ଼ିଆ ସଂସ୍କୃତିର ପ୍ରଚାର ପ୍ରସାର ହେବା ଜରୁରୀ । ରାଜ୍ୟ ସରକାରଙ୍କୁ ମଧ୍ୟ ଏକ ପ୍ରସ୍ତାବ ଦିଆଯାଇଛି ଏଠି ଓଡ଼ିଆ ଫିଲ୍ମର ଏକ ଆର୍କାଇଭ ତିଆରି କରିବା ପାଇଁ । ରାଜ୍ୟର ସଂସ୍କୃତି ପ୍ରସାର ପ୍ରଚାର ପାଇଁ ଫିଲ୍ମ ପାଇଁ ଏକ ନିୟମ ରହିବା ଆବଶ୍ୟକ ବୋଲି ସେ କହିଛନ୍ତି।

## ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



**ଭୁବନେଶ୍ୱର,୧୨।୧୧ (ମହାଭାରତ):** ନିମାପଡ଼ା ଗସ୍ତରେ ଥିବାବେଳେ ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ଟାଉନ୍ ହଲ୍‌ଠାରେ ଆୟୋଜିତ ବ୍ଲକ୍ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାରେ ଯୋଗଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା । ଏହି ଅବସରରେ ପ୍ରଭାତି ପରିଡା ନିମାପଡ଼ା ବ୍ଲକରେ ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ସହ ଜଡ଼ିତ ସମସ୍ତ ଯୋଜନାର ସର୍ବାଧିକ ଉପଯୋଗ କରିବା ପାଇଁ ଅଞ୍ଚଳର ଚାଷୀ ଭାଇ ଏବଂ ଭଉଣୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ନିମାପଡ଼ା ନିର୍ବାଚନ ମଣ୍ଡଳୀ ପାଇଁ ନାଲକୋର ସହାୟତାରେ ଉପଲବ୍ଧ ହୋଇଥିବା ଏକ ପ୍ରାଣୀ ଆମ୍ବୁଲାନ୍ସର ଶୁଭାରମ୍ଭ କରିଛନ୍ତି । ଏହି ଆମ୍ବୁଲାନ୍ସ ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱାରା ପରିଚାଳିତ ହେବ । ଏହି କାର୍ଯ୍ୟକ୍ରମରେ ଜଗତସିଂପୁର ଲୋକସଭା କ୍ଷେତ୍ରର ମାନ୍ୟବର ସାଂସଦ ବିଭୁ ତରାଇ, ନିମାପଡ଼ା ବ୍ଲକ୍ ଅଧକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷା ଏବଂ ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ରାଜନେତା ଓ କବି ଶଙ୍କର ପରିଡ଼ାଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୧୨।୧୧ (ମହାଭାରତ):** ରାଜନୀତିରେ ମୂଲ୍ୟବୋଧ ଓ ସ୍ୱଚ୍ଛତା ସାଙ୍ଗକୁ ସାହିତ୍ୟରେ ଯୁବଲେଖକମାନଙ୍କୁ ପ୍ରେରଣା ଦେବାରେ ରାଜନେତା ତଥା କବି ଶଙ୍କର ପରିଡ଼ା ସ୍ମରଣୀୟ ରହିବେ। ଆଜି ଗୀତଗୋବିନ୍ଦ ସଦନରେ ସ୍ୱର୍ଗୀୟ ପରିଡ଼ାଙ୍କ ଏକାଦଶାହ ଅବସରରେ ଆୟୋଜିତ ଶୋକସଭାରେ ତାଙ୍କ ଉଦ୍ଦେଶ୍ୟରେ ବକ୍ତାମାନେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

ଓଡ଼ିଆ ଯୁବଲେଖକ ସମ୍ମେଳନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶୋକସଭାରେ ପ୍ରସିଦ୍ଧ କବି ତଥା ସମ୍ମେଳନର ପ୍ରାକ୍ତନ ସଭାପତି ଅମରେଶ ପଟ୍ଟନାୟକ ଅଧକ୍ଷତା କରିଥିବାବେଳେ ରାଜ୍ୟରେ ନିଶା ନିବାରଣର ପ୍ରମୁଖ କର୍ଣ୍ଣଧାର ତଥା ପୂର୍ବତନ ବିଧାୟକ ପଦ୍ମଚରଣ ନାୟକ ଓ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ ଉପସ୍ଥିତ ରହି ସ୍ୱର୍ଗୀୟ ପରିଡ଼ାଙ୍କ କୃତି ଓ କୃତିତ୍ୱ ନେଇ ବକ୍ତବ୍ୟ ରଖିଥିଲେ।

ସ୍ୱର୍ଗୀୟ ପରିଡ଼ାଙ୍କ ଫଟୋଚିତ୍ରରେ ସମସ୍ତଙ୍କ ଶ୍ରଦ୍ଧାସୁମନ ଅର୍ପଣ ପରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଯୁବଲେଖକ ସମ୍ମେଳନର ସାଧାରଣ ସଂପାଦକ ବନୋଜ ତ୍ରିପାଠୀ ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଦଳମତ ନିର୍ବିଶେଷରେ ବିଭିନ୍ନ ରାଜନେତା ତଥା କବି-ଲେଖକ-ସଂପାଦକବୃନ୍ଦ ନିଜ ନିଜ ବକ୍ତବ୍ୟରେ ସ୍ୱର୍ଗୀୟ ପରିଡ଼ାଙ୍କ ଅନନ୍ୟ ଇଚ୍ଛାଶକ୍ତି, ସାଂଗଠନିକ ଦକ୍ଷତା, ଭାଷା ଆନ୍ଦୋଳନ ତଥା ପଂଚାୟତିରାଜ ଆନ୍ଦୋଳନରେ ତାଙ୍କର ଭୂମିକା ଏବଂ ସାରସ୍ୱତ ଅବଦାନ ଉପରେ ଆଲୋକପାତ କରିଥିଲେ।

ସଜ୍ଜନ ଶର୍ମା, ରକ୍ଷକ ନାୟକ, ସରୋଜ ବଳ, ଶରତ କୁମାର ନାୟକ, ଉମାକାନ୍ତ ରାଉତ (ଅରୂପ), ଦିଲ୍ଲୀପ ଶତପଥୀ, ସୂର୍ଯ୍ୟ ରଥ, ଅଶୋକ ପୁହାଣ, ସୁବୋଧ କାନୁନଗୋ, ଦେବପ୍ରସାଦ ପରିଜା, ଶ୍ୟାମପ୍ରକାଶ ସେନାପତି, ପ୍ରଫୁଲ୍ଲ ଚକ୍ର, ଚିନ୍ମୟୀ ଷଡ଼ଙ୍ଗୀ, ରମଣ ଅଗ୍ରୱାଲ, ଶ୍ୟାମାକିଙ୍କର ମହାନ୍ତି, ପିନାକୀ ମିଶ୍ର, ନିରୁପମା ରଥ, ଜୟଶ୍ରୀ ପଟ୍ଟନାୟକ, ପ୍ରମୋଦ ପ୍ରଧାନ, ସଞ୍ଜୁଲତା ମହାନ୍ତି ପଟ୍ଟନାୟକ, ସନ୍ନ୍ୟାସୀ ନାୟକ, ବିପିନ ମହାନ୍ତି, ପ୍ରିୟରଞ୍ଜନ ସାହୁ, ମିହିର କୁମାର ସାହୁ, ଅରୁଣ ଜେନା, ଅରୁଣ କୁମାର ସାହୁ, ଭବାନୀ ପ୍ରସାଦ ମିଶ୍ର, ଅମୀୟ ରଞ୍ଜନ ମହାପାତ୍ର, ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, ଶକୁନ୍ତଳା ଓଝା, ସୂର୍ଯ୍ୟ ଦେଓ, ଶତ୍ରୁଜିତ, ବୀରେନ୍ଦ୍ର ମହାନ୍ତି, ମାଧବାନନ୍ଦ ବେଉରା, ମାଧବ ମିଶ୍ର, ପ୍ରଜ୍ଞା ପାରମିତା ଲେଙ୍କା, ରଜନୀ ରଣସିଂହ, ସୁଷମା ଦାସ, ମନୋରଞ୍ଜନ ପାଣିଗ୍ରାହୀ, ଦୁର୍ଗା ଚରଣ ଷଡ଼ଙ୍ଗୀ, ତପନ ରଥ, ଅକ୍ଷୟ ବେହେରା, ପ୍ରମୋଦ ସାମନ୍ତରାୟ,ସୁଧୀର ମଉଡ଼ମଣି, ମିନତୀ ଦାସ, ବିଜୟିନୀ ପଣ୍ଡା ଓ ପଲ୍ଲବୀ ଦାସ ପ୍ରମୁଖ ନିଜ ନିଜ ବକ୍ତବ୍ୟ ରଖି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମ୍ମେଳନର ପୂର୍ବତନ ସଂପାଦକ ସୂର୍ଯ୍ୟ ମିଶ୍ର କୃତଜ୍ଞତା ଜ୍ଞାପନ କରିଥିଲେ।

## ନୂଆପଡାବାସୀଙ୍କ ସହଯୋଗ ଓ ସ୍ନେହ ପାଇଁ କଂଗ୍ରେସ କୃତଜ୍ଞ

**ଭୁବନେଶ୍ୱର,୧୨।୧୧ (ମହାଭାରତ):** ନିର୍ବାଚନ ପ୍ରଚାରର ଶେଷ ଦିନରେ ନୂଆପଡ଼ାର ଖୁଂଟିଆ ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀ କୁ ସମ୍ବୋଧିତ କରି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, କଂଗ୍ରେସର ନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମକୁ ଉପଯୁକ୍ତ ସମୟ ଦେଇଥିବାରୁ ସମସ୍ତ ଗଣମାଧ୍ୟମର ବନ୍ଧୁମାନଙ୍କୁ ହୃଦୟରୁ ଧନ୍ୟବାଦ। ସମସ୍ତ ନୂଆପଡ଼ା ବାସୀଙ୍କୁ କୃତଜ୍ଞତା। ବିଶେଷ କରି ନୂଆପଡ଼ାର ମା, ଭଉଣୀଙ୍କ କଂଗ୍ରେସ ପ୍ରତି ଆଗ୍ରହ, ଉଦ୍ଦୀପନା ଓ ସ୍ୱାଗତ ପାଇଁ ଆମେ ଋଣି। କଂଗ୍ରେସ ଦଳ ଏବଂ ଆମ ଦଳର ସମସ୍ତ ନେତୃବୃନ୍ଦ ସମ୍ପୂର୍ଣ୍ଣ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ ପ୍ରଚାର କରିଛି। ଆମେ ଜିଲ୍ଲା ଆଇନଜୀବୀ ସଂଘ, ବିଭିନ୍ନ ନାଗରିକ ଏବଂ ଯୁବକ ସଂଘ, ସମବାୟ ସଂଘ ଓ ବିଭିନ୍ନ ସମାଜ ସହିତ ନୂଆପଡ଼ା ଆବହେଳିତ କାହିଁକି ବିଶଦ ଆଲୋଚନା କରିଛୁ। ନୂଆପଡ଼ା ସହିତ ମୋର ସମ୍ପର୍କକୁ ପୁନର୍ଜୀବିତ କରିବାକୁ ସୁଯୋଗ ପାଇଛି। ସେଥିପାଇଁ ପୁଣି ନୂଆପଡ଼ାକୁ ଧନ୍ୟବାଦ।



ଦୁଃଖର କଥା ବିଜେପି କେବଳ ଗୋଟିଏ ସଭା ପାଇଁ ୧୫/୨୦ ଲକ୍ଷ ଟଙ୍କାର ପୋଷ୍ଟର ଓ ହୋର୍ଡିଂ ରେ ଖର୍ଚ୍ଚ କରୁଛି। ସହରଜାକ ଗଛ ଏବଂ ଇଲେକ୍ଟ୍ରି ଖୁଂଟିରେ ପୋଷ୍ଟର ମାରୁଛି । ପୋଷ୍ଟର ଓ ପତାକା ରେ ଦୁଇ/ ତିନି କୋଟି ବିଜେପି ଖର୍ଚ୍ଚ କରୁଛି । ଡିଯେ ପ୍ରଚାର ଗାଡ଼ି ରାସ୍ତା ଅବରୋଧ କରି ଘଂଟା ଘଂଟା ରହୁଛି। ସଭାକୁ ବାହାର ଲୋକ ହଜାର ହଜାର ସଂଖ୍ୟାରେ ବସରେ ଅଣାଯାଉଛି। ଲୋକଙ୍କ ଭିଡ ଦେଖି ଦଳ ପ୍ରତି ସମର୍ଥନ ଅଛି ବୋଲି ଅପ୍ରାକୃତିକ ଭିଡ କରାଯାଉଛି। କିନ୍ତୁ କଂଗ୍ରେସ ସଭାକୁ ଯେତେ ଲୋକ ଆସୁଛନ୍ତି ସେମାନେ ସ୍ୱତଃ ପ୍ରବୃତ୍ତ ଯୋଗ ଦେଉଛନ୍ତି। ଗଣମାଧ୍ୟମ ପ୍ରଶ୍ନ କରିଥିଲା କଂଗ୍ରେସର ଭିଡ ସେତେ ନାହିଁ କାହିଁକି ? ଆମର ଉତ୍ତର ହେଉଛି ଆମର ଭିଡ ଲୋକ ଦେଖାଣିଆ ନୁହେଁ । ଆମକୁ ଲୋକ ଆଣିବାକୁ ଟଙ୍କା ଖର୍ଚ୍ଚ କରିବାକୁ ପଡେ ନାହିଁ ବୋଲି ପିସିସି ସଭାପତି କହିଛନ୍ତି।

## ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡ ନୂତନ ସିଜନ୍ ଉନ୍ମୋଚିତ

**ଭୁବନେଶ୍ୱର,୧୨।୧୧ (ମହାଭାରତ):** ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡସ୍ ଏହାର ନୂତନ ସିଜନ୍ କଲେକ୍ସନ୍ ଉନ୍ମୋଚନ କରିଛି – ଦମ୍ପତିଙ୍କ ମଧ୍ୟରେ ଅଂଶୀଦାର ହୋଇଥିବା ଅକୁହା ଭାଷା ପାଇଁ ଏକ ଶ୍ରଦ୍ଧାଞ୍ଜଳି । ଏହି ବିଶ୍ୱାସରେ ମୂଳଦୁଆ ଯେ ପ୍ରତ୍ୟେକ ପ୍ରେମ କାହାଣୀର ନିଜସ୍ୱ ଉପଭାଷା ଅଛି, ଯାହାକୁ ବିଶ୍ୱ ବୁଝିପାରେ ନାହିଁ, ଏହି ସଂଗ୍ରହ ସେହି ଶାନ୍ତ ସଂଯୋଗକୁ ଏପରି କିଛି ଜିନିଷରେ ପରିଣତ କରେ ଯାହାକୁ ଆପଣ ପିନ୍ଧିପାରିବେ – ଯାହା ଆପଣ ଜୀବନ ପାଇଁ ସମ୍ମାନ କରିପାରିବେ । ଏଗୁଡ଼ିକ କେବଳ ରିଙ୍ଗ ନୁହେଁ । ସେଗୁଡ଼ିକ ଆପଣଙ୍କ ବ୍ୟକ୍ତିଗତ ଭାଷାର ଅଂଶ। ଏକ ବନ୍ଧନର ପ୍ରତୀକ ଏତେ ବ୍ୟକ୍ତିଗତ, କେବଳ ଆପଣ ଦୁହେଁ ସେମାନଙ୍କ କାହାଣୀ ଜାଣନ୍ତି । ଏହି ସଂଗ୍ରହଟି ଅକୁହା ଅଙ୍ଗଭଙ୍ଗୀରୁ ପ୍ରେରଣା ନେଇଥାଏ ଯାହା ପ୍ରକୃତ ସଂଯୋଗ, ଶାନ୍ତ ବୁଝାମଣା ଏବଂ ଦୁଇ ଜଣଙ୍କ ମଧ୍ୟରେ ଅଂଶୀଦାର ତାଳକୁ ବ୍ୟାଖ୍ୟା କରେ । ଏହି ସଂଗ୍ରହର ପ୍ରତ୍ୟେକ ଡିଜାଇନ୍ ଏକ ଶାନ୍ତ ଅନ୍ତରଙ୍ଗତାକୁ ପ୍ରତିଫଳିତ କରେ, ଏକ ପ୍ରକାରର ପ୍ରେମ ଯାହା ଅଂଶୀଦାର ଦୃଷ୍ଟି ଏବଂ ପରିଚିତ ନୀରବତାରେ ଅର୍ଥ ଖୋଜେ । ୯୫% ଶୁଦ୍ଧ ପ୍ଲାଟିନମ୍‌ରେ ନିର୍ମିତ ଏହି ବ୍ୟାଣ୍ଡଗୁଡିକ ଏକ ସଂଯୋଗ ପାଇଁ ଛିଡା ହୋଇଛି ଯାହା ଅତୁଟ ଏବଂ ସତ୍ୟ, ଧାତୁର ଶକ୍ତି ଏବଂ ସ୍ଥିରତାକୁ ପ୍ରତିଫଳିତ କରେ । ଦୁଇଟି ପଥ ଏକ ହେବାର ପ୍ରତୀକ ଥିବା ସଂଯୁକ୍ତ ମୋଟିଫ୍ ଠାରୁ ଆରମ୍ଭ କରି ପ୍ରତ୍ୟେକ ସମ୍ପର୍କ ମଧ୍ୟରେ ବିପରୀତ ଏବଂ ସମନ୍ୱୟକୁ କାବୁ କରୁଥିବା ଦ୍ୱୈତ-ସ୍ୱର ବିବରଣୀ ପର୍ଯ୍ୟନ୍ତ ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡ କଳାତ୍ମକ ଏବଂ ଭାବପ୍ରବଣତାକୁ ସମାନ ପରିମାଣରେ ଏକତ୍ର କରିଥାଏ । ଚିକ୍କଣ ରେଖା, ନରମ ବକ୍ର ଏବଂ ହୀରା ଉଚ୍ଚାରଣ ଖଣ୍ଡ ସୃଷ୍ଟି କରେ ଯାହା ଉଭୟ ସମସାମୟିକ ଏବଂ କାଳଜୟୀ ଅନୁଭବ କରେ, ଆଧୁନିକ ପ୍ରେମର ବିକାଶଶୀଳ ଅଭିବ୍ୟକ୍ତିକୁ ପ୍ରତିଧ୍ୱନିତ କରେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା



**ଭୁବନେଶ୍ୱର,୧୨।୧୧ (ମହାଭାରତ):** ସ୍ଥାନୀୟ ଶିଖରଚଣ୍ଡୀ ନିକଟସ୍ଥ ଆଦିମାତା କଲୋନୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଜେପି ଶିଖରଚଣ୍ଡୀ ମଣ୍ଡଳ ସଭାପତି ବିଭୂତି ଭୂଷଣ ବିଶ୍ୱାଳ ଉପସ୍ଥିତ ରହି ଛାତ୍ରଛାତ୍ରୀ ଅଭିଭାବକ ଓ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ସମସ୍ତେ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟକରିବା ଉଚିତ ବୋଲି କହିଥିଲେ। ଛାତ୍ରଛାତ୍ରୀମାନେ ଶିକ୍ଷା ସହିତ କ୍ରୀଡାକୁ ମଧ ଦୈନନ୍ଦିନ ଜୀବନରେ ଅଧିକ ଗୁରୁତ୍ୱ ଦେବା ଉଚିତ୍ ଯାହା ଫଳରେ ସୁସ୍ଥ ଭାରତ ଗଠନ ସମ୍ଭବପର ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶିଶୁବିଦ୍ୟାମନ୍ଦିରର ସଂପାଦକ ପ୍ରସନ୍ନ ସାହୁ, ପ୍ରତିଷ୍ଠାତା ନନ୍ଦକିଶୋର ସାହୁ, ପ୍ରଧାନଶିକ୍ଷୟିତ୍ରୀ ଦିପ୍ତୀମୟୀ ରଥ ଏବଂ ଶିକ୍ଷାନୁଷ୍ଠାନର ଗୁରୁଜୀ ଗୁରୁମାମାନେ ଉପସ୍ଥିତ ରହି ଭିନ୍ନ ଭିନ୍ନ ବିଭାଗର କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ସ୍ଥାନୀୟ ଜନସାଧାରଣ ଯୋଗଦେଇଥିଲେ। ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀମାନଙ୍କ ସାମୁହିକ ମାର୍ଚପାଷ୍ଟ ବେଶ୍ ଦର୍ଶନୀୟ ଥିଲା।

## ଶ୍ରୀ ସୌଭାଗ୍ୟ ମହାପାତ୍ରଙ୍କୁ ହସ୍‌ପିଟାଲିଟି ଆଣ୍ଡ୍ ଟୁରିଜମ୍‌ରେ ଡକ୍ଟରେଟ ଡିଗ୍ରୀ

**ଭୁବନେଶ୍ୱର,୧୨।୧୧ (ମହାଭାରତ):** ହସ୍‌ପିଟାଲିଟି ସମୁଦାୟଙ୍କ ନିମନ୍ତେ ଏକ ଗର୍ବିତ ମୁହୂର୍ତ୍ତ ଭାବରେ ଆଟ୍‌ମୋସ୍ଫିୟର କୋର୍‌ର ଭାରତ, ନେପାଳ, ଭୁଟାନ ଏବଂ ଶ୍ରୀଲଙ୍କାର ମ୍ୟାନେଜିଂ ଡାଇରେକ୍ଟର ଶ୍ରୀ ସୌଭାଗ୍ୟ ମହାପାତ୍ରଙ୍କୁ ହସ୍‌ପିଟାଲିଟି ଆଣ୍ଡ୍ ଟୁରିଜମ୍‌ରେ ଆଇସିଏଫ୍‌ଆଇ ବିଶ୍ୱବିଦ୍ୟାଳୟ ଗାଙ୍ଗଟକ ପକ୍ଷରୁ ଡକ୍ଟରେଟ ଇନ୍ ଫିଲୋସୋଫି (ପିଏଚ୍.ଡି) ଡିଗ୍ରୀ ପ୍ରଦାନ କରାଯାଇଛି। ଆଧୁନିକ ହସ୍‌ପିଟାଲିଟି ଦୃଶ୍ୟପଟ୍ଟରେ ତାଙ୍କର ଦୀର୍ଘ ଦଶନ୍ଧିର ଉତ୍ସର୍ଗୀକୃତ କାର୍ଯ୍ୟ, ନବସୃଜନ ଏବଂ ନେତୃତ୍ୱ ନିମନ୍ତେ ଏହି ଡିଗ୍ରୀ ପ୍ରଦାନ କରାଯାଇଛି।

ହସ୍‌ପିଟାଲିଟି ଶିଳ୍ପରେ ଶ୍ରୀ ମହାପାତ୍ରଙ୍କର ଯାତ୍ରା ୩୦ ବର୍ଷରୁ ଅଧିକ କାଳ ଧରି ଗଭୀର ଆଗ୍ରହ ଏବଂ ଦୃଢତାର ସହିତ ରହିଆସିଛି। ଓବେରଇ ଗ୍ରୁପ୍‌ରୁ ନିଜର କ୍ୟାରିୟର ଆରମ୍ଭ କରି ପରେ ମେଫେୟାର ହୋଟେଲସ୍ ଆଣ୍ଡ ରିସର୍ଟସ୍‌ରେ ଯୋଗଦେବା ପର୍ଯ୍ୟନ୍ତ ସେ ମ୍ୟାନେଜର ଅପରେସନ୍ସରୁ ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ପର୍ଯ୍ୟନ୍ତ ନିଜର ଦୂରଦୃଷ୍ଟି ଏବଂ ପ୍ରତିବଦ୍ଧତା ବଳରେ ଆଗକୁ ବଢିଚାଲିଛନ୍ତି। ତାଙ୍କ ନେତୃତ୍ୱରେ ମେଫେୟାର ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିବା ସହିତ ଭାରତର ଅନ୍ୟତମ ସର୍ବାଧିକ ପ୍ରଶଂସନୀୟ ବିଳାସପୂର୍ଣ୍ଣ ହସ୍‌ପିଟାଲିଟି ବ୍ରାଣ୍ଡ ହୋଇଛି। ସମ୍ପ୍ରତି କୋର୍ ଅଫ ଇଣ୍ଡିଆର ଭାରତ, ନେପାଳ, ଭୁଟାନ ଏବଂ ଶ୍ରୀଲଙ୍କା ନିମନ୍ତେ ମ୍ୟାନେଜିଂ ଡାଇରେକ୍ଟର ଭାବରେ ଶ୍ରୀ ମହାପାତ୍ର ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ନେଇ ନିଜର ପ୍ରଚେଷ୍ଟା ନିରନ୍ତର ଜାରି ରଖିବା ସହିତ ସମୁଦାୟ ଏସୀୟ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଏହି ବ୍ରାଣ୍ଡ ସମ୍ପ୍ରସାରଣ ତଦାରଖ କରୁଛନ୍ତି। ତାଙ୍କର ନେତୃତ୍ୱ ଆଟ୍‌ମୋସ୍ଫିୟର କୋର୍‌ର ନୈତିକତା ଏବଂ ହୃଦୟସ୍ପର୍ଶୀ ସେବା ତଥା ଶୁଦ୍ଧ ଅତିଥି ଅନୁଭୂତି କ୍ଷେତ୍ରରେ ପ୍ରତିଫଳିତ ହେଉଛି। ତାଙ୍କର ଏହି ସଫଳତା ସମ୍ପର୍କରେ ପ୍ରକାଶ କରି ଶ୍ରୀ ସଲିଲ ପାଣିଗ୍ରାହୀ, ସହ-ପ୍ରତିଷ୍ଠାତା ତଥା ଗ୍ରୁପ୍ ମ୍ୟାନେଜିଂ ଡାଇରେକ୍ଟର, ଆଟ୍‌ମୋସ୍ଫିୟର ଗ୍ରୁପ୍ କହିଥିଲେ, "ଡ.ସୌଭାଗ୍ୟ ମହାପାତ୍ର ଏହି ସ୍ୱୀକୃତି ଓ ସମ୍ମାନ ନିମନ୍ତେ ଅତ୍ୟନ୍ତ ଯୋଗ୍ୟ ଅଟନ୍ତି। ତାଙ୍କର ଗଭୀର ଅନୁଭୂତି ଏବଂ ଦୂରଦୃଷ୍ଟି ଆଟ୍‌ମୋସ୍ଫିୟର କୋର୍‌ରେ ପ୍ରତ୍ୟେକଙ୍କୁ ନିରନ୍ତର ପ୍ରେରଣା ଯୋଗାଉଛି। ଏହି ସମ୍ମାନ ତାଙ୍କର ବ୍ୟକ୍ତିଗତ ସଫଳତାକୁ ନେଇ ଆନନ୍ଦ ଉତ୍ସାହ ପାଳନ କେବଳ ନୁହେଁ, ତାହାସହିତ ଏହା ହସ୍‌ପିଟାଲିଟିକୁ ଉତ୍ତମତା ପାଇଁ ଏକ ଶକ୍ତି ଭାବରେ ଗଢିତୋଳିବା ନିମନ୍ତେ ତାଙ୍କର ଜୀବନବ୍ୟାପୀ ଅବଦାନ ନିମନ୍ତେ ଉଦ୍ଦିଷ୍ଟ। ଏଭଳି ଜଣେ ଉତ୍ସାହୀ ବ୍ୟକ୍ତିତ୍ୱ ସମଗ୍ର ଦକ୍ଷିଣ ଏସିଆରେ ଆମର ଅଭିବୃଦ୍ଧିକୁ ଆଗେଇନେବା ନେଇ ଆମେ ଗର୍ବିତ ଅନୁଭବ କରୁଛୁ।" ନିଜର କୃତଜ୍ଞତା ପ୍ରକାଶ କରି ଶ୍ରୀ ସୌଭାଗ୍ୟ ମହାପାତ୍ର କହିଥିଲେ, "ଆଇସିଏଫଆଇ ବିଶ୍ୱବିଦ୍ୟାଳୟ, ଗାଙ୍ଗଟକ ପକ୍ଷରୁ ଏହି ସ୍ୱୀକୃତି ନିମନ୍ତେ ମୁଁ ଗଭୀର ବିନମ୍ରତା ଜଣାଉଛି।



# ମହାନଦୀ ପାଇଁ ଏକାଠି

ଓଡ଼ିଶା ଏବଂ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ମହାନଦୀ ବିବାଦର ସମାଧାନ ଲାଗି ଏକାଠି ହେବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଆଶା କରାଯାଇପାରେ ଯେ, ଶୀଘ୍ର ବିବାଦର ସମାଧାନ ହୋଇଯିବ। ଏଥିରେ ଉଭୟ ପକ୍ଷକୁ କିଛିଟା ତ୍ୟାଗ ସ୍ୱୀକାର କରିବାକୁ ପଡ଼ିବ। ଏହା ବ୍ୟତିତ ଅନ୍ୟ ପନ୍ଥା ନାହିଁ। ଉଭୟ ଓଡ଼ିଶା ଏବଂ ଛତିଶଗଡ଼ ସରକାର ଏହାର କାର୍ଯ୍ୟକାଳ ୩ ବର୍ଷ ବଢ଼ାଇବାକୁ ଅନୁରୋଧ କରିଥିଲେ। ଯେତେବେଳେ ମହାନଦୀ ଜଳ ବିବାଦର ସମାଧାନ ପାଇଁ ଓଡ଼ିଶା ସରକାର ଟ୍ରିବ୍ୟୁନାଲ ଗଠନ ପ୍ରସ୍ତାବ ରଖିଥିଲେ ସେତେବେଳେ ଅନେକ ଏହାକୁ ନାପସନ୍ଦ କରିଥିଲେ। ଛତିଶଗଡ଼ ସରକାର ଟ୍ରିବ୍ୟୁନାଲ ଗଠନ ସପକ୍ଷରେ ନଥିଲେ। ଓଡ଼ିଶାର ମଧ୍ୟ ଅନେକ ଏହାକୁ ନାପସନ୍ଦ କରିଥିଲେ। କାରଣ ହେଲା ଭାରତରେ ନ୍ୟାୟିକ ପ୍ରକ୍ରିୟା ଏକ ବିଳମ୍ବିତ ପ୍ରକ୍ରିୟା ବୋଲି ସମସ୍ତେ ଜାଣନ୍ତି। ଟ୍ରିବ୍ୟୁନାଲ ଗଠନ ହେବାକୁ ଅନେକ ଦିନ ଲାଗିଗଲା। ଟ୍ରିବ୍ୟୁନାଲ ମାମଲାର ଫଇସଲା କରିବାକୁ ଅନେକ ଦିନ ଲାଗିଯିବ। ତେଣୁ ଏହି ପ୍ରକ୍ରିୟାରେ ତତ୍କାଳ ସଫଳତା ବା ନ୍ୟାୟ ମିଳିବାର ସମ୍ଭାବନା କ୍ଷୀଣ। ଆପୋଷ ଆଲୋଚନା ଏବଂ ଦ୍ୱିପାକ୍ଷିକ ସହମତି ଭିତ୍ତିରେ ସମସ୍ୟାର ସମାଧାନ ସପକ୍ଷରେ ଅନେକ ମତ ରଖିଥିଲେ। ଯେଉଁମାନେ ଟ୍ରିବ୍ୟୁନାଲ ଗଠନକୁ ବିରୋଧ କରି ଏହା ଏକ ସମୟ ସାପେକ୍ଷ ପ୍ରକ୍ରିୟା ବୋଲି କହିଥିଲେ, ସେମାନଙ୍କ ମତ ଏବେ ସତ ବୋଲି ଜଣାପଡ଼ୁଛି। ଅତୀତରେ କାବେରୀ ଜଳ ବିବାଦର ସମାଧାନ ଲାଗି ଏଭଳି ଉପାୟ ଅବଲମ୍ବନ ହୋଇଥିଲା। କିନ୍ତୁ ସମସ୍ୟାର ସମାଧାନ ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ। ବିବାଦର ଅୟମାରମ୍ଭ ହୋଇଥିଲା ସେତେବେଳେ ଯେତେବେଳେ ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ସରକାର ଏକାଧିକ ବ୍ୟାରେଜ ନିର୍ମାଣ କରି ମହାନଦୀ ଜଳକୁ ଅଟକାଇଲେ ଏବଂ ଓଡ଼ିଶାରେ ଜଳସଙ୍କଟ ସୃଷ୍ଟି ହେଲା। ମହାନଦୀର ଉତ୍ପତ୍ତି ଛତିଶଗଡ଼ରେ ହୋଇଛି। ସେଠାରେ ଅନେକ ଛୋଟ ଛୋଟ ଉପନଦୀ ମଧ୍ୟ ମହାନଦୀରେ ମିଶିଛି। ଛତିଶଗଡ଼ ସରକାର ଏହି ଜଳର ଉଭୟ ଶିଳ୍ପ ଏବଂ କୃଷି କ୍ଷେତ୍ରରେ ଉପଯୋଗ ଲାଗି ମହାନଦୀ ଓ ଏହାର ଉପନଦୀ ଗୁଡ଼ିକରେ ୧୦ରୁ ଅଧିକ ଛୋଟ ବଡ଼ ବ୍ୟାରେଜ ନିର୍ମାଣ କରିଛନ୍ତି। ଏହିସବୁ ବ୍ୟାରେଜ ନିର୍ମାଣ ଦ୍ୱାରା ସେଠାରେ ପ୍ରଚୁର ଜଳ ସଞ୍ଚିତ ହୋଇ ରହୁଛି। ଏହାକୁ ସେଠାରେ ଶିଳ୍ପ ଏବଂ କୃଷି କ୍ଷେତ୍ରରେ ବିନିଯୋଗ କରାଯାଉଛି। ଫଳରେ ଛତିଶଗଡ଼ର ଆର୍ଥିକ ବିକାଶ ସମ୍ଭବ ହୋଇପାରୁଛି। କିନ୍ତୁ ଓଡ଼ିଶା ଏହା ଦ୍ୱାରା ଗୁରୁତର ପ୍ରଭାବିତ ହୋଇଛି। ଛତିଶଗଡ଼ ସରକାର ମହାନଦୀ ଉପରମୁଣ୍ଡରେ ବ୍ୟାରେଜ ନିର୍ମାଣ କରିବା ଦ୍ୱାରା ତଳମୁଣ୍ଡକୁ ଜଳ ପ୍ରବାହ କମିଛି। ଛତିଶଗଡ଼ ସୀମା ଭିତରେ କଲମା ବ୍ୟାରେଜରେ ଜଳ ଉଚ୍ଛୁଳୁଥିବା ବେଳେ ଓଡ଼ିଶା ସୀମା ଭିତରେ ମହାନଦୀ ଶୁଖିଲା ପଡ଼ିଛି। ଅନେକ ସ୍ଥାନରେ ମହାନଦୀ ଶଯ୍ୟା ଏବେ ମରୁଭୂମି ଭଳି ଲାଗୁଛି। ମହାନଦୀ ହେଉଛି ଓଡ଼ିଶାର ଜୀବନରେଖା। ଏହା ଉପରେ ରାଜ୍ୟର ଅଧା ଅଞ୍ଚଳ ନିର୍ଭର କରନ୍ତି। କୃଷି ଏବଂ ଶିଳ୍ପ ସହିତ ବହୁ ମତ୍ସ୍ୟଜୀବୀ ଏହା ଉପରେ ନିର୍ଭର କରି ଚଳନ୍ତି। ମହାନଦୀ ପାର୍ଶ୍ୱବର୍ତ୍ତୀ ଲୋକଙ୍କ ପାନୀୟ ଜଳର ମୁଖ୍ୟ ଉତ୍ସ ହେଲା ମହାନଦୀ। ଏବେ ମହାନଦୀ କୂଳରେ ବାସ କରୁଥିବା ଲୋକଙ୍କୁ ପାଣି ପାଇଁ ତହଳ ବିକଳ ହେବାକୁ ପଡୁଛି। ହୀରାକୁଦ ଜଳଭଣ୍ଡାରର ଜଳସ୍ତର କମିଯିବା ଫଳରେ ଉଭୟ ବିଦ୍ୟୁତ ଉତ୍ପାଦନ ଏବଂ କୃଷି କ୍ଷେତ୍ରକୁ ଜଳସେଚନ ଗୁରୁତର ପ୍ରଭାବିତ ହୋଇଛି। ମହାନଦୀ ତ୍ରିକୋଣଭୂମି ଅଞ୍ଚଳରେ ମଧ୍ୟ ଜଳସଙ୍କଟ ଦେଖାଦେଇଛି। ମହାନଦୀ ତ୍ରିକୋଣଭୂମି ଆରମ୍ଭ ହୋଇଛି ମୁଣ୍ଡଳୀରୁ। ସେଠାରୁ ମହାଦୀର ବିଭିନ୍ନ ଶାଖା ପ୍ରଶାଖା ବାହାରି ଉପକୂଳ ଅଞ୍ଚଳରେ ଜାଲଭଳି ବିଛାଇ ହୋଇ ରହିଛି।

“ ପୂର୍ବେ ହରିଜନ ଶ୍ରେଣୀର ଲୋକ ଚୌକିଦାର ଥିଲେ କେହି ଅପରାଧ କରିବା ଖବର ଚୌକିଦାରକୁ ମିଳିଲେ ବା ନିକଟବର୍ତ୍ତୀ ଥାନାରେ ସେ ବ୍ୟକ୍ତି ନାମରେ କେହି ଅଭିଯୋଗ କଲେ ସ୍ଥାନୀୟ ଚୌକିଦାର ଲୋକ ଦ୍ୱାର ମୁହଁରେ ବସି ତାକୁ ଥାନାକୁ ନେଇ ଆସୁଥିଲେ। ବସ ସାଇ ଭାଇ ଜାତିରେ ଏପରି ବ୍ୟକ୍ତି ଓ ତାର ଘର ପରିବାର ଉପରେ ସାମାଜିକ ଅସହଯୋଗ ବାସନ୍ଦ ଲାଗୁଥିଲା। ପରେ ଜାତି ହେବା ପ୍ରାୟଶ୍ଚିତ ଓ ହେବା ପୁଣି ସ୍ୱାଭାବିକ ସ୍ତରରେ ସେ ପରିବାରରେ ଆସୁଥିଲା। ଏବେ ପୋଲିସ ବ୍ୟବସ୍ଥା ବଦଳିଛି। ଅପରାଧି ଏବେ ନିଜକୁ କେବେ ଭୁଲ କାମ ଅସାମାଜିକ ଭାବୁ ନାହାଁନ୍ତି। ତାଙ୍କୁ ବି କେହି ବାସନ୍ଦ କରିବା ସମ୍ଭବ ଏବେନାହିଁ। ପେଟ ପୁରିଲେ ନାଟ ଶେଷ। ଖାଦ୍ୟ ପାନୀୟ ବସ୍ତ୍ର ଅଭାବ ମେଣ୍ଟଣ ହେଲେ କେହି ଚୋରୀ ତସ୍କରୀ କରିବା ସମ୍ଭବ ନୁହେଁ। ଏ ସମୟରେ ଅନେକ ସୁଯୋଗ ପାଉଥିଲା ବେଳେ ଅନେକ ଅବହେଳିତ। ପାଠପଢ଼ି ଅନେକ ବେକାର।

# ପକେଟମାରୁକୁ ସାବଧାନ

॥ ଅଜୟ କୁମାର ବେହେରା ॥

ଜନଗହଳି ଲାଗିଥିବା ସ୍ଥାନ, ଯଥା ରଥଯାତ୍ରା, ମକରମେଳା, ହାଟ, ବାଲିଯାତ୍ରା, ସଦୃଶ ସାମୟିକ ଭିଡ଼ ତଥା ରେଳଷ୍ଟେସନ ବସଷ୍ଟାଣ୍ଡ ଆଦି ସବୁ ଦିନଆ ଭିଡ଼ ସ୍ଥାନରେ ଅନେକ ସ୍ଥଳରେ କାନ୍ଥବାଡ଼ରେ ଏପରି ଧାଡ଼ିଏ ସାଇନବୋର୍ଡ ଲେଖାଯିବା ଦେଖାଯାଏ ପୁଣି ଯାତ୍ରା କର୍ତ୍ତୃପକ୍ଷ ବା କେହି ସଂସ୍ଥା ଡାକବାଜୀ ଯନ୍ତ୍ରରେ ମଧ୍ୟରେ ମଧ୍ୟରେ ଏପରି ଧାଡ଼ିଟିକୁ ବାରମ୍ବାର ପ୍ରଚାର କରୁଥାନ୍ତି। ଯେଉଁମାନେ କିଛି କଣିବାକୁ ଅର୍ଥ ଧରି ଆସିଥିଲେ ସେମାନେ ଗୁପ୍ତ ଭାବରେ ପକେଟରେ ଅଣ୍ଟାରେ ଭାନିଟ ବ୍ୟାଗରେ ମନି ବ୍ୟାଗରେ ରଖିଥିଲେ ଏଇ ଧାଡ଼ଟି ପଢ଼ିବା ପୁଣି ଠିକ ଧନ ରଖିବା ସ୍ଥାନକୁ ଲୋକେ ସାଥି ସାଥି ଖୋଜ କରି ସାବଧାନ ହୋଇଥାନ୍ତି। ମାତ୍ର ଚୋର ଜଣକ ପୋଷାଦାର ହୋଇ ପର୍ଯ୍ୟବେକ୍ଷଣ ଯଦି ଏପରି କେତେ ଲୋକଙ୍କୁ ଦେଖି ନିଅନ୍ତି। ସେମାନେ ବ୍ୟକ୍ତିର ଅଙ୍ଗସଞ୍ଚାଳନ ହାତର ସ୍ୱର୍ଶ ସ୍ଥାନ ଜାଣି ସେଠାରୁ କିଛି ଧନ ହରଣ କରାଯାଇପାରିବ ଏହାର ଯାଜନା ତତ୍କାଳ ଆରମ୍ଭ କରି ତାର ପିଛା କରନ୍ତି ଓ ଉଦ୍ଦିଷ୍ଟ ସ୍ଥାନରୁ ଧନ ଅପହରଣ ବା ଲୁଟି ନିଅନ୍ତି। କେହି ଉପଦେଶ ଦେବା ଭୁଲ ନୁହଁ ମାତ୍ର ଯେ ଅର୍ଥ ନେଇ ଆସିଛନ୍ତି ତାଙ୍କର ପ୍ରଚାର ପୂର୍ବ ଅବସ୍ଥା ପର ଅବସ୍ଥାରେରେ ଅନେକ ହଠାତ ପରିବର୍ତ୍ତନ ଏପରି ଠକେଇର ଶିକାରକୁ ଖୋରାକ ଯୋଗାଇଥାଏ। ପକେଟମାରମାନେ ଏକ ପ୍ରକାର ମନସ୍ତାତ୍ୱିବିତ। ଏମାନେ ଏଇ ବିଦ୍ୟାକୁ ଭଲ ମାର୍ଗରେ ଲଗାଇଥିଲେ ବହୁ ଲୋକ ପ୍ରିୟ ବା ପୂଣ୍ୟାର୍ଜନ କର୍ମ କରିପାରନ୍ତେ ମାତ୍ର ଯାହା ପାପ ଓ ଭୁଲ ମାର୍ଗ ସେ ମାର୍ଗରେ ସେମାନେ ଯାଇ ତାଙ୍କର ରୋଜିରୋଟି ସଂଗ୍ରହ କରନ୍ତି। ସଂସାରରେ ଯେତେ ପୋଲିସ ବଢୁଛନ୍ତି ସେତେ ଅପରାଧ ବି ବଢୁଛନ୍ତି। ଚୋରୀ ପକେଟ ମାରୁ ଅପରାଧୀମାନେ ବେଳକୁ ବେଳ ନିର୍ଭୀକ ନିଧଡ଼କ ହୋଇ ତାଙ୍କ କାମ କରିବାରେ ବ୍ୟସ୍ତ। ଏସବୁର ନିରାକରଣ ଜଡ଼ ବର୍ତ୍ତମାନ ଅର୍ଥବ। ଶିକ୍ଷାର କୁମ୍ଭାରଶାଳ ହେଉଛି ପ୍ରାଥମିକ ବିଦ୍ୟାଳୟ ଏଠାରେ ପୂର୍ବେ ଶିକ୍ଷକମାନେ ଭବିଷ୍ୟତର ଅପାରାଧି ନହେବା ପାଇଁ ତାଙ୍କ ଛାତ୍ରଛାତ୍ରୀଙ୍କୁ ଦୁଷ୍ଟାମୀ ଅମନଯୋଗୀରୁ ନିବୃତ୍ତି ପାଇଁ କିଛି ଭୟ ପ୍ରଦର୍ଶନ ଛାଟ ବେତ ଭୟ ଶାରୀରିକ ଦଣ୍ଡ କାନ ଧରି ବସଉଠ କରାଇବା ଆଣ୍ଠେଇବା ଶ୍ରେଣୀରେ ଅନ୍ୟ ଛାତ୍ରଙ୍କ ଆଗରେ ଅପମାନ ସୂଚକ କଥା କହି ବା ବେଞ୍ଚରେ ଠିଆ କରାଇବା ଆଦି କରାଉଥିଲେ। ଶ୍ରେଣୀରେ ପାଠ ପଢ଼ାରେ ହେଳା କରୁଥିଲେ ଏପରି ଗୁରୁ ଲଘୁ ଦଣ୍ଡ ବିଧାନ ମାନ ଲଗାଇ ପିଲାକୁ ବାଟକୁ ଆଣୁଥିଲେ। ପିଲାର ମୂରବୀଜନ ବାପା ମାଆ ଶିକ୍ଷକଙ୍କର ଏପରି ଦଣ୍ଡବିଧାନକୁ ବିରୁଦ୍ଧ କରୁନଥିଲେ। ସେମାନେ ବରଂ ଶିକ୍ଷକଙ୍କୁ ପିଲାକୁ ମଣିଷ କରିବାକୁ ଯାହା କରିବାକଥା କରନ୍ତୁ। ଏପରି କହୁଥିଲେ। କିନ୍ତୁ ସମୟ ଆସିଲା ମୂରବୀମାନେ ପିଲାଙ୍କୁ ମୁହଁ ବଢ଼ାଇଲେ। ଶିକ୍ଷକମାନେ ଚାକିରୀ ଭୟ ଆକ୍ରୋଶରେ ପଡ଼ିବା ସହିତ ମିଥ୍ୟାରୋପରୁ ନିଜେ ରକ୍ଷା ପାଇଁ କେବଳ ସ୍ୱ ଡିଉଟି ବତ୍ରୀ ରହି ଦରମା ହାସଲ ପାଇଁ କାମ କରିବାରେ ଲିପ୍ତ।

ବିଦ୍ୟାଳୟରେ ଏକ ଧାନିର କେଇଟି ନାଲି ଅକ୍ଷର ସାର୍ଟିଫିକେଟ ପ୍ରମାଣ ପତ୍ର ଶିରୋନାମାରେ ଡାହାଣ ପଟରେ ଚରିତ୍ର ପାଖରେ ଉତ୍ତମ ଏ ତିନି ଅକ୍ଷର ଲେଖି ଦେଇ ପିଲାର ଭବିଷ୍ୟତକୁ ଉଚ୍ଚଶିକ୍ଷା ଚାକିରୀ ବାଣିଜିକ ଋଣ ପାଇଁ କିଛି ବ୍ୟବସ୍ଥା କରିଛନ୍ତି। ପ୍ରକୃତରେ କଣ ଶିକ୍ଷକଙ୍କ ପ୍ରତି ଅଶୋଭନୀୟ ଆଚରଣ ଦୁଷ୍ଟାମୀ ବିଦ୍ୟାରେ କପି, କପଟ ଆଚରଣ ଏଥିରେ ନିବାରଣ ହୋଇଛି କି ? ଏଇ ପକେଟମାରୁ ଚୋରୀ ବିଦ୍ୟା ସେହି ବିଦ୍ୟାଳୟ ପଠନ କାଳୀନ ଅବେଉଷଣିଆ ଶିକ୍ଷା ଲାଭର ସାର୍ଟିଫିକେଟ ଶିକ୍ଷା ସମାପ୍ତିର ଗହନ କଥାର ସମୟ। ପୋଲିସ ହାତରେ ମୋଟା ଠେଙ୍ଗା ସେ ପୁଣି ମୋଟା ବେତ। ଶିକ୍ଷକଙ୍କ ହାତରେ ଥିଲା ସରୁବେତ। ସରୁବେତ ମାଡ଼ରୁ ଖସି ପୋଲିସର ମୋଟା ଠେଙ୍ଗା କଥାକୁ ବିଦ୍ୟାଳୟ ଶେଷ ପରେ ଆସିବା ଦେଖାଯାଉଛି ପୁଣି ପୂର୍ବେ ପିଲାଟି ବିଦ୍ୟାଳୟରୁ ପାଠ ନପଢ଼ି ଖସି ପଳାଇଲେ ଘରୁ ଆସି ବିଦ୍ୟାଳୟରେ ନପହଞ୍ଚିବା ବା ରାସ୍ତା ଖେଳିବୁଲି ବିଳମ୍ବରେ କ୍ଲାସ ଶେଷରେ ପହଞ୍ଚିବା ବା ବିଦ୍ୟାଳୟର କାର୍ଯ୍ୟ ସମୟର ନସାରି ଘରକୁ ପଳାଇଲେ ଏକ ଅର୍ଥଦଣ୍ଡ ଜୋରିମାନା ଦରମାରେ ଆଦାୟ ହେଉଥିଲା ଯାହା ତାର ଗୁରୁଜନଙ୍କୁ ବହନ କରିବାକୁ ପଡୁଥିଲା। ଏତଦ୍ୱାରା ଗୁରୁଜନମାନେ ସେ ପିଲାଟିକୁ ଅନେକ ଭର୍ତ୍ସନା ବି ଗୃହରେ କରୁଥିଲେ। ବର୍ତ୍ତମାନ ଅପରାଧି ପାଇଁ ତାର ଘରର ଲୋକେ ଅର୍ଥତଣ୍ଡ ଦେଉଛନ୍ତି। ହାତଗୁଞ୍ଜା ଦେଇ କେମିତି ଅପରାଧିଟି ପାଇଁ ନରମ କୋର୍ଡ଼ ଲଗାଇବାକୁ କାକୁତିମିନତୀ ହେଉଛନ୍ତି। ପୂର୍ବେ ବିଦ୍ୟାଳୟ ଶିକ୍ଷା ପରେ ଗୃହରେ କୌଳିକ ବୃତ୍ତିର ଶିକ୍ଷା ଅନେକଙ୍କ ଘରେ ହେଉଥିଲା। ଶୀଘ୍ର ଅଳ୍ପ ବୟସରେ ବିବାହାଦି ସାରି ଦିଆଯାଉଥିଲା। ଏଥିରେ ବିଭିନ୍ନ ଅପରାଧ ନିବାରଣ ସହଜରେ ଚାପି ହୋଇ ରହୁଥିଲା। ହାତରେ କାମ ରହିଲେ ଅପରାଧକୁ ସମୟ ମିଳୁନଥିଲା। ଯାହା ଏବେ ଅପରାଧକୁ ଖୋରାକ ଯାଗାଉଛି। ମମତା ଏକ ବିରାଟ ବନ୍ଧନ ବେଡ଼ି ଦଉଡି ନଥିବା ବନ୍ଧନ ହେଉଛି ମମତା ପିଲାଙ୍କୁ ଅତିସ୍ନେହ କରିବା। ପିଲାକୁ ସ୍ୱାସାଥିରେ ବସାଇ ଭୋଜନ କରାଇବା ମାଆଙ୍କ ହାତରନ୍ଧା ନିତ୍ୟ ଭୋଜନ ଖାଇବା ଘରେ ବର୍ଷଯାକ ପିଠାପଣା ପ୍ରସ୍ତୁତ କରି ଭୋଜନ କରାଇବା, ସାମାଜିକ ସ୍ତରରେ ବନ୍ଧୁବାନ୍ଧବ ବିବାହ ବ୍ରତ ଜନ୍ମଦିନ ଆଦିରେ ଦାୟିତ୍ୱ କିଛି ନିଭାଇବା ତହିଁରେ ପ୍ରସ୍ତୁତ ମୂଲ୍ୟବାନ ରୁଚିକର ଖାଦ୍ୟ ପାନୀୟ ଖାଇବା ଦ୍ୱାରା ସାମାଜିକ ସ୍ଥିତି ପ୍ରଗାଢ଼କୁ ବନ୍ଧୁ ବାନ୍ଧବ ମେଳି ସମ୍ପର୍କ ରହିବା ଠିକ ଥିଲା। ଏ ସମୟରେ ମାମୁଁ ମଉସା ପିଉସା ମାଉସୀ ପିଇସ ଏପରି ସମ୍ପର୍କ ଅନେକ ପ୍ରକାର ବାଧାପ୍ରଦ ସୂର୍ଯ୍ୟବନ୍ଧୁ ଅନେକ ଅନେକ ସ୍ୱ ଜାତିରେ ବିବାହକୁ ହେୟଜ୍ଞାନ କଲେଣି। ଏପରି ବିବହରେ ଅନେକ ଭୋଜି ଖାଇବାକୁ ଯାଇ ଏକ ଦୁର୍ବଳ ଅନୁଭୂତି ଭୁଲ କାମକୁ ପ୍ରଶୟ ଦେବା ଦେଖୁଛନ୍ତି ମିଛ କଥାରେ ରୋଜଗାର ଜାଲିଆତିରେ ରୋଜଗାରରେ ଗାଡ଼ିବାଡ଼ି ବ୍ୟବହାର କ୍ରୟ ଚାଲୁଛି। ଲୋକେ ଏପରି ହେବାକୁ ଆଉ ଅପରାଧି ଭାବୁ ନାହାଁନ୍ତି। ପୂର୍ବେ ଜେଲଖାନା ଗଲେ ଘରକୁ ଆସିଲେ ଜାତିରେ ଅଟିକ ସାମାଜିକ ବାଛନ୍ଦ ହେଉଥିଲେ ଜାତି ହେଉଥିଲେ ଶରୀର ଶୁଦ୍ଧି ପାଇଁ କାୟଶୁଦ୍ଧି କରୁଥିଲେ। ଏପାଇଁ ବିପ୍ରଭୋଜନ ଜ୍ଞାତି ଭୋଜନପରି ଅର୍ଥ ଶ୍ରାଦ୍ଧ ଧନ୍ଦା ଥିଲେ। ଏବେ ଅପରାଧ କରି ଜେଲ ଯାଇ ଜାମିନ ପ୍ୟାରେଲ ବା ଛାଡ଼ପାଇ ଆସିବା ଦିନ ସାଥି ବନ୍ଧୁ ଫୁଲମାଳ ଦେଇ ଜେଲରୁ ପାଛୋଟି ଆଣୁଛନ୍ତି। ଏଥିରେ କେମିତି ଅପରାଧ ନିବାରଣ ହେବ ?

ପୂର୍ବେ ହରିଜନ ଶ୍ରେଣୀର ଲୋକ ଚୌକିଦାର ଥିଲେ କେହି ଅପରାଧ କରିବା ଖବର ଚୌକିଦାରକୁ ମିଳିଲେ ବା ନିକଟବର୍ତ୍ତୀ ଥାନାରେ ସେ ବ୍ୟକ୍ତି ନାମରେ କେହି ଅଭିଯୋଗ କଲେ ସ୍ଥାନୀୟ ଚୌକିଦାର ଲୋକ ଦ୍ୱାର ମୁହଁରେ ବସି ତାକୁ ଥାନାକୁ ନେଇ ଆସୁଥିଲେ। ବସ ସାଇ ଭାଇ ଜାତିରେ ଏପରି ବ୍ୟକ୍ତି ଓ ତାର ଘର ପରିବାର ଉପରେ ସାମାଜିକ ଅସହଯୋଗ ବାସନ୍ଦ ଲାଗୁଥିଲା। ପରେ ଜାତି ହେବା ପ୍ରାୟଶ୍ଚିତ ଓ ହେବା ପୁଣି ସ୍ୱାଭାବିକ ସ୍ତରରେ ସେ ପରିବାରରେ ଆସୁଥିଲା। ଏବେ ପୋଲିସ ବ୍ୟବସ୍ଥା ବଦଳିଛି। ଅପରାଧି ଏବେ ନିଜକୁ କେବେ ଭୁଲ କାମ ଅସାମାଜିକ ଭାବୁ ନାହାଁନ୍ତି। ତାଙ୍କୁ ବି କେହି ବାସନ୍ଦ କରିବା ସମ୍ଭବ ଏବେନାହିଁ। ପେଟ ପୁରିଲେ ନାଟ ଶେଷ। ଖାଦ୍ୟ ପାନୀୟ ବସ୍ତ୍ର ଅଭାବ ମେଣ୍ଟଣ ହେଲେ କେହି ଚୋରୀ ତସ୍କରୀ କରିବା ସମ୍ଭବ ନୁହେଁ। ଏ ସମୟରେ ଅନେକ ସୁଯୋଗ ପାଉଥିଲା ବେଳେ ଅନେକ ଅବହେଳିତ। ପାଠପଢ଼ି ଅନେକ ବେକାର। ସମ ବୟସ୍କ ବ୍ୟକ୍ତି ବହୁ ଥାଟବାଟରେ ପିତାମାତା ରୋଜଗାର କଳା ଟଙ୍କାରେ ଅୟସ କରୁଛନ୍ତି। ଅନେକ ଦେଖି ଦେଖି କୁମାର୍ଗକୁ ଯିବାକୁ ଉପାୟ ବାଛୁଛନ୍ତି। ପୂର୍ବେ ଲୋକେ ପେଟ ଭରି କେମିତି ଖାଦ୍ୟ ଖାଇବେ କୁମାରୀ ଝିଅଙ୍କ କେମିତି ବିବାହ ହେବ। ବ୍ରାହ୍ମଣ ଗରିବ ପିଲା କେମିତି ଉପନୟନ ହେବ, ପ୍ରତି ଗ୍ରାମ ସାହିରେ ବାରମ୍ବାର ଜନ୍ମଦିନ ପର୍ବ ବିବାହ ବ୍ରତରେ ଭୋଜି ଭାତର ବ୍ୟବସ୍ଥା କରାଯାଉଥିଲା। ଏବେ ଏହା କାହାରି ଘରେ ହେଉନାହିଁ। କଲ୍ୟାଣ ମଣ୍ଡପ ହୋଟେଲରେ ହେଉଛି କାହାରି ପେଡ଼ାଶୀ ଜାତି ସହଯୋଗ ଦରକାର ପଡୁନାହିଁ ଫଳରେ ସୂର୍ଯ୍ୟବନ୍ଧୁମାନେ ଭୋଜି ଭାତକୁ ଦେୟ ଭୋଜିରେ ଯୋଗ ଦେଉଛନ୍ତି ମୂଳ ଘରର ଦାରିଦ୍ର୍ୟ ଖଣ୍ଡନ ଏଥିରେ କରାଯାଉନାହିଁ।

ସରକାର ସ୍ୱତନ୍ତ୍ର ଧ୍ୟାନ ଦେଇ ଏଇ ବେକାରୀ ହଟାଇବା ଉପାୟ କରିପାରିଲେ ଅନେକ ଅପରାଧ କମିବାକୁ ଆରମ୍ଭ କରିବ ଓ ଶିକ୍ଷାକୁ କଡ଼ାକଡ଼ି ନିୟମ ଋଷିମାର୍ଗର ଶିକ୍ଷା କରାଇବାକୁ ପଡ଼ିବ। ଆବାସିକ ଶିକ୍ଷା ଏଥିରେ ଗୋଟିଏ ଭଲ ଉପାୟ। ଯହିଁରେ ପିଲାମାନେ ମୂଳରୁ ନିଜ କାମ ନିଜେ କରିବା ଶିକ୍ଷା କରିବେ ଓ ଧନ୍ଦାମୂଳକ ଶିକ୍ଷା ଲାଭ କରିପାରିବେ।

ବରେଣ୍ୟ ବାଣୀ’ ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ନିଖୋଜ ହେଉଛି ଋତୁ

॥ ବାଦଲ ଭୂୟାଁ ॥

ଋତୁଚକ୍ରରେ ଛଅ ଋତୁରୁ ହଜିଗଲାଣି ବସନ୍ତ, ଶରତ, ହେମନ୍ତ। ଶୀତ ନିଷ୍ପ୍ରଭ, ବର୍ଷା ଅସନ୍ତୁଳିତ। ବର୍ଷର ଛଅ ଋତୁ ଓ ବାର ମାସ ମଧ୍ୟରୁ ଏବେ ଅର୍ଦ୍ଧାଧିକ କାଳ ଅନୁଭୂତ ହେଉଛି ଗ୍ରୀଷ୍ମର ପ୍ରଭାବ। ପ୍ରଚଣ୍ଡ ସୂର୍ଯ୍ୟତାପ ପ୍ରଭାବ ପ୍ରାଣୀ ଜଗତ ଠାରୁ ଆରମ୍ଭ କରି ମେରୁ ପର୍ଯ୍ୟନ୍ତ ପରିବ୍ୟାପ୍ତ। ଜଳବାୟୁ ପରିବର୍ତ୍ତନ ବୃକ୍ଷରାଜି ଠାରୁ କୀଟପତଙ୍ଗ ସମସ୍ତେ ପ୍ରଭାବିତ। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ବର୍ଦ୍ଧିତ ଜନବସତିର ଆକାର, ପ୍ରତିବର୍ଷ ବୃଦ୍ଧି ପାଉଥିବା ଗାଡିମୋଟରର ସଂଖ୍ୟା, ବ୍ୟାପକ ଶିଳ୍ପାୟନ, ଜଙ୍ଗଲ ହ୍ରାସ ଆଦି ବିଭିନ୍ନ କାରଣ ଜଳବାୟୁ ପରିବର୍ତ୍ତନର କାରକ ଭାବରେ ଗଣାଯାଉଛି। ମଣିଷ ଯେତେ ଆଧୁନିକ ଓ ବିଳାସୀ ହେଉଛି ଜଳବାୟୁ ଉପରେ ତାହାର ପ୍ରଭାବ ସେତେ ଅଧିକ ପଡୁଛି। ତିନି ଦଶନ୍ଧି ପୂର୍ବରୁ ଅକ୍ଟୋବର ମାସର ଧୂଳିଆ ଅପରାହ୍ନ ସାଙ୍ଗକୁ ସଞ୍ଜକୁ ଢ଼ାଙ୍କି ଦେଉଥିଲା କଅଁଳ ଶୀତ ଚାଦର। ଶରତ କାଶତଣ୍ଡୀ ସାଙ୍ଗରେ ଆସୁଥିବା ଶୀତ ଶବିରାତ୍ରୀ ପର୍ଯ୍ୟନ୍ତ

ଶୀତ ଅନୁଭୂତ ହେଉଥିଲା। ଦୋଳ ଠାରୁ ଖରା ଟିକେ ଟିକେ ଲାଗୁଥିଲା, ଆଉ ରଜ ବେଳକୁ ବୁନ୍ଦାବୁନ୍ଦା ବର୍ଷା ଖରାକୁ ଠେଲି ଦେଉଥିଲା ଦୂରକୁ। ମାତ୍ର ଏବେ ଋତୁଚକ୍ରରେ ଆସିଛି ବଡ଼ ପରିବର୍ତ୍ତନ। ଦିଲ୍ଲୀ ପରି ବଡ଼ ବଡ଼ ସହରରେ ସ୍ମଗ ସାଧାରଣ ଜୀବନଯାତ୍ରାକୁ ବ୍ୟତିବ୍ୟସ୍ତ କରି ଦେଇଛି। ଲୋକମାନେ ଖୋଜୁଛନ୍ତି ଶୁଦ୍ଧ ବାୟୁ। ଏପରିକି କିଛି ଅଞ୍ଚଳରେ ଶୁଦ୍ଧ ବାୟୁ ସିଲିଣ୍ଡରରେ ଭର୍ତ୍ତି କରି ବିକ୍ରି କରାଯାଉଥିବା ଖବର ବି ମିଳିବାରେ ଲାଗିଛି। କେବଳ ସେତିକି ନୁହେଁ, ବରଫ ମେରୁ ତରଳିବା ଯେବେ ଠୁ ଆରମ୍ଭ ହେଲାଣି, ସେବେଠାରୁ ବିଶ୍ୱ ଉପରେ ବିପଦ ବି ବଢ଼ିବାରେ ଲାଗିଛି। ସତରେ କ’ଣ ବରଫ ମେରୁ ତରଳି ଯିବ ? ଯଦି ତରଳିଯାଏ, ତେବେ ବିଶ୍ୱ ଉପରେ ଏହାର କ’ଣ ପ୍ରଭାବ ପଡ଼ିବ ତାକୁ ନେଇ ଆରମ୍ଭ ହୋଇଛି ତର୍ଜମା। ଏପରିକି ଆଗାମୀ କିଛି ବର୍ଷ ମଧ୍ୟରେ ସମୁଦ୍ର ତଟବର୍ତ୍ତୀ ବିଶ୍ୱର ବହୁ ବଡ଼ ସହର ସହ ଭାରତର ୧୨ ସହର ମଧ୍ୟକୁ ସମୁଦ୍ର ମାଡ଼ି ଆସିବ ବୋଲି ମଧ୍ୟ ଆକଳନ କରାଯାଉଛି। ଏହାମଧ୍ୟରେ ଆମ ରାଜ୍ୟରେ ପାରାଦ୍ୱୀପ ମଧ୍ୟ ରହିଛି। ତେବେ ପ୍ରଶ୍ନ ଉଠୁଛି କାହିଁକି ଏପରି ହେଉଛି ? କାହିଁକି ଋତୁଚକ୍ରରୁ ହଜି ଯାଉଛି ଋତୁ? କାହିଁକି ବର୍ଷରେ ଛଅ ଋତୁ ବଦଳରେ ତିନିଟି ଋତୁ ଅନୁଭୂତ ହେଉଛି। କାହିଁକି ବଢୁଛି ତାତି ? କାହିଁକି ତରଳୁଛି ବରଫ ମେରୁ ? ବିକଶିତ, ବିକାଶଶୀଳ ଓ ବିକାଶମୁଖୀ ସବୁ ରାଷ୍ଟ୍ର ଏଥିପାଇଁ ଉଦ୍‌ବେଗ ପ୍ରକାଶ କରୁଛନ୍ତି। ଏହି ପ୍ରସଙ୍ଗକୁ ନେଇ ବୈଜ୍ଞାନିକ, ବିଶେଷଜ୍ଞ, ରାଜନୀତିଜ୍ଞ ସମସ୍ତେ ଚିନ୍ତିତ। ଆନ୍ତର୍ଜାତୀୟସ୍ତରରେ ଜଳବାୟୁ ସମ୍ମିଳନୀ ଡକାଯାଉଛି। ପରିବେଶ ପ୍ରଦୂଷଣ ରୋକିବା ନିମନ୍ତେ ନକ୍ସା ପ୍ରସ୍ତୁତ ହେଉଛି। ଋତୁ ପରିବର୍ତ୍ତନରେ ଅନିୟମିତା ଏବେ ଏକ ମୁଖ୍ୟ ସମସ୍ୟା ପାଲଟିଛି। ବର୍ଷା ଋତୁରେ ନା ଆବଶ୍ୟକ ପରିମାଣର ବର୍ଷା ହେଉଛି ନା ଶୀତ, ଋତୁରେ ଅନୁଭବ କରି ହେଉଛି ଜାଡ଼କୁ। ସେହିପରି ଗ୍ରୀଷ୍ମ ଋତୁରେ ଖରାର ପ୍ରକୋପ ଅସ୍ତବ୍ୟସ୍ତ କରିଦେଉଛି ପ୍ରାଣୀ ଜଗତକୁ। ଏ ସବୁ ଜଳବାୟୁ ପରିବର୍ତ୍ତନର ପରିଣାମ ଭୋଗିବାକୁ ପଡୁଛି ମଣିଷ ଓ ଜୀବଜଗତକୁ। ଜଳବାୟୁ ପରିବର୍ତ୍ତନର କୁପ୍ରଭାବରେ ବିଲୁପ୍ତ ହୋଇଯାଉଛନ୍ତି ଅନେକ କୀଟ, ସରୀସୃପ, ପକ୍ଷୀ, ଜୀବଜନ୍ତୁ। ବର୍ଷା ଋତୁରେ ପ୍ରକୃତିର ମଜା ନେଇ ପାରୁନାହାନ୍ତି କୁନି କୁନି ପିଲାମାନେ। ବାଡ଼ି ପଛ ପଟେ କଙ୍କି ଧରିବାର ମଜା ହେଉ ବା ଫୁଲ ବଗିଚାରେ ରଙ୍ଗିନ ପ୍ରଜାପତି ପଛେ ପଛେ ଦୌଡ଼ିବାର ଅଫୁରନ୍ତ ଆନନ୍ଦ ପାଇପାରୁନାହାନ୍ତି ଏବକାର ପିଲାମାନେ। ବର୍ଷା ଋତୁ ଆସିଲେ ବାଡ଼ି ପଛପଟେ ବୁଦା ମୂଳରେ ଏଣ୍ଡୁଅ ମୁଣ୍ଡ ଟେକିବାର ଚିରାଚରିତ ଦୃଶ୍ୟ ଆଉ ଦେଖିବାକୁ ମିଳୁନି। ଲାଲ ଟୁକୁଟୁକୁ ସାଧବ ବୋହୂକୁ ହାତରେ ଧରି ଉଲ୍ଲସିତ ହେବାର ଅପୂର୍ବ ସୁଯୋଗ ମିଳୁନାହିଁ। ଏହା ଆକର୍ଷଣୀୟ ଜୀବ ଆମ ଚାରି ପାଖରୁ ଧୀରେ ଧୀରେ ଲୋପ ପାଇବାକୁ ବସିଲେଣି। ଏହାର ପ୍ରମୁଖ କାରଣ ହେଉଛି ଜଳବାୟୁ ପରିବର୍ତ୍ତନ। ତେଣୁ ପିଲାଦିନର ମଧୁର ସ୍ମୃତିକୁ ଜାବୁଡ଼ି ଧରିବାର ଦିନ ହଜି ହଜି ଯାଉଛି। ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ସିଧାସଳଖ ପଡୁଛି ଉଦ୍ଭିଦ ଜଗତ ଉପରେ। ଖରା, ବର୍ଷା, ଶୀତରେ ଅନିୟମିତତା ଯୋଗୁଁ ଗଛଲତାଗୁଡ଼ିକ ଠିକ ଭାବରେ ବଢ଼ି ପାରୁନାହିଁ। ଫୁଲ, ଫଳ ଧରିବାରେ ବିଳମ୍ବ ହେଉଛି। ଜଳବାୟୁ ପରିବର୍ତ୍ତନ ଅନ୍ୟତମ କାରଣ ଗ୍ଲୋବାଲ ୱାର୍ମିଂ ବା ବିଶ୍ୱ ତାପମାତ୍ରା। ଏବେ ଗ୍ଲୋବାଲ ୱାର୍ମିଂ ବିଶ୍ୱର ସବୁଠାରୁ ବଡ଼ ସମସ୍ୟା ପାଲଟିଛି। ଏଥିରୁ ରକ୍ଷା ପାଇବା ପାଇଁ ସାରା ବିଶ୍ୱରେ ପ୍ରୟାସ ଜାରି ରହିଛି। ବିଶ୍ୱସ୍ତରରେ ଗ୍ଲୋବାଲ ୱାର୍ମିଂ ଯୋଗୁଁ ଗ୍ଲେସିୟର ତରଳି ସମୁଦ୍ର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହେବା ସହିତ ସମୁଦ୍ର ଆଖପାଖ ଦ୍ୱୀପ ବୁଡ଼ି ଯିବାର ଆଶଙ୍କା ରହିଛି। ଜଳବାୟୁ ପରିବର୍ତ୍ତନ ଓ ଦ୍ରୁତଗତିରେ ଜଙ୍ଗଲ ହ୍ରାସ ଯୋଗୁଁ ଅନେକ ଜଙ୍ଗଲୀ ଜୀବଜନ୍ତୁ ଲୋପ ପାଇବାରେ ଲାଗିଛନ୍ତି। ଅନେକ ବିରଳ ପ୍ରଜାତିର ପଶୁ, ପକ୍ଷୀ, ଧୀରେ ଧୀରେ ପୃଥିବୀ ବକ୍ଷରୁ ନିଶ୍ଚିହ୍ନ ହେବାରେ ଲାଗିଛନ୍ତି। ବିଶେଷଜ୍ଞଙ୍କ ମତ ଅନୁସାରେ ୨୦୫୦ ମସିହା ସୁଦ୍ଧା ପୃଥିବୀର ଏକ ଚତୁର୍ଥାଂଶ ପ୍ରଜାତିର ଜୀବଜନ୍ତୁ ବିଲୁପ୍ତ ହୋଇଯିବାର ଆଶଙ୍କା ରହିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ବିଭିନ୍ନ ରୋଗ ସଂକ୍ରମଣ ଓ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ଭବିଷ୍ୟତରେ ଜଳବାୟୁ ପରିବର୍ତ୍ତନର ପରିଣାମ ସ୍ୱରପ ମ୍ୟାଲେରିଆ ଓ ଡ଼େଙ୍ଗୁ ଭଳି ରୋଗ ବଢ଼ିବାର ସମ୍ଭାବନା ଅଧିକ ରହିଛି। ଏପରିକି ଏଭଳି ରୋଗକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡ଼ିବ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଜଙ୍ଗଲରେ ନିଆଁ ଲାଗୁଛି। ତୀବ୍ର ଗରମ ଓ ଶୁଷ୍କ ପରିବେଶ କାରଣରୁ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟୁଛି। ବ୍ରାଜିଲସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଫର ସ୍ପେସ ରିସର୍ଚ୍ଚ ବା ଆଇଏନପିଇର ତଥ୍ୟ ଅନୁସାରେ ୨୦୧୯ ଜାନୁଆରୀରୁ ଏ ପର୍ଯ୍ୟନ୍ତ ବ୍ରାଜିଲର ଅମାଜନ ଜଙ୍ଗଲରେ ୭୪,୧୫୫ ଥର ନିଆଁ ଲାଗିଲାଣି। ସେହିପରି ଆମ ଦେଶର ବିଭିନ୍ନ ରାଜ୍ୟରେ ବନାଗ୍ନି ଯୋଗୁଁ ବିପୁଳ କ୍ଷତି ଘଟୁଛି। ଓଡ଼ିଶା ବି ଏଥିରୁ ବାଦ ପଡ଼ିନାହିଁ। ଜଙ୍ଗଲରେ ନିଆଁ ଲାଗିବା ଫଳରେ ବ୍ୟାପକ ପରିମାଣରେ ବିରଳ ଗଛ, ଔଷଧୀୟ ଗୁଳ୍ମ ନଷ୍ଟ ହୋଇଯାଉଛି। ଏପରିକି ଅନେକ ବିରଳ ପ୍ରଜାତିର ଜୀବଜନ୍ତୁ ଜୀବନ୍ତ ଦଗ୍ଧ ହେଉଛନ୍ତି। ସତ ହେବ କି ମାଳିକା ବଚନ ! ବାଇଶି ପାହାଚେ ଖେଳିବ ମୀନ ! ଜଳବାୟୁ ପରିବର୍ତ୍ତନ ଯୋଗୁଁ ମାଳିକାର ବଚନ ସତ ହେବ ବୋଲି ଆଶା କରାଯାଉଛି। ଆସନ୍ତା ୨୦୩୦ ମସିହା ମଧ୍ୟରେ ଦେଶରେ ଅନେକ ସମୁଦ୍ର କୂଳିଆ ସହର ଜଳମଗ୍ନ ହୋଇଯିବ। ସମୁଦ୍ରରୁ ବଡ଼ ବଡ଼ ଲହଡ଼ି ଆସି ସହରକୁ ଜଳମଗ୍ନ କରିଦେବ ବୋଲି ମାଳିକାରେ ବର୍ଣ୍ଣନା କରାଯାଇଛି। ଆଉ ଏହା ଅନେକ ପରିମାଣରେ ସତ ହୋଇଛି। ଅତୀତରେ ସାମୁଦ୍ରିକ ଝଡ଼ ଫଳରେ ସମୁଦ୍ର ଜଗ ସହର ଆଡ଼କୁ ମାଡ଼ି ଆସିଥିଲା। ଯେଉଁ ଭଳି ଭାବେ ସମୁଦ୍ର କୂଳ ଲଙ୍ଘିବାରେ ଲାଗିଛି, ଆଗାମୀ ଦିନରେ ଏହା ସତରେ ପରିଣତ ହେବ ନିଶ୍ଚିତ। କାରଣ ନିକଟ ଅତୀତରେ ଏକ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ଉଲ୍ଲେଖ ରହିଛି, ମୁମ୍ବାଇ, କୋଚି, ମାଙ୍ଗାଲୁରୁ, ବିଶାଖାପାଟନମ୍, ତିରୁଅନନ୍ତପୁରମ ଆଦି ସହର ସମୁଦ୍ର ଗର୍ଭରେ ଲୀନ ହୋଇଯିବ।

ପୁରୁଣା ସୋନାରୀ,
ଜାମସେଦପୁର, ଦୂରଭାଷ :
୭୪୮୮୯୯୮୫୩୨,

# ନିଶାମୁକ୍ତ ସମାଜ

ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ

ମୁଣ୍ଡ ଉପରେ ନିର୍ବାଚନ। ନିର୍ବାଚନ ବେଳେ ସବୁ ରାଜନୈତିକ ଦଳ ନିର୍ବାଚନ ଇସ୍ତାହାରରେ ନାନା ପ୍ରତିଶ୍ରୁତି ଦିଅନ୍ତି ଅର୍ଥାତ୍ ସେମାନଙ୍କ ଦଳ ଶାସନକୁ ଆସିଲେ ଲୋକମାନଙ୍କ ପାଇଁ କ’ଣ କ’ଣ ସବୁ କରିବେ ସେ ନେଇ ଇସ୍ତାହାରରେ ଘୋଷଣାନାମା ଜାରି କରିଥାନ୍ତି। ଭାରତର ପ୍ରଧାନମନ୍ତ୍ରୀ କହିଛନ୍ତି ପୁରା ଭାରତ ମୋ ପରିବାର। ଇଆଡ଼େ ଓଡ଼ିଶାର ମୁଖ୍ୟମନ୍ତ୍ରୀ କହିଛନ୍ତି ସାଢ଼େ ଚାରିକୋଟି ଓଡ଼ିଶାବାସୀ ମୋ ପରିବାରର। ସବୁଠାରୁ ବଡ଼ କଥା ହେଉଛି ଦେଶବାସୀ ବା ରାଜ୍ୟ ବାସୀଙ୍କୁ ନିଜ ପରିବାର ବୋଲି କହିବା ଏକ ଛୋଟିଆ କଥା ନୁହେଁ କାରଣ ଏସବୁ ଭିତରେ ଜଣଙ୍କର ନିଜ ପରିବାର ଲୋକମାନଙ୍କ ପାଇଁ କେତେ ଯେ ଗୁରୁଦାୟିତ୍ୱ ରହିଛି ତାହା ଚିନ୍ତା କରିବାର ଦରକାର। ଆଜିର ସମୟକୁ ଟିକିଏ ନିରିଖେଇ ଦେଖିଲେ ଜଣାପଡ଼େ ସମାଜରେ ଅନେକ ଦୁଃଖଦ ଓ ସାମାଜିକ ବିଭ୍ରାଟର ମୂଳ କାରଣ ହେଉଛି ନିଶାସେବନ ବା ମଦ୍ୟପାନ ଯାହାକି ଘର ସଂସାର ଠାରୁ ନିଜ କର୍ମକ୍ଷେତ୍ର, ଦୁର୍ଘଟଣାରୁ ଠାରୁ ସଂସାର ଉଜାଡ଼ି ଦେଇଥାଏ ଏହି ଦୁଃଖଦ ବଦଗୁଣଟି। ତେବେ ଏସବୁକୁ ଆମ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ମଧ୍ୟ ଜାଣିଛନ୍ତି। ତେବେ ବାସ୍ତବ କଥା ହେଉଛି ଯଦିଓ ଅନେକ ଯୁକ୍ତି କରନ୍ତି ମଦବିକ୍ରିରୁ ସରକାର ଅପର୍ଯ୍ୟାପ୍ତ ରାଜସ୍ୱ ପାଇଥାନ୍ତି ଯାହାକି ଲୋକମାନଙ୍କ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଖର୍ଚ୍ଚ ହୋଇଥାଏ କିନ୍ତୁ ଏହା କେତେ ଯେ ଘାତକ କ୍ଷତି କରିଥାଏ ତାହା ଅନେକ ଜାଣିନଥିବେ। ତେଣୁ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି ନିର୍ବାଚନ ଇସ୍ତାହାରରେ ନିଶାମୁକ୍ତ ସମାଜ ବା ମଦମୁକ୍ତ ସମାଜ ଗଢ଼ିବା ପାଇଁ ପ୍ରୟାସ କ’ଣ ପାଇଁ ହେଉନାହିଁ ?

ରାଜନୈତିକ ଦଳମାନେ ସେମାନଙ୍କ ନିର୍ବାଚନ ଇସ୍ତାହାରରେ ମଦମୁକ୍ତ ଦେଶ ବା ମଦମୁକ୍ତ ରାଜ୍ୟ ଗଠନର ପ୍ରତିବଦ୍ଧତା ତ କାହିଁ ନଜରରେ ପଡୁନି ? ମଦରୁ ରାଜସ୍ୱ ଆସୁଛି ବୋଲି ଯେ ଏହାକୁ ଖାଇ ଲୋକେ ଅସୁସ୍ଥ ହୁଅନ୍ତୁ, ନିଶାଗ୍ରସ୍ତ ହୁଅନ୍ତୁ, ଦୁର୍ଘଟଣାଗ୍ରସ୍ତ ହୁଅନ୍ତୁ ଏବଂ ଅପରାଧୀ ହୁଅନ୍ତୁ କିନ୍ତୁ ମଦ ବିକ୍ରିକୁ ସମ୍ପୂର୍ଣ୍ଣ ଭାବେ ନିଷେଧ କରାଯାଇପାରିବ ନାହିଁ। ଜନପ୍ରତିନିଧିମାନେ ସମଗ୍ର ଦେଶକୁ ଏବଂ ଦେଶବାସୀଙ୍କୁ ନିଜ ପରିବାର ବୋଲି କହିବାରେ ଏତେ ଛଳନା ରହିଛି ତାହା ବେଶ ଅନୁମାନ କରିହୁଏ। ସମଗ୍ର ଦେଶ ବା ରାଜ୍ୟକୁ ନିଜ ପରିବାର ବୋଲି ଭାବୁଥିବା ମୁଖିଆଙ୍କ ପ୍ରଥମ କର୍ତ୍ତବ୍ୟ ହେବା ଉଚିତ ପରିବାର ଲୋକମାନଙ୍କ ପାଇଁ ମଦ କିଭଳି ସହଜଲଭ୍ୟ ନହେଉ।

ସମଗ୍ର ଦେଶରେ ମଦ ବିକ୍ରି ଉପରେ ରୋକ ନ ଲାଗିଲେ ମଧ୍ୟ ରାଜ୍ୟ ଚାହିଁଲେ ନିଜ ରାଜ୍ୟରେ ଏହାକୁ ବାରଣ କରିପାରିବେ। କିନ୍ତୁ ଲୋକେ କାଳେ ନକଲି ବିଷାକ୍ତ ମଦ ପିଇ ଅସୁସ୍ଥ ହେବେ ଏଇ ନ୍ୟାୟରେ ଅସଲି ମଦ ଲୋକଙ୍କୁ ଯୋଗାଇ ଦେବା ଯେ କେତେ ଆଦର୍ଶଗତ ନିଷ୍ପତ୍ତି ଏକଥା ଯେକେହି କହିବେ। କଂଗ୍ରେସ ତାର ନିର୍ବାଚନ ଇସ୍ତାହାର ବା ଗ୍ୟାରେଣ୍ଟିରେ ଯେଉଁସବୁ ଘୋଷଣା କରିଛି ତା ଭିତରେ ରହିଛି ମଦମୁକ୍ତ ଗାଁକୁ ପୁରସ୍କାର। କିନ୍ତୁ ଯଦି ଥାଆନ୍ତା ମଦକୁ ସମ୍ପୂର୍ଣ୍ଣ ନିଷେଧ କରାଯିବାର ଘୋଷଣା ତାହେଲେ ସେମାନେ ଅନ୍ୟ ଦଳମାନଙ୍କ ଠାରୁ ଲୋକଙ୍କ ପାଇଁ ଯେ ଅଧିକ ଦରଦୀ ଏକଥା ବୁଝା ପଡ଼ନ୍ତା। ତଥାପି ନିଶାମୁକ୍ତ ଗାଁକୁ ପୁରସ୍କାର ମଧ୍ୟ ଏକ ଉତ୍ତମ ଘୋଷଣା।

ନିର୍ବାଚନ ସମୟରେ ମଦର ବନ୍ୟା ସହରଠୁ ଗାଁ ସବୁଆଡ଼େ ଜୋରଦାର ଦେଖାଦେଇଥାଏ। ଯୁବଗୋଷ୍ଠୀ ଓ ତଥାକଥିତ କୁଜି ନେତାମାନେ ଏହାକୁ ବଡ଼ ଅସ୍ତ୍ର କରିଥାନ୍ତି ଭୋଟ ଯୋଗାଡ଼ ପାଇଁ। ସାଧାରଣତଃ ଏହି ସମୟରେ ହିଁ ଅନେକ ଅପ୍ରିତୀକର ପରିସ୍ଥିତି ସୃଷ୍ଟି ହୁଏ ତେଣୁ ନିର୍ବାଚନରେ ମଦର ବଡ଼ ଭୂମିକା ରହୁଥିବାରୁ ମଦମୁକ୍ତ ଭାରତ, ମୁକ୍ତମୁକ୍ତ ଓଡ଼ିଶା ବା ମଦମୁକ୍ତ ସମାଜ ତିଆରି ପାଇଁ ଏବଂ ଏହାକୁ ନିର୍ବାଚନ ଇସ୍ତାହାରରେ ରଖାଯାଉ। ସମସ୍ତ ଦଳ ଯଦି ନିର୍ବାଚନ ଇସ୍ତାହାରରେ ଏହି ପ୍ରସଙ୍ଗଟିକୁ ଗୁରୁତ୍ୱ ଦିଅନ୍ତେ ତାହାହେଲେ ଏ ସମାଜର ପ୍ରଭୁତ ମଙ୍ଗଳ ସାଧନ ହୋଇପାରିବ।

ବିଭବ, ଆଚାର୍ଯ୍ୟ କଲୋନୀ, ବାଲିଗୁଡ଼ା, କନ୍ଧମାଳ, ଦୂରଭାଷ : ୯୪୩୭୨୪୨୩୧୭



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ବନ୍ୟ ଜନ୍ତୁ ଶିକାରୀଙ୍କ ସହ ବନ୍ଧୁ ବାନ୍ଧିଛି ପଞ୍ଚରିଡା ବନାଞ୍ଚଳ



ରଣପୁର, (ମହାଭାରତ) : ବନ୍ୟ ଜନ୍ତୁ ଶିକାରୀଙ୍କ ସହ ବନ୍ଧୁ ବାନ୍ଧଛି ବନ ବିଭାଗ। ପଞ୍ଚରିଡା ବନାଞ୍ଚଳ ଓ ଦର୍ପନାରାୟଣପୁର ବନପାଳ ଙ୍କ ସହଯୋଗରେ ଉକ୍ତ ଅଞ୍ଚଳରେ ବନ୍ୟ ଜନ୍ତୁ ଶିକାରୀ ଓ କାଠ ମାଫିଆ ମାନେ ସକ୍ରିୟ ହେବା କଥା ସାଧାରଣରେ ଅଭିଯୋଗ ହେଉଛି। ଯାହା ଫଳରେ ନୟାଗଡ ଜିଲ୍ଲା ପଞ୍ଚରିଡା ବନାଞ୍ଚଳ ଅଞ୍ଚଳରେ ବନ୍ୟ ଜନ୍ତୁ ଶିକାରୀଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ପ୍ରତେକ ଦିନ ପଞ୍ଚରିଡା ବନାଞ୍ଚଳ ଏରିଆରେ ଶହ ଶହ ନିରୀହ ଜନ୍ତୁ ବିଦ୍ୟୁତ୍ ଓ ବନ୍ଧୁକ ସାହାଯ୍ୟରେ ଶିକାର ହେଉଛନ୍ତି। ଏ ଭଳି ଏକ କରୁଣ ଦୃଶ୍ୟ ପଞ୍ଚରିଡା ବନାଞ୍ଚଳ ଓ ଦର୍ପନାରାୟଣପୁର ବନପାଳ ଙ୍କ ଏରିଆରେ ଦେଖିବାକୁ ମିଳିଛି। ଯାହା ଦ୍ୱାରା ଗତ ଦୁଇ ଦିନ ତଳେ ବନ୍ଧମୁଣ୍ଡା ପଞ୍ଚାୟତ ସାନ ତୁଲୁବି ଗ୍ରାମରେ ଘଟିଛି ଅଘଟଣ। ସାନ ତୁଲୁବି ଗାଁ ହେଉଛି ଏକ ଆଦିବାସୀ ଗ୍ରାମ। ଉକ୍ତ ଗ୍ରାମରେ ପ୍ରାୟ ୩୦ ଗୋଟି ଆଦିବାସୀ ପରିବାର ବସ ବାସ କରନ୍ତି। ଉକ୍ତ ଗ୍ରାମର ଦୁଇ ଜଣ ଗୋ ପାଳକ ସୁବାସ ପ୍ରଧାନ ଓ ଶରତ ପ୍ରଧାନ ଗତ ୧୦ ତାରିଖ ଦିନ ୧୦ ଘଣ୍ଟା ସମୟରେ ଜଙ୍ଗଲକୁ ଗାଇ ନେଇ ଯାଇଥିଲେ। ଅପରାହ୍ନ ୪ ଘଣ୍ଟା ସମୟେ ଗାଇ ଘରକୁ ଫେରିବା ବେଳେ, ଶିକାରୀ ମାନେ ୧୧ କେଭି ଭୋଲ୍ଟ ର ବିଦ୍ୟୁତ୍ ତାର ଲଗାଇ ଥିଲେ। ବିଦ୍ୟୁତ୍ ତାରରେ ୫ ଗୋଟି ଗାଇ ଓ ବଳଦ ଲାଗିଯାଇଥିଲେ। ଗାଇ ମାନେ ଛଟପଟ ହେବାର ଗାଇ ପାଳିଆ ଦେଖି ପାଖକୁ ଯିବାରେ ଦେଖିଲେ ବିଦ୍ୟୁତ୍ ସଂଯୋଗ ରେ ଲାଗି ଗାଇ ମାନେ ମୃତ୍ୟୁ ବରଣ କରିଛନ୍ତି। ଏହି ଅଭାବନୀୟ ଘଟଣା କୁ ନେଇ ଆଦିବାସୀ ପରିବାର ରେ ଶୋକର ଲହରୀ ଖେଳିଯାଇଛି। ବନ ବିଭାଗର ଅବହେଳା ଓ ଅସାବଧାନତା ପାଇଁ ନିରୀହ ଜନ୍ତୁ ମାନେ ମୃତ୍ୟୁ ବରଣ କରୁଛନ୍ତି। ବନ୍ୟ ଜନ୍ତୁ ଶିକାରୀ ମାନେ ଗତ ଦୁଇ ଦିନ ତଳେ ବାରହା ଶିକାର କରିବା ପାଇଁ ଗ୍ରାମକୁ ଲାଗିଥିବା ଜଙ୍ଗଲରେ ବିଦ୍ୟୁତ୍ ସଂଯୋଜିତ ଜିଆଇ ତାରକୁ ନେଇ ପ୍ରାୟ ୧ କି.ମି ପରିଧିରେ ତାର ବିଛାଇ ଥିଲେ। ଗ୍ରାମବାସୀ ମାନେ ବହୁ ଦିନ ହେଲା ଶିକାରୀ ମାନଙ୍କ ଉପଦ୍ରବ୍ୟ କଥା ଦର୍ପନାରାୟଣପୁର ବନପାଳ ଚନ୍ଦ୍ରମଣି ଡାକୁଆଙ୍କୁ ଜଣାଇ ଥିଲେ ମଧ ବନ ପାଳ ବେଖାତିର ଭାବି ନିଷ୍କ୍ରିୟ ହୋଇଥିଲେ। ଯାହାର ପରିଣାମ ଆଜି ନିରୀହ ଲୋକ ଭୋଗୁଛନ୍ତି। ବନପାଳ ଙ୍କ ନିଷ୍କ୍ରିୟତା କୁ ନେଇ ସାଧାରଣ ରେ ଚର୍ଚ୍ଚା ହେବା ସହ ନୟାଗଡ ବନ ଅଧିକାରୀଙ୍କୁ ଘୋର ନିନ୍ଦା କରିଥିବା ଦେଖାଯାଇଛି। ଗଣମାଧ୍ୟମ ପ୍ରତିନିଧି ଦର୍ପନାରାୟଣପୁର ବନ ପାଳଙ୍କୁ ଏ ଘଟଣା ବିଷୟରେ ପଚାରିବାରୁ ବନପାଳ ମଉନେ ସଂମତ ଲକ୍ଷଣ ଭଳି କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ। ଏହାକୁ ନେଇ ସାନ ତୁଲୁବି ଗ୍ରାମ ଲୋକମାନେ ଚାନ୍ଦପୁର ଥାନାରେ ଏତଲା ଦେଇଛନ୍ତି। ଗ୍ରାମବାସୀ ମାନେ ବନ ବିଭାଗର ବେଖାତିରି କୁ ନେଇ ରାଜ୍ୟର ଆଦିବାସୀ ମନ୍ତ୍ରୀ ଓ ଜଙ୍ଗଲ ସୁରକ୍ଷା ମନ୍ତ୍ରୀ ଙ୍କ ସହିତ ମୋହନ ସରକାରଙ୍କୁ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଗୁହାରି କରିଛନ୍ତି।

## ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



ଯୋଡ଼ା, (ମହାଭାରତ) : କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ୍ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଯୋଡ଼ା ବନେଇକଳା ଟାଟା ଖେଳ ପଡିଆରେ ଅନୁଷ୍ଠିତ ହେଇଯାଇଛି । ଏହି ମେଳାରେ ବହୁ ସଂଖ୍ୟକ ଚାଷୀ ଦେଖିବାକୁ ମିଳିଥିଲା । ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ପ୍ରଶାନ୍ତ କୁମାର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମେଳାରେ ମୁଖ୍ୟ ଅତିଥି ଭାବେ ଯୋଡ଼ା ବ୍ଲକ ଅଧକ୍ଷ କବୀନ୍ଦ୍ର ନାଏକ ଫିତା କାଟି ଏହି ମେଳାର ଶୁଭ ଉଦଘାଟନ କରିଥିଲେ। ଏହି ମେଳାରେ ପ୍ରାଣୀ ସମ୍ପଦ ବିକାଶ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡ. ନୃସିଂହ ଚରଣ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ରୂପେ ଯୋଡ଼ା ବ୍ଲକ ସାଂସଦ ପ୍ରତିନିଧି ଅଗନୁ ଚରଣ ମହାନ୍ତ,ଯୋଡ଼ା ପୌରପାଳିକା ସାଂସଦ ପ୍ରତିନିଧି ବିଚିତ୍ରାନନ୍ଦ ଦାସ, ପ୍ରାଣୀ ସମ୍ପଦ ବିକାଶ ବିଭାଗ ସାଂସଦ ପ୍ରତିନିଧି ଜାପାନୀ ନାଏକ, ପିନାକ୍ଷୀ ତ୍ରିପାଠୀ, ଜିଲ୍ଲାପରିଷଦ ସଭ୍ୟ ଉମ୍ବରୁଧର କୁଦାଦା, ଯୋଡ଼ା କୃଷି ଓ ପରାମର୍ଶ କେନ୍ଦ୍ର ଅଧକ୍ଷ ଦଶରଥ ବାରିକ, ସମାଜସେବୀ ଜଗନ୍ନାଥ ପାଣିଗ୍ରାହୀ, ଲୋଇଡାପଦା ସରପଞ୍ଚ ବିଳାସିନୀ ଓରାମ, ଯୋଡ଼ା ବ୍ଲକ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଜୀବନ କୁମାର ମୁଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ସରକାର ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମାନଙ୍କର ଉନ୍ନତି ପାଇଁ ସଦାସର୍ବଦା ତତ୍ପର ଅଛନ୍ତି,ସରକାର ଯାହା ସବୁ ଯୋଜନା କରିଛନ୍ତି ତାହା ଆପଣ ମାନେ ଲାଭ ଉଠାଇ ପାରିବେ ବୋଲି ମୁଖ୍ୟ ଅତିଥି କହିଥିଲେ। ଯୋଡ଼ା ବ୍ଲକର ୧୯ ଗୋଟି ପଞ୍ଚାୟତର ଶତାଧିକ ଚାଷୀ ଏହି ମେଳାରେ ଅଂଶ ଗ୍ରହଣ କରିଥିଲେ । ମେଳାରେ ମୋଟ ୧୨ଟି ଷ୍ଟଲରେ ଚାଷୀମାନଙ୍କୁ ସରକାରଙ୍କ ପଶୁ ସମ୍ପଦ ଓ ମତ୍ସ୍ୟ ସମ୍ପଦ ଉପରେ ଆତ୍ମ ନିର୍ଭରଶୀଳ ହେବା ପାଇଁ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ ଓ ପ୍ରଦର୍ଶିତ କରାଯାଇଥିଲା । ପ୍ରାଣୀ ସମ୍ପଦ ବିକାଶ ବିଭାଗ ଚାରୋଟି,ମତ୍ସ୍ୟ ବିଭାଗ ଚାରୋଟି, ଉଦ୍ୟାନ କୃଷି ଗୋଟିଏ,ମିଶନ ଶକ୍ତିରୁ ଗୋଟିଏ,କୃଷି ବିଭାଗର ଗୋଟିଏ,ତା ସହିତ ଶ୍ରୀ ଅନ୍ନ ଅଭିଯାନ ପକ୍ଷରୁ ଖାଦ୍ୟ ମେଳା ଷ୍ଟଲ ପ୍ରଦର୍ଶିତ ହେଇଥିଲା । କାମଧେନୁ ଯୋଜନାରେ ଗୋ-ପାଳନ, ମଇଁଷି ପାଳନ, ମାଈ ବାଛୁରୀ ପାଳନ ସହିତ ଘାସ ଚାଷରେ ବର୍ତ୍ତମାନ ସରକାର ଆର୍ଥିକ ସହଯୋଗ ବୃଦ୍ଧି କରି କିପରି ଚାଷୀ ଲାଭବାନ ହୋଇପାରିବେ ତାହା ବକ୍ତାମାନେ ପ୍ରକାଶ କରିଥିଲେ । ସରକାର ଚାଷୀଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଉଥିବା ବେଳେ ନିଷ୍ଠା ଓ ପ୍ରଚେଷ୍ଟା ରହିଲେ ଚାଷୀ ମାନେ ଆତ୍ମ ନିର୍ଭରଶୀଳ ହୋଇ ପାରିବେ ବୋଲି ଅତିଥି ମତବ୍ୟକ୍ତ କରିଥିଲେ। ମାଛ ଚାଷରେ ମଧ ସରକାର ପୋଖରୀ ଖନନ ସହିତ ମାଛ ଜାଆଁଳା ଉତ୍ପାଦନ ସହିତ ବିଭିନ୍ନ ଉପକରଣରେ ସରକାର ରିହାତି ନେଇ ମାଛ ଚାଷରେ ଆତ୍ମ ନିର୍ଭର ହୋଇପାରିବେ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ । ଯୋଡ଼ା ବ୍ଲକରେ ମାଛ ଚାଷ ପାଇଁ ନୂଆ ପୋଖରୀ ଯୋଜନା ମାଧ୍ୟମରେ ୨ ଜଣଙ୍କର ୨ ଏକର ପୋଖରୀ ଖୋଳା ଯାଇ ସାରିଥିବା ବେଳେ ଗ୍ରାମ ପଞ୍ଚାୟତ ପୋଖରୀରେ ମାଛ ଚାଷ କରିବା ପାଇଁ ଯୋଡ଼ା ବ୍ଲକ ୧୯ ଟି ପଞ୍ଚାୟତରେ ଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଦୁଇ ବର୍ଷ ମଧ୍ୟରେ ସରକାରୀ ସୁବିଧା ଯୋଗାଇ ଦିଆଯାଇଛି। ଏହାସହିତ ନିଜସ୍ୱ ପୋଖରୀରେ ମାଛ ଜାଆଁଳା ଚାଷ କରିବା ପାଇଁ ହିତାଧିକାରୀଙ୍କୁ ସବସିଡିର ସହାୟତା ଯୋଗାଇ ଦିଆଯାଇଛି। ଜିଲ୍ଲା ଖଣିଜ ପାଣ୍ଠି ତରଫରୁ ନିଜସ୍ୱ ପୋଖରୀରେ ମାଛ ଚାଷ କରିବା ପାଇଁ ଜାଆଁଳ, ମାଛ ଖାଦ୍ୟ ମଧ ଯୋଗାଇ ଦିଆ ଯାଉଥିବା ଯୋଡ଼ା ବ୍ଲକ ସହକାରୀ ମତ୍ସ୍ୟ ଅଧିକାରିଣୀ ଶିଳ୍ପା ଶିକ୍ତା ସବୁଜିମା ବିଶ୍ୱାଳ କହିଛନ୍ତି । ଏହା ସହିତ ସଫଳ ଚାଷୀ ପ୍ରାଣୀ ସମ୍ପଦ ବିକାଶ ବିଭାଗରୁ ୪ଜଣ ଓ ମତ୍ସ୍ୟ ବିଭାଗରୁ ୪ ଜଣ ସଫଳ ଚାଷୀଙ୍କୁ ସମ୍ମାନୀତ କରାଯାଇଥିଲା । ତାସହିତ ମେଳାରେ ପ୍ରଦର୍ଶିତ ହେଇଥିବା ଷ୍ଟଲ ଗୁଡିକକୁ ଅତିଥି ବୁଲି ଦେଖିଥିଲେ। ଯୋଡ଼ା ବ୍ଲକର ସହକାରୀ କୃଷି ଅଧିକାରୀ ଦେବବ୍ରତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଯୋଡ଼ା ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଜୀବନ କୁମାର ମୁଣ୍ଡାଙ୍କ ସମେତ ଉପଖଣ୍ଡର ସମସ୍ତ ପ୍ରାଣୀ ଚିକିତ୍ସାଳୟର ସମସ୍ତ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ ।

## ବି ଡି ଓଙ୍କ ପ୍ରତିଶୃତି ପରେ ଧାରଣାରୁ ଓହରିଲେ ସମିତିସଭ୍ୟ




ଗଣିଆ, (ମହାଭାରତ): ଗଣିଆ ବ୍ଲକ ଗଣିଆ ଗ୍ରାମପଞ୍ଚାୟତ ତେଲିସାହିରେ ଡ୍ରେନ ନିର୍ମାଣ କାର୍ଯ୍ୟ ରେ ମିଥ୍ୟା ବିଲ କରାଯାଉଥିବା ଅଭିଯୋଗ ଆଣିଥିଲେ ସମିତି ସଭ୍ୟ ଫକିର ମୋହନ ଡାକୁଆ । ମିଳିଥିବା ସୁଚନା ଅନୁଯାୟୀ ଗଣିଆ ଗ୍ରାମର ତେଲି ସାହିର ପାଞ୍ଚ ନମ୍ବର ୱାର୍ଡ ର ପଛ ପାଖରେ ୨୦୨୪-୨୫ ଆର୍ଥିକ ବର୍ଷ ରେ କେନ୍ଦ୍ର ଅର୍ଥ ଆୟୋଗ ପାଣ୍ଠିରୁ ୮୦ ହାଜର ଟଙ୍କା ମଞ୍ଜୁର ହେଇଥିଲା । ମାତ୍ର ଉକ୍ତ ଡ୍ରେନ ନିର୍ମାଣ କାର୍ଯ୍ୟ କରାନଯାଇ କିଭଳି ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ଉକ୍ତ କାର୍ଯ୍ୟ ର ବିଲ୍ କଲେ ବୋଲି ସମିତିସଭ୍ୟ ଅଭିଯୋଗ ରଖିଥିଲେ । ଏହାର ତଦନ୍ତ ପାଇଁ ସମିତି ସଭ୍ୟ ବିଭାଗୀୟ ଉଚ୍ଚ କତୃପକ୍ଷ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାର ତଦନ୍ତ ସାତ ଦିନ ମଧରେ କରାନଗଲେ ବ୍ଲକ ସମ୍ମୁଖରେ ଧାରଣା ଦେବେ ବୋଲି ଲିଖିତ ଅଭିଯୋଗ କରିଥିଲେ । ଏହାର କୌଣସି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ହେତୁ ଗତ ଚାରି ତାରିଖ ଠାରୁ ଅନିର୍ଦ୍ଧିଷ୍ଟ ସମୟ ପର୍ଯ୍ୟନ୍ତ ବ୍ଲକ ସମ୍ମୁଖରେ ଧାରଣା ଦେଇଥିଲେ । ଉକ୍ତ କାର୍ଯ୍ୟର ତଦାରଖ ନ ହେବା ପର୍ଯ୍ୟନ୍ତ ଅନଶନ ରୁ ଓହରିବେ ନାହିଁ ବୋଲି କହିଥିଲେ । ଏ ନେଇ ମଙ୍ଗଳ ବାର ଦିନ ଗଣିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ ଓ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧାରଣା ସ୍ଥଳରେ ପହଞ୍ଚି ସମସ୍ୟା ସଂପର୍କ ରେ ବୁଝିଥିଲେ ଏବଂ ଆଗାମୀ ସାତ ଦିନ ମଧ୍ୟରେ ତଦନ୍ତ କରି ସତ୍ୟତା ଘଟଣା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶୃତି ପରେ ଧାରଣା ରୁ ଓହରି ଥିଲେ ବୋଲି ସମିତି ସଭ୍ୟ ପ୍ରକାଶ କରିଥିଲେ ।

## ରାଜ୍ୟ ସ୍ତରୀୟ ସୁରଭିରେ ଅଂଶ ଗ୍ରହଣ କଲେ କେ ଏମ ଭାଲିଆସାହିର ଛାତ୍ରଛାତ୍ରୀ

ଗଜପତି, (ମହାଭାରତ) : ଶିଶୁମାନଙ୍କର ଅନ୍ତର୍ନିହିତ ଗୁଣାବଳୀର ବିକାଶ କରିବା ପାଇଁ ଅନୁଷ୍ଠିତ ହେଉଅଛି ଶିଶୁ ମହୋତ୍ସବ ସୁରଭି। ଏହି ସୁରଭି କାର୍ଯ୍ୟକ୍ରମ ବିଦ୍ୟାଳୟ ସ୍ତରରୁ ଆରମ୍ଭ ହୋଇ ଜିଲ୍ଲା ଏବଂ ରାଜ୍ୟ ସ୍ତରରେ ପାଳନ କରାଯାଇଥାଏ। ଭାଷଣ, ସଙ୍ଗୀତ, ସାଧାରଣ ଜ୍ଞାନ,ଚିତ୍ର ଏବଂ ନୃତ୍ୟ ଆଦି ବିଭିନ୍ନ ପ୍ରକାରର ପ୍ରତିଯୋଗିତା ମାନ କରାଯାଇ, କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥାଏ। ଏହା ସହିତ ଶିକ୍ଷାର୍ଥୀ ମାନଙ୍କର ଶାରୀରିକ, ମାନସିକ ଓ ବୌଦ୍ଧିକ ଆଦିର ବିକାଶ ପାଇଁ ସାହିତ୍ୟ ସୃଜନୀ, ଜିଜ୍ଞାସା, କୌଶଳୀ ଓ କ୍ରୀଡାଙ୍ଗନ ଆଦି ପ୍ରଦର୍ଶିତ ହୋଇଥାଏ। ଗଜପତି ଜିଲ୍ଲାର ରା ଉଦୟଗିରି ବ୍ଲକ୍ ଅନ୍ତର୍ଗତ ପି ଏମ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ କେ




ଏମ ଭାଲିଆସାହିର ଦଶମ ଶ୍ରେଣୀର ଛାତ୍ର ଶ୍ରୀମାନ୍ ମଣ୍ଟୁ ରଇତ ଏବଂ ନବମ ଶ୍ରେଣୀର ଛାତ୍ରୀ ସୁଶ୍ରୀ ପ୍ରିୟା ଗମାଙ୍ଗ ଏହି ରାଜ୍ୟ ସ୍ତରୀୟ ସୁରଭିରେ ଯୋଗ ଦେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏମାନେ ଗଜପତି ଜିଲ୍ଲାର ଆଞ୍ଚଳିକ ସଉରା ଭାଷାରେ ଗଳ୍ପ ଏବଂ ଗୀତ ରଚନା କରି ଜିଲ୍ଲାରେ ଶ୍ରେଷ୍ଠ ବିବେଚିତ ହୋଇ ସାହିତ୍ୟ ସୃଜନୀ ତରଫରୁ ରାଜ୍ୟ ସ୍ତରୀୟ ସୁରଭିରେ ଯୋଗ ଦେବାକୁ ମନୋନୀତ ହୋଇଥିଲେ। ସାହିତ୍ୟ ସୃଜନୀର ପ୍ରଶିକ୍ଷକ ଶ୍ରୀଯୁକ୍ତ ଟି . ବିଦିକଙ୍କ ପ୍ରରୋଚନାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପ୍ରହ୍ଲାଦ ଶିଅଳ ଏମାନଙ୍କର ମାର୍ଗ ଦର୍ଶକ ରୂପେ କାର୍ଯ୍ୟ କରିଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶ୍ରୀଯୁକ୍ତ ରାମଚନ୍ଦ୍ର ଦଳବେହେରା ପୂର୍ଣ୍ଣ ସହଯୋଗ କରିବା ସହିତ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ମଧ ପ୍ରେରଣା ପ୍ରଦାନ କରିଥିଲେ।

## ବୁଢାପାଳ ଠାରେ କମଳା ରସ ପ୍ରକ୍ରିୟା କରଣ କେନ୍ଦ୍ର ଉଦଘାଟନ

ଦେବଗଡ, (ମହାଭାରତ) : ଦେବଗଡ଼ ଡେପୁଟି ସିଓ ଅର୍ ମାସ୍ ରବୀନ୍ଦ୍ର କୁମାର ପ୍ରଧାନ ଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବୁଢ଼ାପାଲ୍ ଠାରେ ଏକ କମଳା ରସ ପ୍ରକ୍ରିୟା କରଣ କେନ୍ଦ୍ର ଶୁଭ ଉଦଘାଟନ ହୋଇଯାଇଛି ।ଏହି କେନ୍ଦ୍ର କୁ ମୁଖ୍ୟ ଅତିଥି ଭାବେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ରାଜେନ୍ଦ୍ର କୁମାର ମିଞ୍ଜ ଓ ବରେଣ୍ୟ ଅତିଥି ଭାବେ ରିଆମାଳ ବ୍ଲକ୍ ଗୋଷ୍ଠି ଉନ୍ନୟନ ଅଧିକାରୀ ଆଦିତ୍ୟ କୁମାର ପଣ୍ଡା ,କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ କୃଷି ବୈଜ୍ଞାନିକ କ୍ଷିରୋଦ କୁମାର ବିଶ୍ୱାଳ , ଡିପିଏମ୍ ଓଏଲେମ ଶିଶିର କୁମାର ଷଡଙ୍ଗୀ, ବୁଢ଼ାପାଲ୍ ସରପଞ୍ଚ ଯୋଗଦେଇ ଶୁଭ ଉଦଘାଟନ କରିଥିଲେ। କମଳା ରସ ପ୍ରକ୍ରିୟା କରଣ ସ୍ଥାପନ କରାଯିବା ଦ୍ୱାରା କମଳା ଚାଷୀ କୁଣ୍ଡେଇଗଲା ଓ ବିଭିନ୍ନ ଚାଷୀ ମାନଙ୍କ ଦ୍ୱାରା କମଳା କୁ ସଂଗ୍ରହ କରାଯାଇ କମଳା ରସ ବାହାର କରି ବତଲ ମାଧ୍ୟମରେ ବିକ୍ରୟ କରାଯାଉଛି ।ଏହା ଦ୍ୱାରା ଚାଷୀ ମାନେ ଉପକୃତ ହେବେ ବୋଲି ଆଶାବାଦୀ ଅଛନ୍ତି ।ଏହି କାର୍ଯ୍ୟକ୍ରମ ରେ ଚାଷୀ ଓ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ସରଗିଫୁଲ କାର୍ଯ୍ୟକ୍ରମ



ମାଲକାନଗିରି, (ମହାଭାରତ) : କାଲିମେଲା ବ୍ଲକ ଅନ୍ତର୍ଗତ ମାଲାଭରମ ପଂଚାୟତର ଅନନ୍ତପାଲୀ ଏସ,ଏସ,ଡି ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ସରଗିଫୁଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ସୁବାସିନୀ ସୋଢ଼ି ମୁଖ୍ୟଅତିଥି ଭାବରେ ଯୋଗଦେଇଥିବାବେଳେ ଅତିରିକ୍ତ ଜିଲ୍ଲା ମଂଗଳ ସଂପ୍ରସାରଣ ଅଧିକାରୀ ଗୁରୁବନ୍ଧୁ ପୁଜାରୀ ମୁଖ୍ୟବକ୍ତା ଭାବରେ ଯୋଗଦେଇ ସରଗିଫୁଲ କାର୍ଯ୍ୟକ୍ରମ ମାଧ୍ୟମରେ ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରଛାତ୍ରୀମାନେ ନିଜର ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ପାଇପାରୁଛନ୍ତି ବୋଲି କହିଥିଲେ। ପ୍ରତିଭା ଅନ୍ୱେଷଣର ଏହା ଏକ ମାଧ୍ୟମ ହୋଇଥିବାରୁ ଏଥିରେ ବିଭିନ୍ନ ବିଭାଗରେ ଶତାଧିକ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରି ପୁରସ୍କୃତ ହୋଇପାରୁଛନ୍ତି ବୋଲି ଅତ୍ୟ ଅତିଥିମାନେ ମତପ୍ରକାଶ କରିଥିଲେ । ଅନ୍ୟତମ ଅତିଥି ଭାବରେ ବିଧାୟକ ପ୍ରତିନିଧି ହରବିଳାସ ମଣ୍ଡଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଜୟ କୁମାର ମାଢ଼ି, ମାଲାଭରମ ସରପଂଚ ଦୁର୍ଗାଚରଣ ମାଢ଼ି, ଅନନ୍ତପାଲୀ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମା ଚରଣ ପଟନାୟକ, ଗମ୍ପାକୋଣ୍ଡା ଏସଏସଡ଼ି ବାଳକ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମମତା ପ୍ରଧାନ, ଏମଭି-୭୯ ଏସଏସଡ଼ି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ କୁମାର ମିଶ୍ର ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ମଂଚାସୀନ ଥିଲେ। ବ୍ଲକ ମଂଗଳ ସଂପ୍ରସାରଣ ଅଧିକାରୀ ସୌମ୍ୟରଂଜନ ନାୟକ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବାବେଳେ ସ ?ହକାରୀ ଶିକ୍ଷକ ସୁଶାନ୍ତ ଶେଖର ସା ମଂଚ ପରିଚାଳନା କରିଥିଲେ । ଏହି ଅବସରରେ ଭଲିବଲ,ଚିତ୍ରାଙ୍କନ, ବକ୍ତୃତା, ଏକକ ଅଭିନୟ, ଦଳଗତ ନୃତ୍ୟ କାର୍ଯ୍ୟକ୍ରମ କରାଯାଇଥିଲା

## ଚଷାଖଣ୍ଡ ଗାଁରେ ଫଳକ ଭାଙ୍ଗିବା ଘଟଣା; ବିଜେଡି ଓ କଂଗ୍ରେସ ନା ରେ ଅଭିଯୋଗ ଆଣିଲା ବିଜେପି



ଚାନ୍ଦବାଲି, (ମହାଭାରତ) : ଗାନ୍ଧୀ ନିର୍ମଳ ନିଯୁକ୍ତି ଯୋଜନା (ଗଏଘଜରଏଝ) ଅଧୀନରେ ଚାନ୍ଦବାଲି ବ୍ଲକ ମତୋ ପଞ୍ଚାୟତ ଅନ୍ତର୍ଗତ ଚଷାଖଣ୍ଡ ଗାଁରେ ନିର୍ମିତ ହେବାକୁ ଥିବା କଲଭର୍ଟ ଓ ଡ୍ରେନ କାର୍ଯ୍ୟ ପୂର୍ବରୁ ଲଗାଯାଇଥିବା ଫଳକକୁ ଭାଙ୍ଗି ଦେବା ନେଇ ରାଜନୈତିକ ତୀକ୍ଷ୍ଣତା ସୃଷ୍ଟି ହୋଇଛି। ବିଜେପି ପକ୍ଷରୁ ଅଭିଯୋଗ ଆସିଛି ଯେ, ବିଜେଡି ଓ କଂଗ୍ରେସ କର୍ମୀମାନେ ମିଳିତ ଭାବେ ବିଳମ୍ବିତ ରାତିରେ ଫଳକକୁ ଭାଙ୍ଗି ରୁଜି ଦେଇଛନ୍ତି। ଏହା ପାଇଁ ମତୋ ବିଜେପି କର୍ମୀ ମତୋ ଫାଣ୍ଡିରେ ଲିଖିତ ଅଭିଯୋଗ ଦାୟର କରିଛନ୍ତି ।ସୂଚନା ଅନୁଯାୟୀ ଚଷାଖଣ୍ଡ ଗାଁର ମୁଖ୍ୟ ରାସ୍ତା ଟିକୁ କିଛି ଦିନ ତଳେ ବର୍ଷା ପାଣି ନିଷ୍କାସନ ଆଳରେ ଖୋଳାଯାଇ ଥିଲା। ଗ୍ରାମ ବାସୀ ଯାତାୟାତ ରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ ଏପରିକି ଜରୁରୀ କାଳୀନ ଗାଡ଼ି ଯାତାୟାତ ହୋଇପାରୁନଥିଲା। ବର୍ଷା ଋତୁରେ ଗାଁ ଭିତରେ ପାଣି ଜମି ରହିବା ଫଳରେ ଗ୍ରାମବାସୀମାନେ ଯାତାୟାତ ଓ ସ୍ୱାସ୍ଥ୍ୟ ସମସ୍ୟାରେ ଅସୁବିଧାରେ ଥିଲେ। ବିଜେପି ସରକାର ଆସିବା ପରେ ଉକ୍ତ ଗାଁରେ ୭ ଲକ୍ଷ ଟଙ୍କା ବ୍ୟୟରେ କଲଭର୍ଟ ଓ ଡ୍ରେନ ନିର୍ମାଣ କାର୍ଯ୍ୟ ଅନୁମୋଦନ ହୋଇଥିଲା। କାର୍ଯ୍ୟ ଆରମ୍ଭ ପୂର୍ବରୁ ଫଳକ ସ୍ଥାପିତ ହୋଇଥିଲା କିନ୍ତୁ ତାହାକୁ ଶନିବାର ବିଳମ୍ବିତ ରାତିରେ ଭାଙ୍ଗି ଦେଇଥିବା ଅଭିଯୋଗ ବିଜେପି ପକ୍ଷରୁ ଆସିଛି ।ଏହି ଘଟଣାକୁ ନେଇ ମତୋ ପଞ୍ଚାୟତ ବିଜେପି କର୍ମୀମାନେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି , ଏନେଇ ମତୋ ପଞ୍ଚାୟତ ର ସରପଞ୍ଚଙ୍କ ପ୍ରତିନିଧି ତଥା ମତୋ ପଞ୍ଚାୟତ ବିଜୁ ଜନତା ଦଳ ର ସଭାପତି ପ୍ରଦିପ ପଲାଇ କହିଛନ୍ତି ଏପରି ଫଳକ ରାଜନିତି ମତୋ ଅଞ୍ଚଳ ର ପ୍ରଥମ ଏହା ଏକ ହାସ୍ୟାସ୍ପଦ କଥା ପଞ୍ଚାୟତ ରେ ଉନ୍ନତି ମୂଳକ କାର୍ଯ୍ୟ ହେଉ ଏଥିରେ ଯିଏ ବାଧାସୃଷ୍ଟି କରୁଛି ଆଇନ ଅନୁଯାୟୀ ଅତି ଶିଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଅନ୍ୟପଟେ ମତୋ ପଞ୍ଚାୟତ ର ପୂର୍ବତନ ସରପଞ୍ଚ ଅଭୟ ସାହୁ କହିଛନ୍ତି ଯେଉଁ ମାନେ ରାଜନୈତିକ ଦଳ ନା ନେଇ କହୁଛନ୍ତି ଏହା ଏକ ହିନ ରାଜନିତି ନ କରି ଉନ୍ନତି ମୂଳକ କାର୍ଯ୍ୟ କରିଚାଲ। କଂଗ୍ରେସ ସମୟ ରେ ଏଭଳି ଫଳକ ଭଙ୍ଗା ମତୋ ଅଞ୍ଚଳ ହୋଇନାହିଁ। ଏଭଳି କଥାକୁ ଦୁଇ ରାଜନୈତିକ ଦଳ ଘୋର ନିନ୍ଦା କରିଛନ୍ତି।

## ବିଷମକଟକ ପଞ୍ଚାୟତ ସମିତି ବୈଠକରେ ବିକାଶମୂଳକ ପ୍ରକଳ୍ପ ଉପରେ ଗୁରୁତ୍ୱ




ବିଷମକଟକ, (ନନ୍ଦିନୀ): ବିଷମକଟକ ପଞ୍ଚାୟତ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଆଜି ସମିତିର ସଦଭାବନା ସଭାଗୃହ ଠାରେ ଆୟୋଜିତ ହୋଇଥିଲା। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ବିଷମକଟକ ବିଧାୟକ ଶ୍ରୀ ନୀଳ ମାଧବ ହିକକା ଯୋଗଦେଇଥିଲେ। ବୈଠକ ଆରମ୍ଭରେ ପଞ୍ଚାୟତ ସମିତି ଅଧକ୍ଷା ମୁଖ୍ୟ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ମାନ ଜଣାଇଥିଲେ। ସେଥିସହ ସମସ୍ତ ଗ୍ରାମପଞ୍ଚାୟତର ଲୋକପ୍ରତିନିଧିମାନେ, ବିଭିନ୍ନ ବିଭାଗୀୟ ଅଧିକାରୀବୃନ୍ଦ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଅଧକ୍ଷାଙ୍କ ଅନୁରୋଧରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ଈଉଡ଼) ବୈଠକର କାର୍ଯ୍ୟସୂଚୀକୁ ବିସ୍ତାରିତ ଭାବେ ଉପସ୍ଥାପନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ନୀଳ ମାଧବ ହିକକା ତାଙ୍କ ଅଭିଭାଷଣରେ ବିଷମକଟକ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବାର ଆହ୍ୱାନ ଜଣାଇଥିଲେ। ସେ ବିଭିନ୍ନ ଯୋଜନା ଓ ପ୍ରକଳ୍ପଗୁଡିକର ସଠିକ୍ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇ, ଜନସେବାକୁ ଶୀର୍ଷ ପ୍ରାଥମିକତା ଦେବାକୁ ଅନୁରୋଧ କରିଥିଲେ। ବିଭିନ୍ନ ବିଭାଗର ଅଧିକାରୀମାନେ — ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ, କୃଷି ଓ ଜୀବିକା — ଇତ୍ୟାଦି କ୍ଷେତ୍ରରେ ହୋଇଥିବା କାର୍ଯ୍ୟ ଓ ଚାଲୁ ପ୍ରକଳ୍ପଗୁଡିକର ଅବସ୍ଥା ବିଷୟରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ବ୍ଲକ୍ ସ୍ତରରେ ଚାଲିଥିବା ବିକାଶ ଯୋଜନାଗୁଡ଼ିକ ଉପରେ ଆଲୋଚନା ସହ ଅଧୁରା କାର୍ଯ୍ୟଗୁଡିକୁ ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଶେଷରେ ପଞ୍ଚାୟତ ସମିତି ଅଧକ୍ଷା ସମସ୍ତ ଉପସ୍ଥିତ ଅତିଥି, ଅଧିକାରୀ ଓ ପ୍ରତିନିଧିମାନଙ୍କୁ ଧନ୍ୟବାଦ ଜଣାଇ ସଭା ସଙ୍ଗ କରିଥିଲେ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ଯୋଡ଼ା,(ମହାଭାରତ)କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ୍ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଯୋଡ଼ା ବନେଇକଲା ଟାଟା ଖେଳ ପଡିଆରେ ଅନୁଷ୍ଠିତ ହେଇଯାଇଛି ।ଏହି ମେଳାରେ ବହୁ ସଂଖ୍ୟକ ଚାଷୀ ଦେଖିବାକୁ ମିଳିଥିଲା। ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ପ୍ରଶାନ୍ତ କୁମାର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମେଳାରେ ମୁଖ୍ୟ ଅତିଥି ଭାବେ ଯୋଡ଼ା ବ୍ଲକ ଅଧକ୍ଷ କବୀନ୍ଦ୍ର ନାଏକ ଫିତା କାଟି ଏହି ମେଳାର ଶୁଭ ଉଦଘାଟନ କରିଥିଲେ। ଏହି ମେଳାରେ ପ୍ରାଣୀ ସମ୍ପଦ ବିକାଶ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡ. ନୃସିଂହ ଚରଣ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ରୂପେ ଯୋଡ଼ା ବ୍ଲକ ସାଂସଦ ପ୍ରତିନିଧି ଅଗନୁ ଚରଣ ମହାନ୍ତ,ଯୋଡ଼ା ପୌରପାଳିକା ସାଂସଦ ପ୍ରତିନିଧି ବିଚିତ୍ରାନନ୍ଦ ଦାସ, ପ୍ରାଣୀ ସମ୍ପଦ ବିକାଶ ବିଭାଗ ସାଂସଦ ପ୍ରତିନିଧି ଜାପାନୀ ନାଏକ, ପିନାକ୍ଷୀ ତ୍ରିପାଠୀ, ଜିଲ୍ଲାପରିଷଦ ସଭ୍ୟ ଡମ୍ବରୁଧର କୁଦାଦା, ଯୋଡ଼ା କୃଷି ଓ ପରାମର୍ଶ କେନ୍ଦ୍ର ଅଧକ୍ଷ ଦଶରଥ ବାରିକ, ସମାଜସେବୀ ଜଗନ୍ନାଥ ପାଣିଗ୍ରାହୀ, ଲୋଇଡାପଦା ସରପ□ ବିଳାସିନୀ ଓରାମ, ଯୋଡ଼ା ବ୍ଲକ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଜୀବନ କୁମାର ମୁଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ସରକାର ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମାନଙ୍କର ଉନ୍ନତି ପାଇଁ ସଦାସର୍ବଦା ତତ୍ପର ଅଛନ୍ତି,ସରକାର ଯାହା ସବୁ ଯୋଜନା କରିଛନ୍ତି ତାହା ଆପଣ ମାନେ ଲାଭ ଉଠାଇ ପାରିବେ ବୋଲି ମୁଖ୍ୟ ଅତିଥି କହିଥିଲେ। ଯୋଡ଼ା ବ୍ଲକର ୧୯ ଗୋଟି ପଞ୍ଚାୟତର ଶତାଧିକ ଚାଷୀ ଏହି ମେଳାରେ ଅଂଶ ଗ୍ରହଣ କରିଥିଲେ। ମେଳାରେ ମୋଟ ୧୨ଟି ଷ୍ଟଲରେ ଚାଷୀମାନଙ୍କୁ ସରକାରଙ୍କ ପଶୁ ସମ୍ପଦ ଓ ମତ୍ସ୍ୟ ସମ୍ପଦ ଉପରେ ଆତ୍ମ ନିର୍ଭରଶୀଳ ହେବା ପାଇଁ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ ଓ ପ୍ରଦର୍ଶିତ କରାଯାଇଥିଲା ଯ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଚାରୋଟି,ମତ୍ସ୍ୟ ବିଭାଗ ଚାରୋଟି, ଉଦ୍ୟାନ କୃଷି ଗୋଟିଏ,ମିଶନ ଶକ୍ତିରୁ ଗୋଟିଏ,କୃଷି ବିଭାଗର ଗୋଟିଏ,ତା ସହିତ ଶ୍ରୀ ଅନ୍ନ ଅଭିଯାନ ପକ୍ଷରୁ ଖାଦ୍ୟ ମେଳା ଷ୍ଟଲ ପ୍ରଦର୍ଶିତ ହେଇଥିଲା । କାମଧେନୁ ଯୋଜନାରେ ଗୋ-ପାଳନ, ମଇଁଷି ପାଳନ, ମାଈ ବାଛୁରୀ ପାଳନ ସହିତ ଘାସ ଚାଷରେ ବ□ମାନ ସରକାର ଆର୍ଥିକ ସହଯୋଗ ବୃଦ୍ଧି କରି କିପରି ଚାଷୀ ଲାଭବାନ ହୋଇପାରିବେ ତାହା ବକ୍ତାମାନେ ପ୍ରକାଶ କରିଥିଲେ । ସରକାର ଚାଷୀଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଉଥିବା ବେଳେ ନିଷ୍ଠା ଓ ପ୍ରଚେଷ୍ଟା ରହିଲେ ଚାଷୀ ମାନେ ଆତ୍ମ ନିର୍ଭରଶୀଳ ହୋଇ ପାରିବେ ବୋଲି ଅତିଥି ମତବ୍ୟକ୍ତ କରିଥିଲେଯ ମାଛ ଚାଷରେ ମଧ ସରକାର ପୋଖରୀ ଖନନ ସହିତ ମାଛ ଜାଆଁଳା ଉତ୍ପାଦନ ସହିତ ବିଭିନ୍ନ ଉପକରଣରେ ସରକାର ରିହାତି ନେଇ ମାଛ ଚାଷରେ ଆତ୍ମ ନିର୍ଭର ହୋଇପାରିବେ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ।ଯୋଡ଼ା ବ୍ଲକରେ ମାଛ ଚାଷ ପାଇଁ ନୂଆ ପୋଖରୀ ଯୋଜନା ମାଧ୍ୟମରେ ୨ ଜଣଙ୍କର ୨ ଏକର ପୋଖରୀ ଖୋଳା ଯାଇ ସାରିଥିବା ବେଳେ ଗ୍ରାମ ପଞ୍ଚାୟତ ପୋଖରୀରେ ମାଛ ଚାଷ କରିବା ପାଇଁ ଯୋଡ଼ା ବ୍ଲକ ୧୯ ଟି ପଞ୍ଚାୟତରେ ଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଦୁଇ ବର୍ଷ ମଧରେ ସରକାରୀ ସୁବିଧା ଯୋଗାଇ ଦିଆଯାଇଛି।ଏହାସହିତ ନିଜସ୍ ପୋଖରୀରେ ମାଛ ଜାଆଁଳା ଚାଷ କରିବା ପାଇଁ ହିତାଧିକାରୀଙ୍କୁ ସବସିଡିର ସହାୟତା ଯୋଗାଇ ଦିଆଯାଇଛି। ଜିଲ୍ଲା ଖଣିଜ ପାଣ୍ଠି ତରଫରୁ ନିଜସ୍ ପୋଖରୀରେ ମାଛ ଚାଷ କରିବା ପାଇଁ ଜାଆଁଳ, ମାଛ ଖାଦ୍ୟ ମଧ ଯୋଗାଇ ଦିଆ ଯାଉଥିବା ଯୋଡ଼ା ବ୍ଲକ ସହକାରୀ ମତ୍ସ୍ୟ ଅଧିକାରିଣୀ ଶିଲ୍ପା ଶିକ୍ତା ସବୁଜିମା ବିଶ୍ୱାଳ କହିଛନ୍ତି । ଏହା ସହିତ ସଫଳ ଚାଷୀ ପ୍ରାଣୀ ସମ୍ପଦ ବିକାଶ ବିଭାଗରୁ ୪ଜଣ ଓ ମତ୍ସ୍ୟ ବିଭାଗରୁ ୪ ଜଣ ସଫଳ ଚାଷୀଙ୍କୁ ସମ୍ମାନୀତ କରାଯାଇଥିଲା । ତାସହିତ ମେଳାରେ ପ୍ରଦର୍ଶିତ ହେଇଥିବା ଷ୍ଟଲ ଗୁଡିକକୁ ଅତିଥି ବୁଲି ଦେଖିଥିଲେ। ଯୋଡ଼ା ବ୍ଲକର ସହକାରୀ କୃଷି ଅଧିକାରୀ ଦେବବ୍ରତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଯୋଡ଼ା ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଜୀବନ କୁମାର ମୁଣ୍ଡାଙ୍କ ସମେତ ଉପଖଣ୍ଡର ସମସ୍ତ ପ୍ରାଣୀ ଚିକିତ୍ସାଳୟର ସମସ୍ତ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ ।

## ଡକାୟତଙ୍କ ବୋମାମାଡରେ ୩ ଜଣ ଗୁରୁତର ଆହତ





ନୟାଗଡ଼, ( ମହାଭାରତ ) : ନୟାଗଡ଼ ଫୁଟିଲା ବୋମା। ବିଳମ୍ବିତ ରାତିରେ ଡକାୟତ ଉଦ୍ୟମ କରି ବିଫଳ ହେବା ପରେ ଗାଁ ରେ କଲେ ବୋମା ମାଡ। ଡକାୟତଙ୍କ ବୋମାମାଡରେ ୩ ଜଣ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି। ଜଣେ ଡକାୟତକୁ ଧରି ଉତ୍ତମମଧ୍ୟମ ଦେଲେ ଗ୍ରାମବାସୀ। ଡକାୟତ ଜଣକ ମଧ୍ୟ ମେଡିକାଲରେ ଭର୍ତ୍ତି ହୋଇଛି। ନୟାଗଡ ଟାଉନ ଥାନା ଅନ୍ତର୍ଗତ ଭାଟ ସାହି ପଞ୍ଚାୟତ ଶୁଳିଆ ମୌଜା ର ତଇଲା ପଡା ଗାଁରେ ବିଳମ୍ବିତ ରାତିରେ ଘଟିଛି ଏଭଳି ଘଟଣା। ତଇଲା ପଡା ଗାଁରେ ରାସ୍ତା କାମ ଚାଲୁଥିବାରୁ ଦୁଇଜଣ ଯୁବକ ସିମେଣ୍ଟ ଜଗିବାକୁ ରାସ୍ତା ପାଖରେ ରହିଥିଲେ। ପାଞ୍ଚଜଣ ଲୋକ ରାତି ପ୍ରାୟ ସାଢେବାରଟା ସମୟରେ ତଇଲା ପଡା ଗାଁ ନିକଟରେ ବିଭନ୍ନ ମାରଣାସ୍ତ୍ର ଧରି ବୁଲୁଥିବା ଦେଖି ଯୁବକ ଦୁଇଜଣ ଗାଁ ଲୋକଙ୍କୁ ଡାକିଥିଲେଯ ତଇଲା ପଡା ଗ୍ରାମବାସୀ ମାନେ ପଳାଇଆସିବା ଦେଖି ଦୁର୍ବୃତ୍ତ ମାନେ ସାଙ୍ଗରେ ଆଣିଥିବା ବୋମା ରୁ ଗ୍ରାମବାସୀଙ୍କ ଉପରକୁ ୩ଟି ବୋମା ଫୋପାଡି ଦେଇଥିଲେ। ବୋମାମାଡରେ ଗାଁର ଉପେନ୍ଦ୍ର ଖଟେଇ, ସୁମନ୍ତ ବାରିକ ଏବଂ ଶତୃଘ୍ନ ବାରିକ ଗୁରୁତର ଆହତ ହୋଇ ନୟାଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଚାରିଜଣ ଦୁର୍ବୃତ୍ତ ବୋମାମାଡ କରି ଫେରାର୍ ହୋଇଯାଇଥିବା ବେଳେ ଜଣେ ଦୁର୍ବୃର୍ତ୍ତ ସଦର ଥାନା ଅନ୍ତର୍ଗତ କଇଥଗାଡିଆ ଗ୍ରାମର ଅକୃର ପ୍ରଧାନକୁ ଧରିନେଇଥିଲେ ତଇଲା ପଡା ଗ୍ରାମବାସୀ। ଘଟଣା ସ୍ଥଳରେ ଦୁର୍ବୃର୍ତ୍ତ ଅକୃର କୁ ଉତ୍ତମମଧ୍ୟମ ଦେଇଛନ୍ତି ଗ୍ରାମବାସୀ। ଖବର ପାଇ ନୟାଗଡ଼ ଟାଉନ ଥାନା ପୋଲିସ ଘଟଣାସ୍ଥଳକୁ ଯାଇ ଅକୃରକୁ ଉଦ୍ଧାର କରି ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ଅକୃରକୁ ପୋଲିସ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିବା ପରେ ସେଠାରେ ମଧ୍ୟ ଉତ୍ତେଜନା ଦେଖାଦେଇଥିଲା। ବୋମା ମାଡ଼ ରେ ଆହତଙ୍କ ସମ୍ପର୍କୀୟ ମାନେ ଅକୃରକୁ ମେଡିକାଲରେ ମଧ୍ୟ ପ୍ରବଳ ମାଡ ମାରିଥିଲେ। ଦୁର୍ବୃତ୍ତ ମାନେ ଡକାୟତୀ କରିବା ପାଇଁ ଯାଇଥିବା ତଇଲା ପଡା ଗ୍ରାମବାସୀ କହୁଥିବା ବେଳେ କାଠ ଚୋରି କରିବାକୁ ଯାଇଥିଲେ ବୋଲି ଧରାପଡିଥିବା କଇଥଗାଡିଆ ଗ୍ରାମର ଅକୃର ପ୍ରଧାନ କହିଛି। ଖସିଯାଇଥିବା ଆନ୍ୟ ସମସ୍ତ ଲୋକ କଇଥଗାଡିଆ ଗ୍ରାମର ବୋଲି ଅକୃର କହିଛି। ଗ୍ରାମବାସୀ ଜବତ କରିଥିବା ଡକାୟତଙ୍କ ଦୁଇଟି ବାଇକ୍ କୁ ପୋଲିସ ଜବତ କରିବା ସହ ଘଟଣା ର ତଦନ୍ତ ଆରମ୍ଭ କରିଛି।

## ଦେବୀ ନାସିରୁ ଧରାହେଲେ ୮ ଜଣ ଯାଅଁଳ ମାଫିଆ



ଅସ୍ତରଙ୍ଗ (ମହାଭାରତ): ଦିନ ଅସ୍ତରଙ୍ଗ ଉପକୂଳର ଦେବୀ ନଦୀ ମୁହାଣ ଠାରୁ କେଲୁଣି ମୁହାଣ ଭିତରେ ବଢୁଛି ଚିଙ୍ଗୁଡ଼ି, ଖଙ୍ଗା, ପୋଟେଇ ଜାଅଁଳ ମାଫିଆ ଙ୍କ ଦୌରାତ୍ମ୍ୟ।ସୁଦୂର ପଶ୍ଚିମବଙ୍ଗ ରୁ ଏମାନେ ଆସି ମୁହାଣ ଟାପୁ ରେଅସ୍ଥାୟୀ ଶିବିର କରି ଯାଅଁଳ କୁଣ୍ଡ ଖନନ କରି ସେଠି ଜାଅଁଳ ଧରି ବାହାର ରାଜ୍ୟ କୁ ଚୋରା ଚାଲାଣ କରୁଥିଲେ ଯେଉଁଥି ପାଇଁ ନଦୀ ସମୁଦ୍ର ରୁ ମାଛ ସଂଖ୍ୟା ହ୍ରାସ ପାଉଥିବାରୁ ଉପକୂଳ ମତ୍ସ୍ୟଜୀବି ମାନେ ଅନେକ କ୍ଷତି ର ସମ୍ମୁଖୀନ ହେଉଛନ୍ତି।ଖଙ୍ଗା, ପୋଟେଇ, ଅନେକ ଦାମୀ ନାମୀ ମାଛ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି ଯେତେବେଳେ ଜଣେ ମତ୍ସ୍ୟଜୀବି ଅନେକ ବ୍ୟୟ କରି ନଦୀ ରେ ସମୁଦ୍ର କୁ ମାଛ ମାରିବାକୁ ଯାଉଛନ୍ତି କିନ୍ତୁ ଏହି ଯାଅଁଳ ଚୋରା ଚାଲାଣ ପାଇଁ ସେହି ଅନୁସାରେ ମାଛ ଧରିପାରୁନାହାନ୍ତି, ଯାହାକୁ ନେଇ ପ୍ରାୟ କୋଡିଏ ହଜାର ମତ୍ସ୍ୟଜୀବି ଏବେ ଚିନ୍ତା ରେ।ଆଗରୁ ବାରମ୍ବାର ଅଭିଯୋଗ ପରେ ବିଭାଗ ତରଫରୁ କୌଣସି ପଦକ୍ଷେପ ନିଆଯାଉନଥିଲା ମାତ୍ର ମାଆ ତାରିଣୀ ପ୍ରାଇମେରୀ ମେରାଇନ ଫିସର ମ୍ୟାନ କୋ. ସୋସାଇଟି, ନଗର ଙ୍କ ଠାରୁ ଖବର ପାଇ ଅସ୍ତରଙ୍ଗ ବ୍ଲକ ମତ୍ସ୍ୟବିଭାଗ ଓ ନୂଆଗଡ ମେରାଇନ ପୋଲିସ ଙ୍କର ମିଳିତ ସହାୟତା ରେ ଦେବୀ ନାସି ନିକଟ ଟାପୁ ରେ ବିଭିନ୍ନ ସ୍ଥାନ ରେ ଚଢ଼ାଉ କରାଯାଇ ୮ ଜଣ ପଶ୍ଚିମବଙ୍ଗ ଯାଅଁଳ ବେପାରୀ କୁ ଧରିବା ସହ ସେମାନଙ୍କ ନିକଟରୁ ପ୍ରାୟ ୧୨ ହଜାର ୫ଶହ ଯାଅଁଳ ଜବତ କରାଯାଇ ମୁହାଣ ରେ ଛଡା ଯାଇଛି ସେମାନଙ୍କୁ ବିଭାଗ ତାଙ୍କର ମୁଖ୍ୟ ସହଯୋଗୀ ବଳଭଦ୍ର ପୁର ଗ୍ରାମର ସୁନାକର ବିଶ୍ୱାଳ ଙ୍କ ନିକଟରେ ଅଟକ ରଖି ସେମାନଙ୍କ ଆଧାର କାର୍ଡ ଯାଞ୍ଚ କରି ତଦନ୍ତ ଜାରି ରହିଛି ବୋଲି ବ୍ଲକ ମତ୍ସ୍ୟ ଅଧିକାରୀ ସତ୍ୟଜିତ ଦାସ ସୂଚନା ଦେଇଛନ୍ତି।

## ଗ୍ରାମପଞ୍ଚାୟତର ନିଜସ୍ୱ ଆୟ କିପରି ବୃଦ୍ଧି କରି ପାରିବେ ତାକୁ ନେଇ ତାଲିମ କାର୍ଯ୍ୟକ୍ରମ



-ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିର ଆଞ୍ଚଳିକ ଶମ୍ବଳ କେନ୍ଦ୍ର ଠାରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ସରପଞ୍ଚ ମାନଙ୍କୁ ନେଇ ଦୁଇ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଗୋଷାଣୀ ଓ କାଶୀନଗର ବ୍ଲକର ବିଭିନ୍ନ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ,ସରପଞ୍ଚ,ଏ. ଡି. ଇ. ଓ ମାନଙ୍କୁ ତାଲିମ ପ୍ରଦାନ କରାଯାଇଛି ।ସେମାନେ ଏଠାରୁ ତାଲିମ ପାଇ କିପରି ସେମାନଙ୍କର ପଞ୍ଚାୟତର ନିଜସ୍ୱ ଆୟ ବୃଦ୍ଧି କରି ପଞ୍ଚାୟତର ଉନ୍ନତି ହୋଇ ପାରିବ ଉନ୍ନୟନ୍ କାର୍ଯ୍ୟ ହୋଇପାରିବ। ସରକାରଙ୍କ ଉପରେ ଆଉ ନିର୍ଭର କରିବାକୁ ପଡ଼ିବ ନାହିଁ।କିପରି ବିଭିନ୍ନ ସୋର୍ସରୁ ପଞ୍ଚାୟତର ଆୟ ବୃଦ୍ଧି ପାଇବ ତା ଉପରେ ଦୁଇ ଦିନଆ ତାଲିମ୍ ପ୍ରଦାନ କରାଯାଇଛି ।ଏଥିରେ ଗ୍ରାମ ପଞ୍ଚାୟତର ସଂପ୍ରସାରଣ ଅଧିକାରୀ, ଏ ପି ଡି ପୃଥିବୀ ରାଜ ମଣ୍ଡଳ, ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ତାଲିମ୍ ପ୍ରଦାନ କରିଛନ୍ତି।

## ପରିଷଦର ଦଶମ ସାଧାରଣ ଅଧିବେଶନ: ଶିକ୍ଷା, କୃଷି ଓ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ




ନୟାଗଡ଼, ( ମହାଭାରତ ) : ଷଷ୍ଠ ଜିଲ୍ଲା ପରିଷଦର ଦଶମ ସାଧାରଣ ଅଧିବେଶନ ଆଜି ସକାଳ ଘ.୧୦.୩୦ ମିନିଟ୍ ସମୟରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ( ସୃଜନ )ରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା, ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ପ୍ରମୁଖ ଯୋଗ ଦେଇଥିଲେ।ଏହି ଦଶମ ଅଧିବେଶନ ରେ ଆଲୋଚନା ମୂଳକ ପ୍ରଥମେ ଶିକ୍ଷା ଅଧିକାରୀଙ୍କ ଠାରୁ ଜିଲ୍ଲା ପରିଷଦ ସଦସ୍ୟଙ୍କ ପ୍ରଶ୍ନ ଥିଲା। କେତେ ବିଦ୍ୟାଳୟରେ ଶିକ୍ଷକ ଯେଉଁ ସ୍କୁଲରେ ପ୍ରାରମ୍ଭରେ ଯୋଗଦାନ କରି ସେହି ବିଦ୍ୟାଳୟରେ କାର୍ଯ୍ୟ କରି ଆସୁଛନ୍ତି ଅବା କେତେ ଶିକ୍ଷକ ସେହି ଏକା ବିଦ୍ୟାଳୟରେ ଯୋଗଦାନ କରି ଅବସର ଗ୍ରହଣ କରିଛନ୍ତି। ଯେହେତୁ ଶିକ୍ଷା ବିଭାଗର ବଦଳି ପଲିସି ନାହିଁ, ତେଣୁ ସେସବୁ ଅନୁଧ୍ୟାନ କରିବାକୁ ପଡ଼ିବ ବୋଲି ଅତିରିକ୍ତ ଶିକ୍ଷା ଅଧିକାରୀ କହିଥିଲେ। ଏହାପରେ ଜିଲ୍ଲା ବନ ବିଭାଗକୁ ଜିଲ୍ଲା ପରିଷଦ ସଦସ୍ୟଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ସନ୍ତୋଷଜନକ ନ ଥିବାରୁ ପରେ ଏହାର ସମୀକ୍ଷା କରାଯିବାକୁ ରହିଲା। ଏହାପରେ କୃଷି ବିଭାଗ ଏବଂ ତାଙ୍କ ସହ ଉଠାଜଳସେଚନ ବିଭାଗକୁ ତଥ୍ୟ ମଗାଯାଇଥିଲା। ପ.ଏମ.କିଷାନ ବା ସି.ଏମ.କିଷାନରେ ୧ଲକ୍ଷ ୧୨ହଜାର ୫୫୪ଜଣ ହିତାଧିକାରୀ ଉପକୃତ ହୋଇଛନ୍ତି। ବୋରୱେଲ, ପୋଖରୀ, କିଷାନ ସେବାକେନ୍ଦ୍ର, ବିହନ, ସାର ଇତ୍ୟାଦି ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଥିଲା। ଉଦ୍ୟାନ ବିଭାଗର ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା, ପୁରୁଣା ଆମ୍ବର ଚାରା, ଗେଣ୍ଡୁଫୁଲ, ଲେମଗ୍ରାସ, ଛତୁଚାଷ ଉପରେ ବିଶଦ ଭାବେ ଆଲୋଚନା କରାଯାଇଥିଲା। ଗ୍ରାମ୍ୟ ଉନ୍ନୟନ-୧ ଓ ଗ୍ରାମ୍ୟ ଉନ୍ନୟନ-୨ ଅନ୍ତର୍ଭୁକ୍ତ ବିଭିନ୍ନ ସଡ଼କ ମରାମତି ଏବଂ ସଂଯୋଗୀକରଣ ଉପରେ ଜିଲ୍ଲାପାଳ ଏବଂ ମଂଚାସୀନ ଅତିଥି ମାନେ ଆଲୋଚନା କରି ସେ ସବୁର ତ୍ୱରିତ ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳ ଅକ୍ଷୟ ସୁନିଲ୍ ଅଗ୍ରୱାଲ ଯେଉଁ ସବୁ କାର୍ଯ୍ୟର ସମାଧାନ ହୋଇପାରିନାହିଁ ସେସବୁକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ ଏବଂ ଅଧିକାରୀ ମାନଙ୍କୁ ସହଯୋଗ କରିବାକୁ ଜିଲ୍ଲା ପରିଷଦର ସଦସ୍ୟ ମାନଙ୍କର ସହଯୋଗ ଲୋଡ଼ିଥିଲେ। ନୟାଗଡ଼ ଜିଲ୍ଲାର ଉନ୍ନତି କରଣ ଦିଗରେ ସମସ୍ତଙ୍କ ମିଳିତ ସହଯୋଗ ଆବଶ୍ୟକ ବୋଲି ପ୍ରକାଶ କରିଥିଲେ। ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ବିଷୟରେ ସମୀକ୍ଷା କରାଯାଇଥିଲା। ଶେଷରେ ମୁଖ୍ୟ ଉନ୍ନୟନ ଅକାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜବର ଦଖଲ ଉଚ୍ଛେଦ ନାମକୁ ମାତ୍ର, ପୁଣି ଆଜି ଟ୍ରାଫିକ ସମସ୍ୟା ବୃଦ୍ଧି

ଗଜପତି ଜିଲ୍ଲା ସଦର ମହକୁମା ପାରଳା ଖିମୁଣ୍ଡି ରେ କାଲି ପୌର ପରିଷଦ ପକ୍ଷ ରୁ ଉଚ୍ଛେଦ କରାଯାଇଥିଲା । କାଲି ସନ୍ଧ୍ୟାରେ ପୁଣି ଉଠା ଦୋକାନୀ ନିଜର ଦୋକାନ ଖୋଲା ଯାଇଥିଲା। ନିୟମକୁ ଫୁ କରି ଦେଇଛନ୍ତି। ପୁଣି ଆଜି ଗୁରୁବାର ଥିବାରୁ ବଜାର ଗହଳି ଦେଖିବାକୁ ମିଳିଛି। ସକାଳୁ ରାସ୍ତା କଡ଼ରେ ଏତେ ଜାମ ହେଲା ଟ୍ରଫୁକ୍ ଯାତାୟାତ ଅସୁବିଧା ସହ ଗାଡ଼ି ଯିବା କଷ୍ଟ କର ହୋଇଗଲା ପୌର ପାରିଷଦ କାର୍ଯ୍ୟାଳିୟ ସମ୍ମୁଖରେ ଦୃଶ୍ୟ ଦେଖିବାକୁ ମିଳିଛି ଲୋକ କହୁଛନ୍ତି ନାମକୁ ମାତ୍ର ଉଚ୍ଛେଦ ଏହି ଭଳି କେତେ ଥର ହେଲାଣି । କିଛି ପରିବର୍ତ୍ତନ ନାହିଁ ନାମକୁ ମାତ୍ର ଉଚ୍ଛେଦ। ଯଦି ଫାଇ ନ ପକା ଯାଏ ତେବେ ସମସ୍ୟା ସୁଧିରି ଥାଆନ୍ତା ବୋଲି ମତ ପ୍ରକାଶ ପାଉଛି। ପସରା ଖୋଲିବା ବୋର୍ଡ ନାମକୁ ମାତ୍ର ତଳେ ପସରା ରଖି ବେପାର। ଜିଲ୍ଲା ପ୍ରଶାସନ ର ନିୟମ କୁ ଏଠି ପାଳ ନ ହଉ ନାହିଁ ନିୟମକୁ ଫୁ କରି ଦେଇଛନ୍ତି ଉଠା ଦୋକାନୀ ସମସ୍ତ ଙ୍କୁ ଚକିତ କରିଛି।

## ଲୋକ ମହୋତ୍ସବ ପରବର ଶୁଭାରମ୍ଭ



ଲକ୍ଷ୍ମୀପୁର, (ମହାଭାରତ): କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ କୁଟୁଣୀପଦର ଗ୍ରାମ ଆଜି ଉତ୍ସବ ମୁଖର ହୋଇଉଠିଲା। ଏଠି ଆୟୋଜିତ ହେଲା ବହୁପ୍ରତିକ୍ଷିତ କୋରାପୁଟ ପରବ ୨୦୨୫ ର ଶୁଭ ଉଦଘାଟନ।ଉଦଘାଟନ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ ନେତୃତ୍ୱରେ ହୋଇଥିଲା। ଏଥିରେ ଉପସ୍ଥିତ ଥିଲେ ଜିଲ୍ଲାର ବିଧାୟକମାନେ, ସାଂସଦ ପ୍ରତିନିଧି, ବିଭିନ୍ନ ଜନପ୍ରତିନିଧି ଓ ୧୪ଟି ବ୍ଲକର ପ୍ରଶାସନିକ ଅଧିକାରୀମାନେ। ସମସ୍ତଙ୍କ ଉପସ୍ଥିତି ଓ ଉତ୍ସାହରେ ପରିସର ଉତ୍ସବ ମୁଖର ହୋଇଉଠିଥିଲା।ଉଦଘାଟନ ସମୟରେ ଦେଖିବାକୁ ମିଳିଲା କୋରାପୁଟର ପରମ୍ପରାଗତ ଢେମସା ନାଚ ଓ ଲୋକ ସଙ୍ଗୀତ। ଢେମସା ଢୋଲର ତାଳରେ ବିଧାୟକ, ପୂର୍ବତନ ବିଧାୟକ, ନେତାମାନେ, ଜିଲ୍ଲାପାଳ ଓ ଗାଁର ଯୁବକ-ଯୁବତୀମାନେ ନାଚିଥିଲେ, ଯାହା ଉତ୍ସବକୁ ଆଉ ମଧୁର କରିଥିଲା।ପରେ ଶହସ୍ର ଶିବଲିଙ୍ଗ ମନ୍ଦିର ପରିସରରେ ଜିଲ୍ଲାପାଳ ଓ ବିଧାୟକମାନେ ପୂଜା କରି, ହଜାର ଜନସାଧାରଣ ସହିତ ମଶାଲ ଯାତ୍ରା ଓ ଦୀପଜ୍ୱାଳନ କାର୍ଯ୍ୟକ୍ରମରେ ଯୋଗଦେଲେ।ପୋଲିସ ପ୍ରଶାସନ ପକ୍ଷରୁ ରହିଥିଲା ଦୃଢ଼ ସୁରକ୍ଷା ବ୍ୟବସ୍ଥା, ଯାହା ଫଳରେ ସମସ୍ତ କାର୍ଯ୍ୟକ୍ରମ ଶାନ୍ତିପୂର୍ଣ୍ଣ ଓ ସୁସଂଘଟିତ ଭାବେ ସମ୍ପନ୍ନ ହେଲା।ସ୍ଥାନୀୟ ଗାଁ ବାସୀଙ୍କ ମଧ୍ୟରେ ଥିଲା ଅପାର ଉତ୍ସାହ ଓ ଗର୍ବଯ ଜଣେ ବୃଦ୍ଧ ଗ୍ରାମବାସୀ କହିଲେ – ଆଜି ଆମ କୁଟୁଣୀପଦର ଇତିହାସ ଗଢୁଛି, ଏହା ଆମ ଜିଲ୍ଲା ପାଇଁ ଗର୍ବର ଦିନ।ଆଗାମୀ ଦିନଗୁଡିକରେ କୋରାପୁଟ ପରବରେ ହେବ ଆଦିବାସୀ ନୃତ୍ୟ, ହସ୍ତଶିଳ୍ପ ମେଳା, ଲୋକସଂସ୍କୃତି ପ୍ରଦର୍ଶନ ଓ ବିଭନ୍ନ ପ୍ରତିଯୋଗିତା, ଯାହା ଜିଲ୍ଲାର ଐତିହ୍ୟ ଓ ସାଂସ୍କୃତିକ ଐକ୍ୟକୁ ଦୃଢିକୃତ କରିବ।

## ବିଭିନ୍ନ ଦାବୀ ନେଇ ୧୩ ଶ୍ରମିକ ସଂଘର ପାରାଦ୍ୱୀପ ବନ୍ଦର ପ୍ରଶାସନିକ ଭବନ ସମ୍ମୁଖରେ ବିକ୍ଷୋଭ



ପାରାଦୀପ(ମବାଭାରତ): ଗତ ଅକ୍ଟୋବର ୯ ତାରିଖରେ ୬ ଟି ପୋର୍ଟ ଆଣ୍ଡ ଡ଼କ ଫେଡେରେସନ ଦ୍ୱାରା ଗଠିତ ନ୍ୟାସନାଲ କୋଡିନେସନ କମିଟି ର ମର୍ମାଗୋଆ ବନ୍ଦର ଠାରେ ଅନୁଷ୍ଠିତ ବୈଠକର ନିଷ୍ପତି ତଥା ମହାସଂଘ ଡାକରାରେ ଭାରତର ୧୨ ଗୋଟି ବୃହତ ବନ୍ଦରରେ ନଭେମ୍ବର ୧୨ ତାରିଖ ବୁଧବାର ଦିନ ବିକ୍ଷୋଭ ପ୍ରଦର୍ଶନ କରାଯାଉଥିବାବେଳେ ପାରାଦୀପ ବନ୍ଦରରେ ୧୩ ଗୋଟି ଶ୍ରମିକ ସଂଗଠନ ତରଫରୁ ମିଳିତ ଭାବରେ ବନ୍ଦର ଶ୍ରମିକ କର୍ମଚାରୀ, ଅବସର ପ୍ରାପ୍ତ କର୍ମଚାରୀ ଏବଂ ଠିକା ଶ୍ରମିକ ମାନଙ୍କୁ ନେଇ ପାରାଦ୍ୱୀପ ବନ୍ଦର ପ୍ରଶାସନିକ ଭବନ ସଂମ୍ମୁଖ ରେ ବିକ୍ଷୋଭ କରାଯାଇଥିଲା ।ପ୍ରକାଶ ଥାଉକି ବନ୍ଦର ଶ୍ରମିକ କର୍ମଚାରୀ ମାନଙ୍କର ନୂତନ ବେତନ ଚୁକ୍ତିନାମା ଗତ ସେପ୍ଟେମ୍ବର ୨୭ ତାରିଖରେ ହୋଇସାରିଥିଲେ ମଧ ସେଥି ମଧ୍ୟରୁ କେତେ ଗୁଡିଏ ଚୁକ୍ତିନାମା ଯାହାକି ପାରାଦ୍ୱୀପ ବନ୍ଦର କର୍ତ୍ତୃପକ୍ଷ ୟୁନିଅନ ମାନଙ୍କ ସହ ଆଲୋଚନା କରି ଲାଗୁ କରିବା କଥା କିନ୍ତୁ କର୍ତ୍ତୃପକ୍ଷ ଟାଳଟୁଳ ଓ କାଳକ୍ଷେପଣ ନୀତି ଅବଲମ୍ବନ କରି ଚାଲିଥିବା ନେଇ ଅଭିଯୋଗ ହୋଇଛି । ଯାହା ଫଳରେ ଶ୍ରମିକ କର୍ମଚାରୀ ମାନେ ଯେଉଁ ଆର୍ଥିକ ପ୍ରୋତ୍ସାହନ ପାଇବା କଥା ତାହା ପାଇପାରୁ ନାହାନ୍ତି ।ତେଣୁ ବାକି ରହିଥିବା ବିଭିନ୍ନ ଚୁକ୍ତିନାମାକୁ ବନ୍ଦର କର୍ତ୍ତୃପକ୍ଷ ଲାଗୁ କରିବାକୁ ଦାବୀ କରାଯାଇଛି। ଏହି ଦାବିଗୁଡିକ ମଧ୍ୟରେ ଷ୍ଟାଗନେସନ ଇନ୍କ୍ରିମେଣ୍ଟ, ପ୍ରମୋସନ କ୍ଷେତ୍ରରେ ପେ ପ୍ରୋଟେକ୍ସନ, ଚିଲଡ୍ରେନ ଏଡୁକେସନ ଆଲାଉନ୍ସ, ସ୍ପେସିଆଲ ୱାସିଙ୍ଗ ଆଲାଉନ୍ସ, ବିନା ସୁଧରେ ଝିଅ ପୁଅ ବିଭାଘର ପାଇଁ ଅଗ୍ରିମ ଅର୍ଥ ପ୍ରଦାନ, ଗାଡି ଓ ମୋଟର ସାଇକେଲ କିଣିବା ପାଇଁ ଅଗ୍ରିମ ଅର୍ଥ, ହାଉସ ବିଲଡିଂ ଲୋନ ଅର୍ଥର ପରିଣାମ ବୃଦ୍ଧି, ପେନସନ ଇତ୍ୟାଦି ବହୁ ଦାବି ରହିଥିବା ବେଳେ ଅଦ୍ୟାବଧି ଏହାର ସମାଧାନ ହୋଇ ପାରିନାହିଁ । ସେହିପରି ପି.ଏଲ.ଆର ବୋନସ ଚୁକ୍ତିନାମା ଅନୁଯାୟୀ ୨୦୨୧-୨୨ ଠାରୁ ୨୦୨୪-୨୫ ପର୍ଯ୍ୟନ୍ତ କର୍ମଚାରୀ ମାନଙ୍କୁ ବକେୟା ଏରିଅର ପ୍ରଦାନ, ସି.ସି.ଏସ. ପେନଶନ ନିୟମର ସଂଶୋଧନ ସଂସଦରେ ବିଲ ୨୦୨୫ କେନ୍ଦ୍ର ସରକାର ଆଗତ କରିବା ପ୍ରତିବାଦରେ,ବନ୍ଦରର ଗଛିତ ଲାଭଂଶ ଅର୍ଥକୁ ଜାତୀୟକରଣ ବ୍ୟାଙ୍କରେ ରଖିବା ପରିବର୍ତ୍ତେ ପ୍ରାଇଭେଟ ବ୍ୟାଙ୍କରେ ଡିପୋଜିଟ କରିବାକୁ ବନ୍ଦର ଗୁଡିକୁ ବାଧ କରିବା ପ୍ରତିବାଦରେ ଏବଂ ବନ୍ଦର ଚିକିତ୍ସାଳୟ ଗୁଡିକୁ ପି.ପି.ପି. ମୋଡ଼ରେ ବାହାର ସଂସ୍ଥାକୁ ଚଳାଇବାକୁ ଦେବାକୁ ବିରୋଧ କରାଯାଇଛି । ଏହା ବ୍ୟତୀତ ବନ୍ଦରର ରେଗୁଲାର କର୍ମଚାରୀଙ୍କ ସଂଖ୍ୟା କମିବା ଓ ସେମାନଙ୍କ ସ୍ଥାନରେ ରେଗୁଲାର ନିଯୁକ୍ତି ନ କରିବା ଫଳରେ ବନ୍ଦର କର୍ତ୍ତୃପକ୍ଷ ଠିକା ଶ୍ରମିକ (ଡ଼ି.ଏଲ.ଆର) ମାନଙ୍କୁ ନିୟୋଜିତ କରାଇ ଆଜି ୧ ନମ୍ବର ବନ୍ଦରର ମାନ୍ୟତା ପାଇଛି, କିନ୍ତୁ ସେହି ଠିକା ଶ୍ରମିକ ରେଗୁଲାର କାମରେ କାର୍ଯ୍ୟ କରୁଥିଲେ ମଧ କେଳ ସରକାରଙ୍କ ଧାର୍ଯ୍ୟ ଦୈନିକ ମଜୁରୀ ଦିଆଯାଉଛି । ସେମାଙ୍କୁ ସମାନ କାମକୁ ସମାନ ଦରମା ଦେବା, ସେମାନଙ୍କ ଅବସର ସମୟରେ ଗ୍ରାଚୁଇଟି, ରିଟାୟାର୍ଡ଼ମେଣ୍ଟ ବେନିଫିଟ ଦେବା, ବନ୍ଦର ଚିକିତ୍ସାଳୟରେ ବିନା ଅର୍ଥ ଦେୟରେ ନିଜେ ଓ ନିଜ ପରିବାର ସଦସ୍ୟଙ୍କ ଚିକିତ୍ସା ପ୍ରଦାନ, ବନ୍ଦରରେ କାର୍ଯ୍ୟରତ ଠିକା ଶ୍ରମିକ (ଡ଼ି.ଏଲ.ଆର) ମାନଙ୍କୁ ବନ୍ଦର କର୍ତ୍ତୃପକ୍ଷ ଦ୍ୱାରା ଦିଆଯାଉଥିବା ବିଭିନ୍ନ ଆର୍ଥିକ ସୁବିଧା ଓ ଗିଫ୍ଟ ଇତ୍ୟାଦି କୁ ସୀମିତ ସଂଖ୍ୟା ମଧ୍ୟରେ ନ ରଖି ସମସ୍ତଙ୍କୁ ପ୍ରଦାନ କରିବା, ବନ୍ଦର କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ସୀମିତ ଠିକା ଶ୍ରମିକ ଙ୍କୁ ଦେଉଥିବା ବିଭିନ୍ନ ଆର୍ଥିକ ପ୍ରୋତ୍ସାହନକୁ ସମସ୍ତ ଠିକା ଶ୍ରମିକଙ୍କୁ ପ୍ରଦାନ କରିବା ଦାବୀ ନିମନ୍ତେ ବିକ୍ଷୋଭ ପ୍ରଦର୍ଶନ ସହ ସମସ୍ତ ଦାବୀ ପୂରଣ କରିବାକୁ ବନ୍ଦର କର୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଛି । ଉପରୋକ୍ତ ଦାବୀ ପ୍ରତିବାଦରେ ଶ୍ରମିକ ନେତା ସର୍ବଶ୍ରୀ ଯତିକାନ୍ତ ବେହେରା, ଗୁଣନିଧି ଚୌଧୁରୀ, ବିଭୁତି ମହାରଣା, କୁଶ ଚରଣ ସୁତାର, ମହେଶ୍ୱର ସୋରେନ, ପ୍ରସନ୍ନ ଦାସ ପ୍ରମୁଖ ଏହାର ସମାଧାନ ଶୀଘ୍ର କରିବାକୁ ବନ୍ଦର କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି ।ଏହି ଦାବୀପତ୍ର ଇଣ୍ଡିଆନ ପୋର୍ଟସ ଆସୋସିଏସନ ର ଚେୟାରମ୍ୟାନ ଓ ମ୍ୟାନେଜିଙ୍ଗ ଡାଇରେକଟରଙ୍କ ପାଖକୁ ଆସନ୍ତା ନଭେମ୍ବର ୧୪ ତାରିଖରେ ବନ୍ଦର ଅଧକ୍ଷ ଙ୍କ ମାଧ୍ୟମରେ ପଠାଇବାକୁ ସ୍ଥିର କରାଯାଇଛି ବୋଲି ମିଳିତ ଶ୍ରମିକ ସଂଘ ପକ୍ଷରୁ କୁହାଯାଇଛି।

# ଏନ୍‌ଆଇଏ ଫୋକସ୍‌ରେ ଅଲ୍ ଫଲାହ ବିଶ୍ୱବିଦ୍ୟାଳୟ ଜିହାଦୀ ନେଟ୍‌ୱର୍କ ଠାବ ପରେ ବ୍ୟାପକ ଖୋଳତାଡ଼



ନୂଆଦିଲ୍ଲୀ: ନୂଆଦିଲ୍ଲୀର ଲାଲକିଲ୍ଲା ନିକଟରେ ହୋଇଥିବା ଶକ୍ତିଶାଳୀ ବିସ୍ଫୋରଣରେ ୧୨ ଜଣଙ୍କ ମୃତ୍ୟୁ ଘଟଣା ସାରା ଦେଶକୁ ସ୍ତବ୍ଧ କରିଛି। ଏହି ଘଟଣାର ତଦନ୍ତ ତ୍ୱରାନ୍ୱିତ ହୋଇଥିବା ବେଳେ ଏବେ ଏହାକୁ ନେଇ ଅନେକ ଲିଙ୍କ୍‌ର ପର୍ଦ୍ଦାଫାସ ହେବାରେ ଲାଗିଛି। ଏନ୍‌ଆଇଏ ସମେତ ବିଭିନ୍ନ ତଦନ୍ତକାରୀ ସଂସ୍ଥା ଏବେ ଫରିଦାବାଦ ସ୍ଥିତ ଅଲ୍ ଫଲାହ ବିଶ୍ୱବିଦ୍ୟାଳୟ ଉପରେ ସେମାନଙ୍କ ଫୋକସ୍ ରଖିଛନ୍ତି। ମାମଲାରେ ଡାକ୍ତର ଏବଂ ପ୍ରଫେସରଙ୍କ ସମେତ ଅନେକ ଅଭିଯୁକ୍ତ ଏହି ଅନୁଷ୍ଠାନର ପୂର୍ବତନ ଛାତ୍ର କିମ୍ବା ଅନୁଷ୍ଠାନରେ କାର୍ଯ୍ୟରତ ଥିବା ଜଣାପଡ଼ିଛି। ଏବେ ଏହି ଦିଗକୁ ତଦନ୍ତକାରୀ ଦଳ ଭଲଭାବେ ତଦନ୍ତ କରୁଛନ୍ତି। ସନ୍ଦିଗ୍ଧ ଆତ୍ମଘାତୀ ଆକ୍ରମଣକାରୀ ଡାକ୍ତର ମହମ୍ମଦ ଉମର ନବି ବିଶ୍ୱବିଦ୍ୟାଳୟର ମେଡିକାଲ କଲେଜରେ ଜଣେ ସହକାରୀ ପ୍ରଫେସର ଥିଲା। ଗିରଫ ହୋଇଥିବା ଅନ୍ୟ ୨ ଜଣ ଡାକ୍ତର ତଥା ଡାକ୍ତର ମୁଜାମିଲ ସକିଲ ଏବଂ ଶାହିନ ସା ?ହିଦ ମଧ୍ୟ ଏହି ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ କରିଥିଲେ। ଉଭୟଙ୍କୁ ଅସ୍ତ୍ରଶସ୍ତ୍ର ଏବଂ ପ୍ରଚୁର ପରିମାଣର ଗୋଳାବାରୁଦ ସହ ଗିରଫ କରାଯାଇଥିଲା। ତଦନ୍ତକାରୀ ଅଧିକାରୀଙ୍କ କହିବା ଅନୁଯାୟୀ ବିଶ୍ୱବିଦ୍ୟାଳୟ ପରିସରର ଲାବ୍ରୋଟୋରି ଏବଂ ମେଡିକାଲ ଭିତ୍ତିଭୂମି ଆଇଇଡି ପ୍ରସ୍ତୁତି ପାଇଁ ଅପବ୍ୟବହାର କରାଯାଇଥିଲା କି ନାହିଁ ସେ ଦିଗରେ ତଦନ୍ତ କରାଯାଉଛି। ତଦନ୍ତକାରୀ ସଂସ୍ଥା ଏଯାବତ ୨୯୦୦ କିଲୋଗ୍ରାମ ବିସ୍ଫୋରକ, ଅତ୍ୟାଧୁନିକ ରାଇଫଲ ପ୍ରସ୍ତୁତି ସାମଗ୍ରୀ ଜବତ କରିଛି। ସେହିପରି ସନ୍ଦିଗ୍ଧଙ୍କ ଦ୍ୱାରା ବ୍ୟବହାର କରାଯାଉଥିବା ଯୋଗାଯୋଗ ଉପକରଣ ମଧ୍ୟ ପୁଲିସ ଜବତ କରିଛି। ଉଲ୍ଲେଖଯୋଗ୍ୟ, ଅଲ୍ ଫଲା ବିଶ୍ୱବିଦ୍ୟାଳୟ ଦିଲ୍ଲୀର ଜାମିଆ ମିଲିଆ ଇସଲାମିଆଠାରୁ ମାତ୍ର ୩୦ କିମି ଦୂରରେ। ଅଲ୍ ଫଲାହ ଚାରିଟେବଲ ଟ୍ରଷ୍ଟ୍ ଦ୍ୱାରା ଏହା ପରିଚାଳନା କରାଯାଉଛି ଏବଂ ନୂଆଦିଲ୍ଲୀ ଓ ଖଲାର ଜାମିଆ ନଗରରେ ଏହାର ପଂଜୀକରଣ କରାଯାଇଛି। ୧୯୯୫ରେ ପ୍ରତିଷ୍ଠା ହୋଇଥିବା ଏହି ଟ୍ରଷ୍ଟ୍ ଉଚ୍ଚ ଶିକ୍ଷା ବାଦ୍ 'ଫଲା ୱାଟର ଏଡ୍', 'ଫଲା ଫୁଡ୍ ଏଡ୍', 'ଫଲା ୱିଣ୍ଟର ଏଡ୍' ଇତ୍ୟାଦି ପରିଚାଳନା କରୁଥିଲା। ଅଲ ଫଲା ମେଡିକାଲ କଲେଜ ଏବେ ତଦନ୍ତର ମୁଖ୍ୟ କେନ୍ଦ୍ରବିନ୍ଦୁରେ ପରିଣତ ହୋଇଛି। ଅଲ ଫଲା ବିଶ୍ୱବିଦ୍ୟାଳୟର ଧୌଜ କ୍ୟାମ୍ପସ୍ ଅଧୀନରେ ଏହା କାର୍ଯ୍ୟକ୍ଷମ। ବିଶ୍ୱବିଦ୍ୟାଳୟ ୭୦ ଏକର ବ୍ୟାପୀ ଅଞ୍ଚଳରେ ପରିବ୍ୟାପ୍ତ। ପ୍ରଥମେ ୧୯୯୭ରେ ଏହା ଏକ ଇଞ୍ଜିନିୟରିଂ କଲେଜ ଭାବେ ଆରମ୍ଭ ହୋଇଥିଲା। ୨୦୧୩ରେ ଅଲ ଫଲାହକୁ ଏ ଶ୍ରେଣୀ ନାକ୍ (ନ୍ୟାସନାଲ ଆସେସମେଣ୍ଟ ଆଣ୍ଡ ଆକ୍ରିଡିଏସନ୍ କାଉନସିଲ) ସ୍ୱିକୃତୀ ମିଳିଥିଲା। ୨୦୧୪ରେ ହରିୟାଣା ସରକାର ଅଲ ଫଲାହକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରିଥିଲେ। ମେଡିକାଲ କଲେଜରେ ୨୦୧୯ରେ ଏମବିବିଏସ୍ କୋର୍ସ ଏବଂ ୨୦୨୩ରେ ପୋଷ୍ଟଗ୍ରାଜୁଏଟ୍ କୋର୍ସ ଯୋଡ଼ି ହୋଇଥିଲା।

# ସାମ୍ନାକୁ ଆସିଲା ଲାଲକିଲ୍ଲା ବିସ୍ଫୋରଣର ପ୍ରଥମ ସିସିଟିଭି ଫୁଟେଜ, ବିସ୍ଫୋରଣ ପୂର୍ବରୁ ଦିଲ୍ଲୀର ବିଭିନ୍ନ ଛକ ବୁଲିଥିଲା କାର୍




ନୂଆଦିଲ୍ଲୀ : ଦିଲ୍ଲୀର ଲାଲକିଲ୍ଲାରେ ହୋଇଥିବା ବିସ୍ଫୋରଣର ସିସିଟିଭି ଫୁଟେଜ୍ ସାମ୍ନାକୁ ଆସିଛି। ଯେଉଁଥିରେ ଲାଲକିଲ୍ଲା ନିକଟରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଭୟଙ୍କର ଦୃଶ୍ୟ କଏଦ ହୋଇଛି। ସୋମବାର ଦିନ ଜାତୀୟ ରାଜଧାନୀ ଦିଲ୍ଲୀରେ ହୋଇଥିବା ବିସ୍ଫୋରଣରେ ୧୨ ଜଣଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟ ୨୪ ଜଣ ଆହତ ମଧ୍ୟ ହୋଇଥିଲେ। ବିସ୍ଫୋରଣ ସମ୍ପର୍କରେ ଏପର୍ଯ୍ୟନ୍ତ ଅନେକ ଖୁଲାସା ହୋଇଛି। ବିସ୍ଫୋରଣର ସିସିଟିଭି ଫୁଟେଜରେ ଜଣେ ସନ୍ଦିଗ୍ଧ ଜୈଶ ଆତଙ୍କବାଦୀ ଉମରର କାର ବିସ୍ଫୋରଣ ହେଉଥିବା ଦେଖିବାକୁ ମିଳିଛି। ବିସ୍ଫୋରଣର ସିସିଟିଭି କଣ୍ଟ୍ରୋଲ ରୁମ୍ ଫୁଟେଜ୍ ଦେଖନ୍ତୁ, ଯେଉଁଥିରେ ସ୍ପଷ୍ଟ ଭାବରେ ଏକ ଲାଲକିଲ୍ଲା ବ୍ଲାଷ୍ଟ ଦେଖାଯାଉଛି। ଦିଲ୍ଲୀ ଲାଲକିଲାରେ ଘଟିଥିବା ବିସ୍ଫୋରଣ ଏକ ଆତ୍ମଘାତୀ ବିସ୍ଫୋରଣ ନୁହେଁ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। କାରଣ ଏହା ନିର୍ଦ୍ଦିଷ୍ଟ ସ୍ଥାନକୁ ଟାର୍ଗେଟ କରି ବିସ୍ଫୋରଣ ଘଟାଇ ନଥିଲା। ଯୋଜନାବଦ୍ଧ ଭାବେ ବିସ୍ଫୋରଣ ଘଟାଇଥିଲେ ଅଧିକ ସଂଖ୍ୟକ ଲୋକ ମୃତ ଓ ଆହତ ହୋଇଥାନ୍ତେ। ଶନିବାର ଓ ରବିବାର ହରିୟାଣାର ଫରିଦାବାଦରୁ ବିପୁଳ ପରିମାଣର ବିସ୍ଫୋରକ ଜବତ ହେବା ପରେ ଦେଶର ବିଭିନ୍ନ ସ୍ଥାନରେ ସୁରକ୍ଷା ଏଜେନ୍ସି ପକ୍ଷରୁ ଯାଞ୍ଚ ଆରମ୍ଭ କରାଯାଇଥିଲା। ଫରିଦାବାଦ, ଉତ୍ତରପ୍ରଦେଶ ସାହରଣପୁର ଓ ଜମ୍ମୁ-କଶ୍ମୀରର ପୁଲୱାମାରୁ ୪ଜଣ ଡାକ୍ତରଙ୍କୁ ୪ଦିନ ମଧ୍ୟରେ ଗିରଫ କରାଯାଇଥିଲା। ସେମାନଙ୍କ ଠାରୁ ପ୍ରାୟ ୨୯୦୦ କିଲୋ ବିସ୍ଫୋରକ ଓ ଅନେକ ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିଲା। ଦିଲ୍ଲୀ ଲାଲକିଲ୍ଲାରେ ସୋମବାର ସନ୍ଧ୍ୟାରେ ହୋଇଥିବା ଏହି ବିସ୍ଫୋରଣରେ ୧୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୪ ଜଣ ଆହତ ହୋଇଛନ୍ତି।

## ବିବାହ ମଞ୍ଚରେ ବରକୁ ଛୁରାମାଡ

ନୂଆଦିଲ୍ଲୀ : ମହାରାଷ୍ଟ୍ରର ଅମରାବତୀରେ ଏକ ବିବାହ ଉତ୍ସବ ସମୟରେ ବରକୁ ମଞ୍ଚ ଉପରେ ଛୁରାମାଡ଼ କରାଯିବା ପରେ ପରିବେଶ ଏକ ଅପରାଧ ସ୍ଥଳରେ ପରିଣତ ହୋଇଛି। କ୍ୟାମେରାମ୍ୟାନ୍‌ଙ୍କ ଦ୍ୱାରା ଉତ୍ସବର ଭିଡିଓ ରେକର୍ଡିଂ ପାଇଁ ବ୍ୟବହୃତ ଏକ ଡ୍ରୋନ୍ କ୍ୟାମେରା କେବଳ ଆକ୍ରମଣର ଦୃଶ୍ୟ କଏଦ କରିନାହିଁ, ବରଂ ୨ କିଲୋମିଟର ପର୍ଯ୍ୟନ୍ତ ପଳାୟନ କରୁଥିବା ଅଭିଯୁକ୍ତ ଓ ତାଙ୍କ ସହଯୋଗୀଙ୍କୁ ଟ୍ରାକ୍ କରିଛି। ସୋମବାର ରାତି ପ୍ରାୟ ୯:୩୦ ସମୟରେ ବାଡ଼ନେରା ରୋଡ୍‌ରେ ଥିବା ସାହିଲ୍ ଲନ୍‌ରେ ୨୨ ବର୍ଷୀୟ ସୁଜଲ୍ ରାମ ସମୁଦ୍ରାଙ୍କ ବିବାହ ସମାରୋହ ଚାଲିଥିବାବେଳେ ଏହି ଘଟଣା ଘଟିଥିଲା। ଅଭିଯୁକ୍ତ ରାଘୋ ଜିତେନ୍ଦ୍ର ବକ୍ସି ମଞ୍ଚ ଉପରକୁ ଆସି ବରକୁ ଏକ ଛୁରୀରେ ତିନି ଥର ଆକ୍ରମଣ କରିବା ଫଳରେ ସୁଜଲ୍ ?ଙ୍କ ଜଙ୍ଘ ଓ ଆଣ୍ଠୁରେ ଗଭୀର ଆଘାତ ଲାଗିଛି। ଡ୍ରୋନ୍ କ୍ୟାମେରା ଆକ୍ରମଣକାରୀଙ୍କ ମୁହଁ ଏବଂ ତାଙ୍କ ପଳାୟନ ପଥକୁ ସ୍ପଷ୍ଟ ଭାବରେ ରେକର୍ଡ କରିଛି। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଅପରେଟର ଜଣକ ଭୟଭୀତ ନ ହୋଇ ରେକର୍ଡିଂ ଜାରି ରଖିଥିଲେ ଏବଂ ଅଭିଯୁକ୍ତକୁ ପ୍ରାୟ ଦୁଇ କିଲୋମିଟର ଧରି ଗୋଡ଼ାଇଥିଲେ।

# ୨୬/୧୧ଠାରୁ ବି ବଡ଼ ଆକ୍ରମଣ ଯୋଜନା



ନୂଆଦିଲ୍ଲୀ: ଦିଲ୍ଲୀର ଲାଲକିଲ୍ଲା ମେଟ୍ରୋ ଷ୍ଟେସନ ନିକଟରେ ୧୦ ନଭେମ୍ବରରେ ହୋଇଥିବା ବିସ୍ଫୋରଣର ତଦନ୍ତରୁ ଅତି ଭୟାନକ ତଥ୍ୟ ସାମନାକୁ ଆସିଛି। ପୁଲିସ ସୂତ୍ର ଅନୁସାରେ, ୨୦୨୫ ଜାନୁଆରିରୁ ଏହି ଆତଙ୍କବାଦୀ ଷଡ଼ଯନ୍ତ୍ର ରଚାଯାଉଥିଲା, ଯାହା ୨୦୦୮ର 'ମୁମ୍ବାଇ ୨୬/୧୧' ଆକ୍ରମଣଠାରୁ ମଧ୍ୟ ବଡ଼ ବିସ୍ଫୋରଣ ଘଟାଇବାକୁ ଯୋଜନା କରିଥିଲା। ଏହି 'ହ୍ୱାଇଟ୍-କଲାର ଆତଙ୍କବାଦୀ ମଡ୍ୟୁଲ' ଦିଲ୍ଲୀ, ଗୁରୁଗ୍ରାମ ଓ ଫରିଦାବାଦକୁ ଟାର୍ଗେଟ୍ କରିବାକୁ ଯୋଜନା କରିଥିଲା। ଦିଲ୍ଲୀରେ ଇଣ୍ଡିଆ ଗେଟ୍, ରେଲୱେ ଷ୍ଟେସନ, ଲାଲକିଲ୍ଲା, ଗୌରୀ ଶଙ୍କର ମନ୍ଦିର, କନ୍‌ଷ୍ଟିଟ୍ୟୁସନ କ୍ଲବ ଏବଂ ପ୍ରମୁଖ ସପିଂ ମଲ୍ ଗୁଡ଼ିକୁ ଟାର୍ଗେଟ୍ କରିବାକୁ ଆତଙ୍କବାଦୀଙ୍କ ଯୋଜନା ଥିଲା। ଷଡ଼ଯନ୍ତ୍ରର ଉଦ୍ଦେଶ୍ୟ ଥିଲା ଏକାସାଙ୍ଗରେ ଏକାଧିକ ସ୍ଥାନରେ ଆକ୍ରମଣ କରି ଅଧିକରୁ ଅଧିକ ଧନଜୀବନର କ୍ଷୟକ୍ଷତି ଘଟାଇବା ଓ ଧାର୍ମିକ ସ୍ଥାନରେ ଆକ୍ରମଣ ଦ୍ୱାରା ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି କରିବା। ତଦନ୍ତକାରୀମାନେ ଜଣାଇଛନ୍ତି ଯେ ଆତଙ୍କୀ ଡାକ୍ତର ମଡ୍ୟୁଲ ୨୦୦ରୁ ଅଧିକ ଶକ୍ତିଶାଳୀ ଆଇଇଡି (ଇମ୍ପ୍ରୋଭାଇଜଡ୍ ଏକ୍ସପ୍ଲୋସିଭ ଡିଭାଇସ) ତିଆରି କରିଥିଲା, ଯାହାକୁ ସମନ୍ୱିତ ଭାବେ ବିସ୍ଫୋରଣ ଘଟାଇବାକୁ ଯୋଜନା ଥିଲା। ଲାଲକିଲ୍ଲା ନିକଟରେ ହୋଇଥିବା ବିସ୍ଫୋରଣ କେବଳ ଏହାର ପ୍ରାରମ୍ଭ ମାତ୍ର ଥିଲା ବୋଲି କୁହାଯାଇଛି। ଏହି ଆତଙ୍କୀ ମଡ୍ୟୁଲର କେନ୍ଦ୍ରରେ ଥିଲେ ଜମ୍ମୁ-କାଶ୍ମୀରର ପୁଲୱାମା, ସୋପିଆନ ଓ ଅନନ୍ତନାଗ ଏବଂ ଫରିଦାବାଦ ଅଲ୍ ଫଲାହ ବିଶ୍ୱବିଦ୍ୟାଳୟର ଏକ ଡାକ୍ତର ଗୋଷ୍ଠୀ। ସେମାନେ ନିଜର ବୃତ୍ତିଗତ ପରିଚୟକୁ ଆଢ଼ କରି ଏନ୍‌ସିଆର୍‌ରେ ନେଟ୍‌ୱର୍କ ଗଢ଼ିଥିଲେ। ଡାକ୍ତର ହୋଇଥିବାରୁ ସେମାନଙ୍କ ଯାତ୍ରା ଉପରେ କୌଣସି ସନ୍ଦେହ ହୋଇନଥିଲା। ରେକି ସମୟରେ ଲାଲକିଲ୍ଲା, ଇଣ୍ଡିଆ ଗେଟ୍ ଓ ରେଲୱେ ଷ୍ଟେସନଗୁଡ଼ିକର ଜନଗହଳି, ସୁରକ୍ଷା ବ୍ୟବସ୍ଥା ଏବଂ ପ୍ରବେଶ-ପ୍ରସ୍ଥାନ ପଏଣ୍ଟଗୁଡ଼ିକର ସର୍ଭେ କରାଯାଇଥିଲା। ଡା. ମୁଜାମ୍ମିଲ ଗନାଇ ଓ ଡା. ମହମ୍ମଦ ଉମର ନବୀ ଭଳି ଆତଙ୍କୀଙ୍କ ମୋବାଇଲ ଡାଟା ଓ ସିସିଟିଭି ଫୁଟେଜ ଅନୁଧାନରୁ ସେମାନେ ଏକାଧିକ ରେକି କରିଥିବା ନିଶ୍ଚିତ ହୋଇଛି। ଉଭୟେ ବାରମ୍ବାର ଉକ୍ତ ଅଂଚଳକୁ ଯାଇ ସ୍ଥିତି ଅନୁଧାନ କରୁଥିବା ସଂପର୍କରେ ବଳିଷ୍ଠ ପ୍ରମାଣ ହାସଲ ହୋଇଛି। ପୁଲିସ ଅଲ-ଫଲାହ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ସହ ଜଡ଼ିତ ବଡ଼ ଜିହାଦୀ ନେଟ୍‌ୱର୍କକୁ ଖୋଜି ପାଇଛି, ଯେଉଁଠାରୁ ସନ୍ଦିଗ୍ଧ ଗାଡ଼ି ଓ ସାମଗ୍ରୀ ସ୍ଥାନାନ୍ତରିତ ହୋଇଥିଲା। ତେବେ ବିଶ୍ୱବିଦ୍ୟାଳୟ ଏହାକୁ ଅସ୍ୱୀକାର କରିଛି। ମଡ୍ୟୁଲକୁ ହାୱାଲା ମାର୍ଗରେ ଅର୍ଥ ଯୋଗାଣ ହେଉଥିଲା, ଏବଂ ବାହାରେ ଥିବା ହ୍ୟାଣ୍ଡଲରଙ୍କ ଭୂମିକା ସଂପର୍କରେ ଏବେ ଖେଳତାଡ଼ ଚାଲିଛି। ଏନ୍‌ଆଇଏ ମାମଲା ହାତକୁ ନେଇଥିବା ବେଳେ ପାକିସ୍ତାନରୁ ପରିଚାଳିତ ଜେସ୍ ଓ ଲସ୍କର-ଏ-ତୋଇବା (ଏଲ୍‌ଇଟି) ସହ ଏହି ମଡ୍ୟୁଲର ସିଧାସଳଖ ସଂପର୍କ ଠାବ ହୋଇଛି। ଏଜେନ୍ସିଗୁଡ଼ିକର ସତର୍କତା ଯୋଗୁଁ ଆଗୁଆ ଅନେକ ଗିରଫଦାରୀ ହୋଇଥିବାରୁ ଦିଲ୍ଲୀ ଏକାଧିକ ଗଣସଂହାରରୁ ବର୍ତ୍ତି ଯାଇଛି। ଜିହାଦୀ ଡାକ୍ତର ମଡ୍ୟୁଲର ୨୯୦୦ କିଲୋ ଆମୋନିୟମ ନାଇଟ୍ରେଟ ଭିତ୍ତିକ ବିସ୍ଫୋରକ ଜବତ ହୋଇଛି।

ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରୁ ମୌଲବୀ ଇର୍ଫାନଙ୍କ ନେତୃତ୍ୱରେ ଏବଂ ଜେ ?ସ୍ ?ର ପ୍ରତ୍ୟକ୍ଷ ସହଯୋଗରେ ଅଲ୍ ଫଲାହ ବିଶ୍ୱବିଦ୍ୟାଳୟରୁ ଏହି ଜଟିଳ ଆତଙ୍କୀ ମଡ୍ୟୁଲ ପରିଚାଳିତ ହେଉଥିବା ତଦନ୍ତରୁ ଜଣାପଡ଼ିଛି। ଏହି ମଡ୍ୟୁଲ ଦୀପାବଳି ଓ ସାଧାରଣତନ୍ତ୍ର ଦିବସରେ ଦିଲ୍ଲୀକୁ ଦୋହଲାଇ ଦେବାପାଇଁ ଆକ୍ରମଣ ଯୋଜନା କରିଥିଲା, ଯେଉଁଥିରେ ଜିହାଦୀ ଡାକ୍ତରମାନେ ରେକି ଓ ଲଜିଷ୍ଟିକ୍ସ ପାଇଁ ସବୁ ବ୍ୟବସ୍ଥା କରିଥିଲେ। ମୋବାଇଲ ଡାଟା ଓ ସିସିଟିଭି ଫୁଟେଜରୁ ଜାନୁଆରିରେ ଲାଲକିଲ୍ଲାରେ ଅଭିଯୁକ୍ତଙ୍କ ଏକାଧିକ ରେକି ନେଇ ପ୍ରମାଣ ହାସଲ ହୋଇଛି। ଏହି ଜିହାଦୀ ଗୋଷ୍ଠୀକୁ ହୱାଲା ମାଧ୍ୟମରେ ଅର୍ଥ ଯୋଗାଣର ସୂତ୍ର ଠାବ କରିବାକୁ ଖୋଳତାଡ଼ ଜାରି ରହିଛି। ଏନଆଇଏ ସୂତ୍ର ଅନୁସାରେ, ମୌଲଭୀ ଇର୍ଫାନ ଗୁପ୍ତ ଆପ୍ ମାଧ୍ୟମରେ ଡାକ୍ତରମାନଙ୍କୁ ଗଣସଂହାର ପାଇଁ ପ୍ରସ୍ତୁତ କରିଥିଲା, ଯାହା ଭାରତକୁ ଅସ୍ଥିର କରିବା ଦିଗରେ ଏକ ଜଘନ୍ୟ ପ୍ରୟାସ ଥିଲା। ଦିଲ୍ଲୀ, ହରିୟାଣା ଏବଂ ଉତ୍ତରପ୍ରଦେଶରେ ପୁଲିସ ଟିମ୍ ଏକ ଲାଲ୍ ରଙ୍ଗର ଫୋର୍ଡ ଇକୋ ସ୍ପୋର୍ଟ କାର୍ ପାଇଁ ବଡ଼ ଧରଣର ସର୍ଚ୍ଚ ଅପରେସନ୍ ଚଳାଇଥିଲେ। ଏହାକୁ ଆକ୍ରମଣପାଇଁ ବ୍ୟବହାର କରାଯାଇଥିବା ସନ୍ଦେହ କରାଯାଉଥିଲା। ଏହି ଗାଡ଼ିର ପଂଜୀକରଣ ନମ୍ବର ହେଉଛି ଡିଏଲ୧୦ସିକେ୦୪୫୮। ଏହା ଆତ୍ମଘାତୀ ଆକ୍ରମଣକାରୀ ମହମ୍ମଦ ଉମର ଉନ୍ ନବି ନାମରେ ପଂଜୀକରଣ କରାଯାଇଛି। ସେ ହେଉଛି ଗାଡ଼ିର ଦ୍ୱିତୀୟ ମାଲିକ। ତଦନ୍ତକାରୀଙ୍କ ଅନୁଯାୟୀ ଗାଡ଼ିଟି ୨୦୧୭ ନଭେମ୍ବର ୨୨ରେ ଦିଲ୍ଲୀର ରାଜୌରୀ ଗାର୍ଡେନ ଆର୍‌ଟିଓରେ ପଂଜୀକରଣ ହୋଇଥିଲା। ଉତ୍ତରପୂର୍ବ ଦିଲ୍ଲୀରେ ଏକ ନକଲି ଠିକଣା ବ୍ୟବହାର କରି ଏହି ପଂଜୀକରଣ କରାଯାଇଥିଲା। ପୁଲିସ ପରେ ଏହି ଠିକଣାରେ ଚଢ଼ଉ କରିଥିଲା। କିନ୍ତୁ କା ?ଟି ମିଳିନଥିଲା। କାରଟିକୁ ଖୋଜିବାପାଇଁ ଦିଲ୍ଲୀ ପୁଲିସର ୫ଟି ଟିମ୍ ମୁତୟନ ହୋଇଥିଲେ। ପଡ଼ୋଶୀ ଉତ୍ତରପ୍ରଦେଶ ଏବଂ ହରିୟାଣା ପୁଲିସ ମଧ୍ୟ ଏହି ଲାଲ ଇକୋସ୍ପୋର୍ଟ ପାଇଁ ହାଇ ଆଲର୍ଟ ଜାରି କରିଥିଲେ। ଶେଷରେ ବହୁ ତନାଘନା ପରେ ଗାଡ଼ିଟି ହରିୟାଣାର ଖଣ୍ଡୱାଲି ଗ୍ରାମ ନିକଟରୁ ମିଳିଛି। ଗୁଇନ୍ଦା ସଂସ୍ଥା ଅନୁଯାୟୀ ଇକୋସ୍ପୋର୍ଟରେ ଅଧିକ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଏବଂ ସମ୍ଭାବ୍ୟ ବିସ୍ଫୋରକ ମଧ୍ୟ ଥାଇପାରେ। କର୍ତ୍ତୃପକ୍ଷମାନେ ବିଶ୍ୱାସ କରୁଛନ୍ତି ଯେ ସନ୍ଦିଗ୍ଧମାନେ ଧଳା ହୁଣ୍ଡାଇ ଆଇ୨୦ ବାଦ୍ ଏହି ଲାଲ୍ ଇକୋସ୍ପୋର୍ଟକୁ ଏକ ଦ୍ୱିତୀୟ ଗାଡ଼ି ଭାବେ ବ୍ୟବହାର କରୁଥିଲେ। ସୂଚନାନୁଯାୟୀ, ଡାକ୍ତର ଉମର ହୁଣ୍ଡାଇ ଆଇ ୨୦ ଚଳାଉଥିବା ବେଳେ ବିସ୍ଫୋରଣ ହୋଇଥିଲା। ଏହା ଏକ ଟେରର ଲଜିଷ୍ଟିକ୍ସ ନେଟ୍‌ୱର୍କର ଅଂଶବିଶେଷ ଯେଉଁଥିରେ ଅନେକ ଡାକ୍ତରଙ୍କ ସମେତ ୯ରୁ ୧୦ ଜଣ ସଦସ୍ୟ ଥିଲେ। ତଦନ୍ତକାରୀ କହିଛନ୍ତି ଯେ ଡାକ୍ତର ଉମର ଡାକ୍ତର ମୁଜାମ୍ମିଲ ଓ ଡାକ୍ତର ଶାହୀନ ସହ ମିଶି ଆକ୍ରମଣ ଯୋଜନା କରିଥିଲା। ଶାହୀନ ଓ ମୁଜାମ୍ମିଲ ଫରିଦାବାଦରୁ ଗତ ସୋମବାର ଦିନ ୨୯୦୦ କିଲୋ ବିସ୍ଫୋରକ ସହ ଧରା ପଡ଼ିଥିଲେ ଏବଂ ଗିରଫ ହୋଇଥିଲେ। ସେମାନଙ୍କ ଗିରଫ ପରେ ଡାକ୍ତର ଉମର ଏହି ବିସ୍ଫୋରଣ ଏକାକୀ କରିଥିଲା। ଇତିମଧ୍ୟରେ ଆତଙ୍କୀ ଗୋଷ୍ଠୀ ପକ୍ଷରୁ ଅଧିକ ଆକ୍ରମଣ ଆଶଙ୍କାର ଦିଲ୍ଲୀର ସମସ୍ତ ବର୍ଡର ଚେକପଏଣ୍ଟରେ ହାଇ ଆଲର୍ଟ ଜାରି କରାଯାଇଛି।

## ଦିଲ୍ଲୀ ବିସ୍ଫୋରଣ: ମୃତକଙ୍କ ପରିବାରକୁ ୧୦ ଲକ୍ଷ ଘୋଷଣା କଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ : ଲାଲକିଲା ବିସ୍ଫୋରଣ ଘଟଣାରେ ଦିଲ୍ଲୀ ସରକାରଙ୍କ ପକ୍ଷରୁ ମଙ୍ଗଳବାର ମୃତାହତଙ୍କ ପାଇଁ ଅନୁକମ୍ପା ରାଶି ଘୋଷଣା କରାଯାଇଛି। ବିସ୍ଫୋରଣରେ ପ୍ରାଣ ହରାଇଥିବା ପ୍ରତ୍ୟେକ ମୃତକଙ୍କ ପରିବାରକୁ ୧୦ ଲକ୍ଷ ରାଶି ଘୋଷଣା କରାଯାଇଛି। ସ୍ଥାୟୀଭାବେ ଭିନ୍ନକ୍ଷମ ହୋଇଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ୫ ଲକ୍ଷ ଏବଂ ପ୍ରତ୍ୟେକ ଗୁରୁତରଙ୍କୁ ୨ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଘୋଷଣା କରିଛନ୍ତି।

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ସୋସିଆଲ ମିଡିଆ ସାଇଟ୍ ଢ ରେ ଲେଖିଛନ୍ତି ଯେ, ଦିଲ୍ଲୀରେ ଘଟିଥିବା ଏହି ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ସମଗ୍ର ସହରକୁ ମର୍ମାହତ କରିଛି। ଦିଲ୍ଲୀ ସରକାରଙ୍କ ଗଭୀର ସମବେଦନା ସମସ୍ତ ପରିବାର ପ୍ରତି ଯେଉଁମାନେ ଏହି ଘଟଣାରେ ପ୍ରିୟଜନଙ୍କୁ ହରାଇଛନ୍ତି ଏବଂ ଆହତ ହୋଇଛନ୍ତି।

## ପୋଲିସ ଗାଡ଼ି-ବାଇକ୍ ଧକ୍କା, ୩ ମୃତ




ତାମିଲନାଡୁ : ତାମିଲନାଡୁର ଶିବଗଙ୍ଗାରେ ଭୟଙ୍କର ସଡ଼କ ଦୁର୍ଘଟଣାର ଘଟିଛି। ଏହି ଦୁର୍ଘଟଣାରେ ଶିକାର ହୋଇ ଗୋଟିଏ ପରିବାରର ୩ ଜଣ ସଦସ୍ୟଙ୍କର ମୃତ୍ୟୁ ଘଟିଛି। ପୋଲିସ ଗାଡ଼ି ସହ ଧକ୍କା ହେବା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ପୋଲିସ ଏସପି ସୂଚନା ଦେଇଛନ୍ତି। ସୂଚନାନୁଯାୟୀ, ପରିବାର ସଦସ୍ୟମାନେ ଅନଞ୍ଜିୟୁରରୁ ଜଣେ ସମ୍ପର୍କୀୟଙ୍କୁ ଆଣି ଗାଁକୁ ଫେରୁଥିବା ସମୟରେ ଦ୍ରୁତଗାମୀ ପୋଲିସ ଗାଡ଼ି ସହ ବାଇକର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିଲା। ଚିକିତ୍ସା ପାଇଁ ଆହତଙ୍କୁ ହସ୍ପିଟାଲକୁ ନେଇ ଯାଉଥିବାବେଳେ ୩ ଜଣଙ୍କ ମଧ୍ୟରୁ ୨ଜଣଙ୍କର ବାଟରେ ପ୍ରାଣ ଚାଲିଯାଇଥିଲା। କିନ୍ତୁ ତାଙ୍କ ସମ୍ପର୍କୀୟ ବର୍ତ୍ତମାନ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ରହିଥିବା ସୂଚନା ମିଳୁଛି। ମୃତକ ଏବଂ ଆହତଙ୍କ ପରିଚୟ ଚିହ୍ନଟ ହୋଇଛି। ଅନ୍ୟପଟେ ପୋଲିସ ଟ୍ରାଫିକ୍ ନିୟମ ଠିକ୍ ଭାବେ ପାଳନ କରିନଥିବାରୁ ଦୁର୍ଘଟଣା ଘଟିଛି। ଏହି କାରଣରୁ ଗୋଟିଏ ପରିବାରର ସଦସ୍ୟଙ୍କ ଜୀବନହାନି ଘଟିଛି। ଏହି ଦୁର୍ଘଟଣା ପାଇଁ ପୋଲିସ କୁ ଦାୟୀ କରାଯାଇଛି।

# ବିହାର ଭୋଟ ବ୍ୟାଙ୍କ ରାଜନୀତି ସମୀକରଣରେ ପୁରୁଷଙ୍କ ପ୍ରାଧାନ୍ୟ ହ୍ରାସ




ନୂଆଦିଲ୍ଲୀ: ଗତ କିଛି ଦଶନ୍ଧିରେ ବିହାର ବିଧାନସଭା ନିର୍ବାଚନରେ ମହିଳାମାନଙ୍କ ଅଂଶଗ୍ରହଣକୁ ଦେଖିଲେ ଜଣାପଡ଼େ ଯେ ଏହା ସେମାନଙ୍କ ଉପସ୍ଥିତିର ରଣନୀତିକୁ ପ୍ରତିଫଳିତ କରିଥାଏ। ୧୯୬୨ ମସିହାରେ ପ୍ରତ୍ୟେକ ଦଶ ଜଣରେ ମାତ୍ର ତିନି ଜଣ ମହିଳା ଭୋଟର ମତଦାନ ପାଇଁ ଆସୁଥିବା ବେଳେ ୨୦୨୦ ମସିହା ସୁଦ୍ଧା ଏହି ସଂଖ୍ୟା ଛଅକୁ ବୃଦ୍ଧି ପାଇଥିଲା। ନିର୍ବାଚନ କମିସନର ତଥ୍ୟ ଦର୍ଶାଉଛି ଯେ ୧୯୬୨ରୁ ୨୦୦୦ ମସିହା ମଧ୍ୟରେ ମହିଳାମାନଙ୍କର ମତଦାନ ହାର ୩୦%ରୁ ୫୯.୬%କୁ ବୃଦ୍ଧି ପାଇବା ଫଳରେ ମତଦାନ କ୍ଷେତ୍ରରେ ଲିଙ୍ଗଗତ ତାରତମ୍ୟ ଦୂର ହୋଇଛି। ଗତ ବିଧାନସଭା ନିର୍ବାଚନରେ ମୋଟ ୨୪୩ଟି ଆସନ ମଧ୍ୟରୁ ୧୬୯ଟି ଆସନରେ ପୁରୁଷଙ୍କ ତୁଳନାରେ ଅଧିକ ସଂଖ୍ୟକ ମହିଳା ଭୋଟ ଦେଇଥିଲେ। ରେକର୍ଡ ସୂଚାଇ ଦେଉଛି ଯେ ଯେତେବେଳେ ପୁରୁଷମାନଙ୍କ ତୁଳନାରେ ଅଧିକ ସଂଖ୍ୟକ ମହିଳା ଭୋଟ ଦିଅନ୍ତି, ତାହା ଏନ୍‌ଡିଏକୁ ଲାଭବାନ କରିଥାଏ। ୨୦୧୦ ମସିହାରୁ ଏହି ପରିବର୍ତ୍ତନ ଆରମ୍ଭ ହୋଇଥିଲା ଯେତେବେଳେ ପ୍ରଥମ ଥର ପାଇଁ ମହିଳାମାନଙ୍କ ମତଦାନ ହାର ୫୪% ଅତିକ୍ରମ କରିଥିଲା। ଅନ୍ୟ ପକ୍ଷରେ ପୁରୁଷ ମତାଦାତାଙ୍କ ମତଦାନ ହାର ୫୧% ରହିଥିଲା। ଏହି ସଫଳତା ପଛରେ ଜନ ସଚେତନତାର ପ୍ରମୁଖ ଭୂମିକା ରହିଥିବାବେଳେ ଅବଶିଷ୍ଟ କାର୍ଯ୍ୟ ନୀତିଗତ ପରିବର୍ତ୍ତନ ଫଳରେ ସମ୍ଭବ ହୋଇଥିଲା। ୨୦୦୬ ମସିହାରେ, ନୀତୀଶ କୁମାର ପଞ୍ଚାୟତ ସ୍ତରରେ ମହିଳାମାନଙ୍କ ପାଇଁ ଅଧା ଆସନ ସଂରକ୍ଷିତ କରିଥିଲେ। ବିହାରର ଅର୍ଦ୍ଧ-ସାମନ୍ତବାଦୀ କୃଷିଭିତ୍ତିକ ସମାଜରେ, ଗାଁଗୁଡ଼ିକରେ ମହିଳାମାନେ ବୈଠକରେ ଅଧକ୍ଷତା କରିବା କ୍ୱଚିତ୍ ଦେଖାଯାଉଥିଲା। ମାତ୍ର ସେହି ବିହାର ୨୦୧୫ ମସିହାରେ ୪,୫୩୫ ଜଣ ମହିଳା ମୁଖିଆଙ୍କୁ ମୁଖିଆ (ଗ୍ରାମ ପଞ୍ଚାୟତ ସଭାପତି) ରୂପେ ନିର୍ବାଚିତ କରିଥିଲା। ୨୦୧୫ ସୁଦ୍ଧା ବିହାରରେ ୧.୩୬ ଲକ୍ଷ ନିର୍ବାଚିତ ଗ୍ରାମ ପ୍ରତିନିଧିଙ୍କ ମଧ୍ୟରୁ ପ୍ରାୟ ୫୪% ମହିଳା ଥିଲେ। ବିହାରର ଶ୍ରମ ଶକ୍ତି ଅଂଶଗ୍ରହଣରେ ୨୦୧୭-୧୮ରେ ମହିଳାମାନଙ୍କ ଅଂଶଗ୍ରହଣ ଥିଲା ମାତ୍ର ୪.୧%। ମାତ୍ର ୨୦୨୩-୨୪ରେ ଏହା ୩୦.୫%ରେ ପହଞ୍ଚିଛି, ଯାହାକି ପ୍ରାୟ ସାତ ଗୁଣରୁ ମଧ୍ୟ ଅଧିକ ଥିଲା। କିନ୍ତୁ ବିଧାନସଭାର ନିର୍ବାଚନରେ ମହିଳା ପ୍ରତିନିଧିମାନଙ୍କର ଅଂଶ ଗ୍ରହଣ କରିବା ସଂଖ୍ୟା ଭିନ୍ନ ଏକ ଦୁର୍ବଳ ତଥ୍ୟ ପ୍ରଦାନ କରେ। ୨୦୨୦ରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ୨୭୧ ଜଣ ମହିଳା ପ୍ରାର୍ଥୀଙ୍କ ମଧ୍ୟରୁ କେବଳ ୨୬ ଜଣ ବିଜୟୀ ହୋଇଥିଲେ। ତେଣୁ ମହିଳା ପ୍ରାର୍ଥୀମାନଙ୍କର ସଫଳତା ହାର ମାତ୍ର ୭%। ଚଳିତ ନିର୍ବାଚନରେ ମହିଳା ଜନପ୍ରତିନିଧିଙ୍କ ସଂପର୍କିତ ପରିସଂଖ୍ୟାନ ନିରୁତ୍ସାହଜନକ। ଚଳିତ ନିର୍ବାଚନରେ ୨,୩୫୭ ପୁରୁଷ ପ୍ରାର୍ଥୀଙ୍କ ବିପକ୍ଷରେ ମାତ୍ର ୨୫୮ ଜଣ ମହିଳା ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେମାନଙ୍କ ମଧ୍ୟରେ ବିଜେପି ୧୩ ଜଣ ମହିଳାଙ୍କୁ ମଇଦାନରେ ଓହ୍ଲାଇ ଥିବାବେଳେ ଜେଡିୟୁ ୧୩ ଜଣଙ୍କୁ, ଆରଜେଡି ୨୩ ଜଣଙ୍କୁ, ଜନସୁରାଜ ୨୫ ଜଣଙ୍କୁ ଓ କଂଗ୍ରେସ ୫ ଜଣଙ୍କୁ ପ୍ରାର୍ଥୀ କରିଛି। ଏହା ପ୍ରତୀକବାଦ ବୋଲି ମନେ ହେଉଥିଲେ ମଧ ଗୁରୁତ୍ୱପୂର୍ଣ୍ଣ। ଭାରତୀୟ ନିର୍ବାଚନ ଆୟୋଗଙ୍କ ତଥ୍ୟ ଅନୁଯାୟୀ ୨୦୦୦ ବିଧାନସଭା ନିର୍ବାଚନରେ ୬୨.୫୭% ଭୋଟର ସେମାନଙ୍କର ମତ ସାବ୍ୟସ୍ତ କରିଥିଲେ। ସ୍ୱାଧୀନୋତ୍ତର ଭାରତରେ ଏହା ଥିଲା ସର୍ବାଧିକ ମତଦାନ। ଏଥିରେ ୭୦.୭୧% ପୁରୁଷ ଏବଂ ୫୩.୨୮% ମହିଳା ମତାଧିକାର ସାବ୍ୟସ୍ତ କରିଥିଲେ। ମତାଧିକାର ସାବ୍ୟସ୍ତରେ ଲିଙ୍ଗଗତ ବ୍ୟବଧାନ ଥିଲା ୧୮%। ଏହାପରେ ରାବ୍ଡ଼ୀ ଦେବୀ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୦୫ ନିର୍ବାଚନରେ ମତଦାନ ହାର ଥିଲା ୪୫.୯୨%। କିନ୍ତୁ ଏଥିରେ ଲିଙ୍ଗଗତ ପାର୍ଥକ୍ୟ ଯଥେଷ୍ଟ ହ୍ରାସ ପାଇଥିଲା। ଏହି ନିର୍ବାଚନରେ ୪୭.୦୨% ପୁରୁଷ ଭୋଟର ଏବଂ ୪୪.୬୨% ମହିଳା ଭୋଟର ମତାଧିକାର ସାବ୍ୟସ୍ତ କରିଥିଲେ। ୨୦୦୫ ମସିହା ପରର ସମସ୍ତ ନିର୍ବାଚନରେ ମହିଳା ଭୋଟରଙ୍କ ସଂଖ୍ୟା ପୁରୁଷ ଭୋଟରଙ୍କ ସଂଖ୍ୟାକୁ ଅତିକ୍ରମ କରିଯାଇଛି ଏବଂ ନୀତୀଶ ମୁଖ୍ୟମନ୍ତ୍ରୀ ହେବାରେ ସଫଳ ହୋଇଛନ୍ତି। ଯଦି ଏହି ଧାରା ଅବ୍ୟାହତ ରହେ ତେବେ ନୀତୀଶ ନଭେମ୍ବର ୧୪ର ଫଳାଫଳ ଘୋଷଣା ପରେ ପୁଣି ଭାଗ୍ୟବାନ ହେବାର ସମସ୍ତ ସମ୍ଭାବନା ରହିଛି ବୋଲି ରାଜନୈତିକ ସମୀକ୍ଷକ ମତ ଦେଉଛନ୍ତି।

# ରୋହିତ-କୋହଲିଙ୍କୁ ଚେତାବନୀ ଦେଲା ବିସିସିଆଇ

ନୂଆଦିଲ୍ଲୀ,୧୨।୧୧: ଅଷ୍ଟ୍ରେଲିଆ ଗସ୍ତ ଶେଷ ହେବାର ଅନେକ ଦିନ ବିତିଗଲାଣି, କିନ୍ତୁ ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ଭବିଷ୍ୟତ ନେଇ ଅନିଶ୍ଚିତତା ଏବେ ବି ରହିଛି। ଟେଷ୍ଟ ଏବଂ ଟି-୨୦ ଅନ୍ତର୍ଜାତୀୟରୁ ଅବସର ନେବା ପରେ, ଉଭୟ ଭାରତୀୟ କ୍ରିକେଟ କିମ୍ବଦନ୍ତୀ ଏବେ କେବଳ ସ୍ଥାନ ପାଇବା ପାଇଁ ଯୋଗ୍ୟ ହେବେ।

ଅଷ୍ଟ୍ରେଲିଆ ଗସ୍ତରେ ତିନି ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ ସିରିଜରେ ଅଂଶଗ୍ରହଣ କରିବା ପରେ, ବିରାଟ ଏବଂ ରୋହିତ ବର୍ତ୍ତମାନ କ୍ଷେତ୍ରରୁ ଦୂରରେ ଅଛନ୍ତି। ଟିମ ଇଣ୍ଡିଆ ସମ୍ପ୍ରତି ଏକ ଟି-୨୦ ସିରିଜ

## ଦିନିକିଆ ଖେଳିବାକୁ ଚାହୁଁଥିଲେ ଘରୋଇ କ୍ରିକେଟ ଖେଳିବାକୁ ହେବ

ଏକଦିବସୀୟ କ୍ରିକେଟରେ ସକ୍ରିୟ ଅଛନ୍ତି। ସେମାନଙ୍କ ବାଦ୍ ଏବଂ ଅବସର ବିଷୟରେ କଳ୍ପନାଜଳ୍ପନା ମଧ୍ୟରେ, ଉଭୟ ଅଷ୍ଟ୍ରେଲିଆ ଗସ୍ତ ସମୟରେ ଏକଦିବସୀୟ ସିରିଜରେ ପୁନରାଗମନ କରିଥିଲେ, କିନ୍ତୁ ସେମାନଙ୍କର ସ୍ଥାନ ଅନିଶ୍ଚିତ ରହିଛି। ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଏବେ ଉଭୟ ଖେଳାଳିଙ୍କ ଉପରେ ଏକ ସର୍ତ୍ତ ରଖିଛି: ସେମାନେ କେବଳ ଘରୋଇ କ୍ରିକେଟ ଖେଳିଲେ ଟିମ ଇଣ୍ଡିଆରେ ଖେଳିଛି ଏବଂ ଏବେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏକ ଟେଷ୍ଟ ସିରିଜ ଖେଳିବ। ତଥାପି, ଦକ୍ଷିଣ ଆଫ୍ରିକା ବିପକ୍ଷ ଏକଦିବସୀୟ ସିରିଜ ପୂର୍ବରୁ, ବିସିସିଆଇ ଉଭୟ ଷ୍ଟାର ଖେଳାଳିଙ୍କୁ ଘରୋଇ କ୍ରିକେଟ ଖେଳିବା ପାଇଁ ଏକ ନିର୍ଦ୍ଦେଶ ଜାରି କରିଛି।

ଭାରତୀୟ କ୍ରିକେଟ ବୋର୍ଡ ଉଭୟ ପୂର୍ବତନ ଅଧିନାୟକଙ୍କୁ ଘରୋଇ ଏକଦିବସୀୟ ଟୁର୍ଣ୍ଣାମେଣ୍ଟ, ବିଜୟ ହଜାରେ ଟ୍ରଫିରେ



ଅଂଶଗ୍ରହଣ କରିବାକୁ କହିଛି। ଏହି ଟୁର୍ନାମେଣ୍ଟ ଡିସେମ୍ବର ୨୪ ତାରିଖରୁ ଆରମ୍ଭ ହେଉଛି। ତେଣୁ, ଏହି ସର୍ତ୍ତ ନଭେମ୍ବର ୩୦ ତାରିଖରୁ ଆରମ୍ଭ ହେଉଥିବା ଭାରତ-ଦକ୍ଷିଣ ଆଫ୍ରିକା ଦିନିକିଆ ସିରିଜରେ ପ୍ରଯୁଜ୍ୟ ହେବ ନାହିଁ। ଟିମ ଇଣ୍ଡିଆର ପରବର୍ତ୍ତୀ ଦିନିକିଆ ସିରିଜ ଜାନୁଆରୀ ୧୧, ୨୦୨୬ରୁ ନ୍ୟୁଜିଲାଣ୍ଡ ବିପକ୍ଷରେ ହେବ ଏବଂ ସେହି ଟୁର୍ନାମେଣ୍ଟ ପାଇଁ ଚୟନ ହେବା ପାଇଁ ଉଭୟଙ୍କୁ ଏହି ସର୍ତ୍ତ ପୂରଣ କରିବାକୁ ପଡ଼ିପାରେ। ଏହି ଦୁଇ ତାରକା ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ କି ନାହିଁ ତାହା ଦେଖିବାକୁ ବାକି ଅଛି।

ରୋହିତ ଘରୋଇ କ୍ରିକେଟ ଖେଳିବାକୁ ଇଚ୍ଛା ପ୍ରକାଶ କରିଛନ୍ତି ଏବଂ ମୁମ୍ବାଇ କ୍ରିକେଟ ଆସୋସିଏସନକୁ ତାଙ୍କର ଉଦ୍ଦେଶ୍ୟ ଜଣାଇ ଦେଇଛନ୍ତି। କେବଳ ବିଜୟ ହଜାରେ ଟ୍ରଫି ନୁହେଁ, ରୋହିତ ଶର୍ମାଙ୍କୁ ସୟଦ ମୁସ୍ତାକ ଅଲୀ ଟି୨୦ ଟ୍ରଫିରେ ମଧ୍ୟ ଖେଳିବାର ଦେଖାଯାଇପାରେ। ଏହା ନଭେମ୍ବର ୨୬ ତାରିଖରୁ ଆରମ୍ଭ ହେବ ଏବଂ ଡିସେମ୍ବର ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜରେ ଚୟନ ପାଇଁ ଏହି ଟୁର୍ନାମେଣ୍ଟରେ ଖେଳିବା ମଧ୍ୟ ବାଧ୍ୟତାମୂଳକ ହେବ କି ନାହିଁ ତାହା ବର୍ତ୍ତମାନ ସ୍ପଷ୍ଟ ନୁହେଁ। ସୂଚନା ମିଳିଛି ଯେ, ରୋହିତ ପୂର୍ବରୁ ମୁମ୍ବାଇ କ୍ରିକେଟ୍ ଆସୋସିଏସନ୍‌କୁ ଜଣାଇ ସାରିଛନ୍ତି ଯେ, ସେ ବିଜୟ ହଜାରେ ଟ୍ରଫିରେ ଖେଳିବା ପାଇଁ ଉପଲବ୍ଧ ରହିବେ। ଅନ୍ୟପକ୍ଷରେ, କୋହଲି ତାଙ୍କର ଉପଲବ୍ଧତା ସ୍ପଷ୍ଟ କରିନାହାଁନ୍ତି। ଏମଧ୍ୟରେ ଚର୍ଚ୍ଚା ହେଉଛି ଯେ, ଯଦି ସେମାନେ ଭାରତ ପାଇଁ ଖେଳିବାକୁ ଚାହାଁନ୍ତି, ତେବେ ସେମାନଙ୍କୁ ଘରୋଇ କ୍ରିକେଟ୍ ଖେଳିବାକୁ ପଡିବ ଉଭୟ ଦୁଇଟି ଫର୍ମାଟରୁ ଅବସର ନେଇସାରିଛନ୍ତି। ତେଣୁ ମ୍ୟାଚ୍ ଫିଟ୍ ହେବା ପାଇଁ ସେମାନଙ୍କୁ ଘରୋଇ କ୍ରିକେଟ୍ ଖେଳିବାକୁ ବିସିସିଆଇ ସେମାନଙ୍କୁ ବାଧ୍ୟ କରୁଥିବା ଜଣାଯାଇଛି। ତେବେ ଏପର୍ଯ୍ୟନ୍ତ ରୋହିତ କିମ୍ବା କୋହଲି ଏହା ଉପରେ କେଣସି ପ୍ରତିକ୍ରିୟା ରଖିନାହାନ୍ତି।

ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଏହି ୨ ଅଭିଜ୍ଞ ଖେଳାଳିମାନଙ୍କ ପାଇଁ ଘରୋଇ କ୍ରିକେଟ୍ ଖେଳିବା ବାଧ୍ୟତାମୂଳକ କରିଥିବା ଜଣାପଡ଼ିଛି ଟେଷ୍ଟ ଏବଂ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରୁ ଅବସର ନେବା ପରେ, ରୋହିତ ଏବଂ କୋହଲି କେବଳ ୫୦-ଓଭର ଫର୍ମାଟରେ ହିଁ ଖେଳୁଛନ୍ତି ତେଣୁ, ଦିନିକିଆ ସିରିଜ୍‌ରେ ଚୟନ ପାଇଁ ସେମାନଙ୍କର ମ୍ୟାଚ୍ ଫିଟନେସ୍ ଏକ ପ୍ରମୁଖ ଆଲୋଚନାର ବିଷୟ ପାଲଟିଛି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦିନିକିଆ ସିରିଜ୍ ପାଇଁ ଦଳ ଚୟନ ପୂର୍ବରୁ, ବିଜୟ ହଜାରେ ଟ୍ରଫିରେ ସେମାନଙ୍କର ସମ୍ଭାବ୍ୟ ଅଂଶଗ୍ରହଣ ପ୍ରସଙ୍ଗ ଏବେ ତୀବ୍ର ହୋଇଛି।

# ରାଜସ୍ଥାନର ବଡ଼ ଦାବି

ନୂଆଦିଲ୍ଲୀ: ଆଇପିଏଲ ୨୦୨୬ରେ ସଞ୍ଜୁ ସାମସନ କେଉଁ ଦଳ ପାଇଁ ଖେଳିବେ ତାହା ଏକ ପ୍ରମୁଖ ପ୍ରଶ୍ନ ହୋଇ ରହିଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଚେନ୍ନାଇ ସୁପର କିଙ୍ଗସ୍ ଏବଂ ରାଜସ୍ଥାନ ରୟାଲ୍ସ ମଧ୍ୟରେ ସାମସନଙ୍କୁ ନେଇ ଏକ ଚୁକ୍ତି ପ୍ରାୟ ଚୂଡ଼ାନ୍ତ ହୋଇସାରିଛି। ସାମସନଙ୍କ ସ୍ଥାନରେ ରବିନ୍ଦ୍ର ଜାଡେଜାଙ୍କୁ ରାଜସ୍ଥାନ ରୟାଲ୍ସକୁ ବିନିମୟ କରାଯିବ ବୋଲି ଅନୁମାନ ସମ୍ପ୍ରତି ଜୋର ଧରିଥିଲା ବର୍ତ୍ତମାନ, ଖବର ଆସିଛି ଯେ ଆରଆର ମ୍ୟାନେଜମେଣ୍ଟ ସାମସନଙ୍କ ସ୍ଥାନରେ କେବଳ ଜଣେ ଖେଳାଳିଙ୍କୁ ଅଦଳବଦଳ କରିବାରେ ଖୁସି ନୁହେଁ।

କ୍ରିକବଜରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ, ଗତ ସିଜନରେ ସଞ୍ଜୁ ସାମସନ ଏବଂ ରବିନ୍ଦ୍ର ଜାଡେଜାଙ୍କୁ ଯଥାକ୍ରମେ ରାଜସ୍ଥାନ ଏବଂ ଚେନ୍ନାଇ ଦ୍ୱାରା ୧୮ କୋଟି ଟଙ୍କାରେ ବଜାୟ ରଖାଯାଇଥିଲା। ଏହି ଚୁକ୍ତି ବର୍ତ୍ତମାନ ସୁଦ୍ଧା ଚୂଡ଼ାନ୍ତ ହେବା ଉଚିତ ଥିଲା, କିନ୍ତୁ ରାଜସ୍ଥାନ ରୟାଲ୍ସ ମ୍ୟାନେଜମେଣ୍ଟ ସିଧାସଳଖ ଖେଳାଳିମାନଙ୍କୁ ଅଦଳବଦଳ କରିବାକୁ ପ୍ରସ୍ତୁତ ନୁହେଁ ରାଜସ୍ଥାନ ଚାହୁଁଛି ଯେ ସିଏସକେ ସାମସନଙ୍କ ବଦଳରେ ରବିନ୍ଦ୍ର ଜାଡେଜା ଏବଂ ଅନ୍ୟ ଜଣେ ଖେଳାଳିଙ୍କୁ ଅଦଳବଦଳ କରୁ।

ରାଜସ୍ଥାନ ମ୍ୟାନେଜମେଣ୍ଟ ଚାହୁଁଛି ଯେ ସଞ୍ଜୁ ସାମସନଙ୍କ ବଦଳରେ ରବିନ୍ଦ୍ର ଜାଡେଜା ଏବଂ ଡେୱାଲ୍ଡ ବ୍ରେଭିସଙ୍କୁ ଦିଆଯାଉ ଦକ୍ଷିଣ ଆଫ୍ରିକୀୟ ଭୟଙ୍କର ବ୍ୟାଟସମ୍ୟାନ୍ ବ୍ରେଭିସ୍ ଗତ ବର୍ଷ ହିଁ ଚେନ୍ନାଇ ସୁପର କିଙ୍ଗସ୍‌ରେ ଯୋଗ ଦେଇଥିଲେ। ଅନ୍ୟପକ୍ଷରେ, ସିଏସକେ ଅଧିକାରୀମାନେ କେବଳ ଜାଡେଜାକୁ ଅଦଳବଦଳ କରିବାକୁ ଚାହାଁନ୍ତି, ଏବଂ ଜାଡେଜା ସହିତ ଅନ୍ୟ ଜଣେ ଖେଳାଳିଙ୍କୁ ବାଣିଜ୍ୟ କରିବା ବିଷୟରେ, ସିଏସକେ ବିଶେଷ ଭାବରେ ବ୍ରେଭିସଙ୍କୁ ଦେବାକୁ ଚାହୁଁନାହିଁ।

ରିପୋର୍ଟ ଅନୁସାରେ, ଆରଆର ଫ୍ରାଞ୍ଚାଇଜ୍ ଅଧିକାରୀମାନେ ଅନ୍ୟ ଅନେକ ଦଳ ସହିତ ମଧ୍ୟ ଯୋଗାଯୋଗ କରିଛନ୍ତି। ଏହି ଦଳଗୁଡ଼ିକ ମଧ୍ୟରେ ସନରାଇଜର୍ସ ହାଇଦ୍ରାବାଦ, ଦିଲ୍ଲୀ କ୍ୟାପିଟାଲ୍ସ, କୋଲକାତା ନାଇଟ୍ ରାଇଡର୍ସ ଏବଂ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ଅନ୍ତର୍ଭୁକ୍ତ।ଉଲ୍ଲେଖ ଥାଉ କି ଜାଡେଜା ଆଇପିଏଲ ଇତିହାସର ସବୁଠାରୁ ସଫଳ ଏବଂ କିମ୍ବଦନ୍ତୀ ଅଲରାଉଣ୍ଡରଙ୍କ ମଧ୍ୟରୁ ଜଣେ ଜାଡେଜା ତାଙ୍କ ଆଇପିଏଲ କ୍ୟାରିୟରରେ ୩୨୬୦ ରନ କରିଛନ୍ତି ଏବଂ ୧୭୦ ୱିକେଟ୍ ନେଇଛନ୍ତି। ଅନ୍ୟପକ୍ଷରେ, ସନରାଇଜର୍ସ ହାଇଦ୍ରାବାଦ ସଞ୍ଜୁ ସାମସନଙ୍କ ପ୍ରତି ଅଧିକ ଆଗ୍ରହ ଦେଖାଇ ନାହିଁ, କାରଣ ହାଇଦ୍ରାବାଦ ପାଖରେ ପୂର୍ବରୁ ତିନୋଟି ଉତ୍କୃଷ୍ଟ ଓପନିଂ ବିକଳ୍ପ ଅଛି।

**ତୃତୀୟ ଆଦିବାସୀ ସେବା ସମିତି ହକି ଟୁର୍ଣ୍ଣାମେଣ୍ଟ**

# ଏ ଗ୍ରୁପ୍ ରକ୍ସି ପୁରୁଣାପାଣି ଓ ବି ଗ୍ରୁପ୍ କୁମ୍ଫୁପାଣ୍ଡା ଏକାଦଶ ଚାମ୍ପିୟନ୍

କୋଇଡା,୧୨।୧୧:ଆଦିବାସୀ ଅଧ୍ୟୁଷିତ କୋଇଡା ବ୍ଲକ୍ କାଲଟା ପଞ୍ଚାୟତ ତୋଡା ନାଥାନିଲ୍ ମିନି ଷ୍ଟାଡିୟମ ଠାରେ ତୃତୀୟ ବାର୍ଷିକ ହକି ଟୁର୍ଣ୍ଣାମେଣ୍ଟ ୨୦୨୫ ଆଦିବାସୀ ସେବା ସମିତି ୟୁଥ୍ କ୍ଲବ୍ ଆନୁକୁଲ୍ୟରେ ଗତ ୯ ତାରିଖ ଉଦ୍ଘାଟିତ ହୋଇ ଆଜି ଉଦଯାପିତ ହୋଇଯାଇଛି। ଉକ୍ତ ଟୁର୍ଣ୍ଣାମେଣ୍ଟ ରେ ୪୦ ଗୋଟି ଦଳ ଅଂଶଗ୍ରହଣ କରିଥିବା ବେଳେ ୨୦ ଗୋଟି ଦଳ ଏ ଗ୍ରୁପ୍ ଓ ୨୦ ଗୋଟି ଦଳ ବି ଗ୍ରୁପ୍ ପାଇଁ ପୃଥକ୍ ପୃଥକ୍ ଭାବେ ଖେଳ ଖେଳାଯାଇଥିଲା । ଚାରି ଦିନ ଧରି ଚାଲିଥିବା ଉକ୍ତ ଟୁର୍ଣ୍ଣାମେଣ୍ଟ ର ପ୍ରଥମ ଫାଇନାଲ ମୁକାବିଲା ରକ୍ସି ପୁରୁଣାପାଣି ବନାମ ବିଏନଜି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ପେନାଲ୍ଟି ସୁଟଆଉଟ୍ ରେ ଅଗ୍ରଣୀ ଗୋଲ୍ କରି ରକ୍ସି ପୁରୁଣାପାଣି ଦଳ ଚାମ୍ପିୟାନ୍ ହୋଇଥିଲେ ଓ ବି ଗ୍ରୁପ୍ ର ଦ୍ୱିତୀୟ ଫାଇନାଲ ମ୍ୟାଚ୍ କୁମ୍ଫୁପାଣ୍ଡା ଏକାଦଶ ବନାମ ବିକେଡି ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ କୁମ୍ଫୁପାଣ୍ଡା ଏକାଦଶ ଦଳ ୧-୦ ରେ ପରାସ୍ତ କରି ଚାମ୍ପିୟନ୍ ହୋଇଥିଲା ।




ଉଦଯାପନୀ ଉତ୍ସବରେ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଓ ଅନ୍ୟ ଅତିଥି ଗହଣରେ କୋଇଡା ବିଡିଓ ସମରେନ୍ଦ୍ର କୁମାର ସାରା , କୋଇଡା ତହସିଲଦାର ନିର୍ମଳ ବିଶ୍ୱାଳ, କୋଇଡା ବ୍ଲକ୍ ଅଧକ୍ଷ ସୁରେଶ କୁମାର ନାଏକ, ଅତିରିକ୍ତ ତହସିଲଦାର ସନ୍ତୋଷ କର , ପପୁ ସିଂ ପ୍ରମୁଖ ଯୋଗଦେଇ ଦେଇ ଖେଳାଳୀ ଙ୍କୁ ଉତ୍ସାହିତ କରିବା ସହ ଏ ଗ୍ରୁପ୍ ଚାମ୍ପିୟନ୍ ଦଳକୁ ୪୦ ହଜାର ନଗଦ ସହ ଟ୍ରଫି, ରନର୍ସପ ଦଳକୁ ୨୦ ହଜାର ନଗଦ ସହ ଟ୍ରଫି, ସେହିପରି ବି ଗ୍ରୁପ୍ ଚାମ୍ପିୟନ୍ ଦଳକୁ ୫୦ ହଜାର ନଗଦ ସହ ଟ୍ରଫି ଓ ରନର୍ସପ ଦଳକୁ ୩୦ ହଜାର ନଗଦ ସହ ଟ୍ରଫି ପ୍ରଦାନ କରିଥିଲେ ଟୁର୍ଣ୍ଣାମେଣ୍ଟ ଉଭୟ ଗ୍ରୁପ୍ ର ଶ୍ରେଷ୍ଠ ଖେଳାଳି, ଗୋଲକିପର, ଡିଫେଣ୍ଡର ଙ୍କୁ ପୁରସ୍କାର ସହ ଟ୍ରଫି ପ୍ରଦାନ କରାଯାଇଥିଲା। କ୍ଲବ୍ ପକ୍ଷରୁ ସଭାପତି ସେମସନ୍ ମାନକି , ସମ୍ପାଦକ ଡାନିଏଲ ଟପ୍ପୋ, ପାଉଲୁସ କାଣ୍ଡୁଲନା, ପାଉଲୁସ ଭେଙ୍ଗରା , ଜୋଲେନ୍ ବାର୍ଲା , ସୁସିଲ୍ ସୁରିନ୍ , ବିଶାଲ ହେମ୍ବରୋମ୍ ପ୍ରମୁଖଙ୍କ ସହ ସମସ୍ତ ସଦସ୍ୟ ଟୁର୍ଣ୍ଣାମେଣ୍ଟ ଆୟୋଜନ, ଖେଳ ପରିଚାଳନା ରେ ସକ୍ରିୟ ସହଯୋଗ କରିଥିଲେ । ଦୁର୍ଗମ ପାହାଡ ଜଙ୍ଗଲ ମଧ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ରେ ଖେଳ ପ୍ରେମୀ ମାନଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବାକୁ ମିଳିଥିଲା ଓ ୫ ହଜାର ରୁ ଉର୍ଦ୍ଧ୍ୱ ଦର୍ଶକ ଉପସ୍ଥିତ ରହି ମ୍ୟାଚ୍ ଉପୋଭଗ କରିଥିଲେ।

## ରିଚା ଘୋଷଙ୍କ ଉପରେ ପୁରସ୍କାର ବର୍ଷା

କୋଲକାତା: ଭାରତୀୟ ମହିଳା କ୍ରିକେଟ ଦଳ ୱିକେଟ କିପର ତଥା ବ୍ୟାଟ୍ସମ୍ୟାନ ରଚ୍ଚା ଘୋଷଙ୍କୁ ପଶ୍ଚିମବଙ୍ଗ ସରକାର ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଏହା ସହିତ ରାଜ୍ୟ ସରକାର ରଚ୍ଚାଙ୍କୁ ପୋଲିସ ଉପଅଧିକ୍ଷକ ବା ଡିଏସପି ପଦରେ ନିଯୁକ୍ତି କରିଛନ୍ତି । ଖାଲି ସେତିକି ନୁହେଁ ତାଙ୍କ ଉପରେ ପୁରସ୍କାର ବର୍ଷା କରାଯାଇଛି । ରଚ୍ଚା ଘୋଷ ବିଶ୍ୱ କପ୍ ଜିତିବା ପରେ ଆଜି ପଶ୍ଚିମବଙ୍ଗରେ ପହଁଚିଥିଲେ । ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । କୋଲକାତା ଇଡେନ୍ ଗାର୍ଡେନରେ କ୍ରିକେଟ୍ ଆସୋସିଏସନ୍ ବଙ୍ଗଳା ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସମ୍ବର୍ଦ୍ଧିତ କରିଥିଲେ । ସରକାରଙ୍କ ପକ୍ଷରୁ ଡିଏସପି ନିଯୁକ୍ତି ପତ୍ର ଓ ସୁନାର ଚେନ୍ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜେ ଏହାକୁ ଦେଇଥିଲେ । ସେହିପରି କ୍ରିକେଟ୍ ଆସୋସିଏସନ୍ ବଙ୍ଗଳା ପକ୍ଷରୁ ସମ୍ମାନଜନକ ବଙ୍ଗ ସମ୍ମାନରେ ସମ୍ମାନୀତ କରାଯାଇଛି । ସେହିପରି ସୁନାର ବ୍ୟାଟ୍ ଏବଂ ବଲ୍ ସ୍ମାରକୀ ପ୍ରଦାନ କରିଛନ୍ତି। ଫାଇନାଲରେ ଦକ୍ଷିଣ ଆଫ୍ରିକା ବିରୁଦ୍ଧରେ ୩୪ ରନ୍ କରିଥିବାରୁ ୩୪ ଲକ୍ଷ ଟଙ୍କାର ପୁରସ୍କାର ରାଶି ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ପୁରୁଷ ଦଳର ପୂର୍ବତନ କ୍ୟାପଟେନ୍ ତଥା ବିସିସିଆଇ ଅଧ୍ୟକ୍ଷ ସୌରଭ ଗାଙ୍ଗୁଲି ଏବଂ ମହିଳା ଦଳ ପୂର୍ବତନ ବୋଲର୍ ଝୁଲଣ ଗୌସ୍ୱାମୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବାରବାଟୀ ମ୍ୟାଚ୍ ଓଡ଼ିଶା ପାଇଁ ସମ୍ମାନ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୨।୧୧**: ଅନ୍ତର୍ଜାତୀୟ କ୍ରୀଡା ଆୟୋଜନ କରିବାରେ ଓଡିଶାର ସୁନାମ ରହିଛି। କଟକ ବାରବାଟୀ ଷ୍ଟାଡିୟମ୍‌ରେ ପୂର୍ବରୁ ଅନେକ ଅନ୍ତର୍ଜାତୀୟ ମ୍ୟାଚ୍ ସୁବ୍ୟବସ୍ଥିତ ଭାବେ ଭାବେ ଆୟୋଜନ କରାଯାଇଛି। ତେଣୁ, ଆସନ୍ତା ଡିସେମ୍ବର ୯ ତାରିଖରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ହେବାକୁ ଥିବା ଅନ୍ତର୍ଜାତୀୟ ଟି -ଟ୍ୱେଂଟି ମ୍ୟାଚ୍ ଯେପରି ସୁବ୍ୟବସ୍ଥିତ ଓ ସୁନିୟନ୍ତ୍ରିତ ଭାବେ ଆୟୋଜିତ ହେବ ସେଥିପାଇଁ ସମସ୍ତ ବ୍ୟବସ୍ଥାକୁ ତ୍ରୁଟିଶୂନ୍ୟ ଭାବେ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରାମର୍ଶ ଦେଇଛନ୍ତି। ଆଜି ଲୋକସେବା ଭବନରେ ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ଟି -ଟ୍ୱେଂଟି ମ୍ୟାଚ୍ ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକରେ ଅଧକ୍ଷତା କରି ମୁଖ୍ୟମନ୍ତ୍ରୀ ଓଡିଶା କ୍ରିକେଟ୍ ଆସୋସିଏସନ୍ ଓ ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀ ମାନଙ୍କୁ ଏହି ପରାମର୍ଶ ଦେଇଛନ୍ତି।



ମୁଖ୍ୟମନ୍ତ୍ରୀ କହିଥିଲେ ଯେ କ୍ରିକେଟ୍ ଆମ ଦେଶର ଏକ ଅତ୍ୟନ୍ତ ଲୋକପ୍ରିୟ ଖେଳ। ତେଣୁ, ଏହି ମ୍ୟାଚ୍ ପ୍ରତି ସମଗ୍ରଦେଶ ଓ ବିଶ୍ୱର ନଜର ରହିବ। ତେଣୁ, ଏହା ଯେପରି ତ୍ରୁଟିଶୂନ୍ୟ ଭାବେ ପରିଚାଳିତ ହେବ ଏବଂ ଓଡିଶାର ମର୍ଯ୍ୟାଦା ସୁରକ୍ଷିତ ହେବ, ସେଥିପାଇଁ ସମସ୍ତେ ସଚେତନ ରହିବା ଆବଶ୍ୟକ। ବୈଠକରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା ମ୍ୟାଚ୍‌ର ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଟିକେଟ୍ କିଣାବିକା, ଦର୍ଶକ ମାନଙ୍କ ପାଇଁ ସୁବ୍ୟବସ୍ଥା, ନିରନ୍ତର ଲାଇଟିଙ୍ଗ ବ୍ୟବସ୍ଥା, ଷ୍ଟାଡିୟମ୍‌ର ଭିତ୍ତିଭୂମି ଓ ଅଗ୍ନି ନିର୍ବାପକ ବ୍ୟବସ୍ଥା, ପାର୍କିଂ ଏବଂ ଟ୍ରାଫିକ୍ ପରିଚାଳନା ଆଦି ବିଭିନ୍ନ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଦିଲ୍ଲୀରେ ହୋଇଥିବା ବିସ୍ଫୋରଣ ପରିପ୍ରେକ୍ଷୀରେ ଏହି ଅନ୍ତର୍ଜାତୀୟ କ୍ରୀଡା ସମୟରେ ପୋଲିସ୍ ପ୍ରଶାସନ ପକ୍ଷରୁ ଲୋକଙ୍କ ସୁରକ୍ଷାପ୍ରତି ଏକ ଫୁଲ୍-ପ୍ରୁଫ୍ ବ୍ୟବସ୍ଥା କରାଯିବା ଆବଶ୍ୟକ। ଏଥିପାଇଁ ପୋଲିସ୍ ଅଧିକ ସତର୍କ ରହିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଅସୁସ୍ଥ ବ୍ୟକ୍ତି କିମ୍ବା ଅନ୍ୟାନ୍ୟ ଅସୁବିଧା ସ୍ଥଳରେ ଲୋକମାନଙ୍କୁ ନେବା ଆଣିବା ପାଇଁ ଏକ ସୁବ୍ୟବସ୍ଥିତ ଗ୍ରୀନ କରିଡର ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ। ଏହା ସହିତ, ଭିଡ ନିୟନ୍ତ୍ରଣ, ଟିକେଟ୍ ବିକ୍ରି, ଜରୁରୀ ଚିକିତ୍ସା ବ୍ୟବସ୍ଥା ଆଦି ସମସ୍ତ କାର୍ଯ୍ୟ ଗୁଡିକୁ ଉପଯୁକ୍ତ ଭାବେ ତଦାରଖ କରି ନିର୍ଭୁଲ ଭାବେ ପରିଚାଳନା କରିବାକୁ ସେ ପରାମର୍ଶ ଦେଇଥିଲେ। ବୈଠକର ସୂଚନା ଅନୁଯାୟୀ, ପ୍ରତ୍ୟେକ ଷ୍ଟାଣ୍ଡର କ୍ଷମତା ଅନୁଯାୟୀ ସେଠାରେ ନିର୍ଦ୍ଦିଷ୍ଟ ସଂଖ୍ୟକ ଦର୍ଶକଙ୍କୁ ବସିବା ପାଇଁ ବ୍ୟବସ୍ଥା କରାଯିବ। ମ୍ୟାଚ୍ ସମୟରେ ନିରନ୍ତର ଲାଇଟିଙ୍ଗ ବ୍ୟବସ୍ଥା ପାଇଁ ଅଧିକ ଜେନ୍‌ସେଟ୍ ଅଣାଯାଇଥିବା ବେଳେ ଏହାର ମନିଟରିଂ ପାଇଁ ନୂଆ ସଫ୍ଟୱେୟାର୍ ମଧ୍ୟ ଇନ୍‌ଷ୍ଟଲ କରାଯାଇଛି। ଗୋଟିଏ ଜେନ୍‌ସେଟ୍ ଫେଲ୍ ହେଲେ ତୁରନ୍ତ ଅନ୍ୟ ଗୋଟିଏ ଜେନ୍‌ସେଟ୍ ଚାଲୁ ହେବ ଏବଂ ଲାଇଟିଙ୍ଗ ବ୍ୟବସ୍ଥା ନିରନ୍ତର ଭାବେ ଜାରି ରହିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା।



# ପତ୍ନୀଙ୍କ ଫଟୋକୁ ପ୍ରେମିକା ଭାବିଲେ ରଶିଦଙ୍କ ପ୍ରଶଂସକ

ମୁମ୍ବାଇ,୧୧।୧୧: ଆଫଗାନିସ୍ତାନର ଷ୍ଟାର କ୍ରିକେଟର ରଶିଦ ଖାନ୍‌ଙ୍କ ଏକ ଫଟୋ ସୋସିଆଲ୍ ମିଡିଆରେ ବେଶ୍ ଭାଇରାଲ୍ ହେବାରେ ଲାଗିଛି। ଏହି ଫଟୋଟି ତାଙ୍କର ଏକ ଚ୍ୟାରିଟି ଫାଉଣ୍ଡେସନ୍‌ର ଶୁଭାରମ୍ଭ କାର୍ଯ୍ୟକ୍ରମର ବୋଲି କିଛି ଗଣମାଧ୍ୟମ ରିପୋର୍ଟରୁ ଜଣାପଡ଼ିଛି, ଯାହା ନେଦରଲାଣ୍ଡ୍ସରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରଶିଦ ଖାନ୍ ଜଣେ ସୁନ୍ଦରୀ ମହିଳାଙ୍କ ସହ ନଜର ଆସିଥିଲେ।ଫଟୋଟି ସାମ୍ନାକୁ ଆସିବା ପରେ ଲୋକେ ଏହାକୁ ରଶିଦଙ୍କ ପତ୍ନୀ ବୋଲି ଦାବି କରିବା ଆରମ୍ଭ କରିଥିଲେ। ତେବେ ରଶିଦ ଖାନ୍ ନିଜେ ଏହି କଥାର ପୁଷ୍ଟି କରିଛନ୍ତି ଯେ ଭାଇରାଲ୍ ହେଉଥିବା ଫଟୋରେ ଥିବା ମହିଳା ଜଣକ ହେଉଛନ୍ତି ତାଙ୍କର ପତ୍ନୀ। ପୂର୍ବରୁ ରଶିଦ ଖାନ୍ ୩ ଅକ୍ଟୋବର ୨୦୨୪ରେ କାବୁଲ୍‌ରେ ବିବାହ କରିଥିଲେ। ତେବେ ଏବେ ସାମ୍ନାକୁ ଆସିଥିବା ଏକ ଇନଷ୍ଟାଗ୍ରାମ୍ ପୋଷ୍ଟରେ ରାଶିଦ ଉଲ୍ଲେଖ କରିଛନ୍ତି ଯେ ସେ ୨ ଅଗଷ୍ଟ ୨୦୨୫ ରେ ନିଜ ପ୍ରିୟ ମହିଳାଙ୍କୁ ବିବାହ କରି ନିଜ ଜୀବନରେ ଏକ ନୂତନ ଅଧ୍ୟାୟ ଆରମ୍ଭ କରିଛନ୍ତି। ଏହାପରେ ରଶିଦ ଦ୍ୱିତୀୟ ଥର ବିବାହ କରିଛନ୍ତି କି ନାହିଁ, ସେନେଇ ଚର୍ଚ୍ଚା ଜୋର୍ ଧରିଛି। ଭାଇରାଲ୍ ଫଟୋକୁ ନେଇ ରଶିଦ୍ ନିଜ ଇନଷ୍ଟାଗ୍ରାମ୍ ପୋଷ୍ଟରେ କହିଛନ୍ତି, "ମୁଁ ନିକଟରେ ମୋର ପତ୍ନୀଙ୍କୁ ଏକ ଚ୍ୟାରିଟି ଇଭେଣ୍ଟକୁ ନେଇଯାଇଥିଲି। ଦୁର୍ଭାଗ୍ୟବଶତଃ, ଲୋକମାନେ ଏହାକୁ ନେଇ ଭିନ୍ନ ଭିନ୍ନ କଥା କହୁଛନ୍ତି। ସତ୍ୟ ହେଉଛି, ସେ ମୋର ପତ୍ନୀ ଏବଂ ଏହା ଲୁଚାଇବା ଭଳି କୌଣସି ଖବର ନୁହେଁ।"ଅନ୍ୟ କିଛି ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ରଶିଦ୍ ତାଙ୍କ ଦ୍ୱିତୀୟ ପତ୍ନୀଙ୍କୁ ଛାଡପତ୍ର ଦେଇଥିବା ଖବର ମଧ୍ୟ ସାମ୍ନାକୁ ଆସିଛି, କିନ୍ତୁ ଏହାର କୌଣସି ନିର୍ଦ୍ଦିଷ୍ଟ ସୂଚନା ନାହିଁ।

# ଜିଲ୍ଲାସ୍ତରୀୟ କବାଡି ପ୍ରତିଯୋଗିତା




ବରୀ ୧୨।୧୧ (ସ୍ୱାଧିକାର ନ୍ୟୁଜ୍) ବରୀ ବ୍ଲକ ଅନ୍ତର୍ଗତ ଅରଙ୍ଗାବାଦ୍ ହାଇସ୍କୁଲ ପରିସରରେ ଜିଲ୍ଲା ସ୍ତରୀୟ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତା ରେ ବରିଷ୍ଠ ଓ କନିଷ୍ଠ ବର୍ଗ ର ଛାତ୍ର ଛାତ୍ରୀ ପ୍ରାୟ ୧୦ ଗୋଟି ବ୍ଲକ ରୁ ୨୫୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ଦୁଇ ଦିନ ଧରି ଚାଲିଥିବା ଏହି କ୍ରୀଡା ପ୍ରତିଯୋଗିତା ରେ ବାଳିକା ଓ ବାଳକ ରେ ଉ□ୀର୍ଣ୍ଣ ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନେ ଟ୍ରଫି ପ୍ରଦାନ କରିଥିଲେ।

ଆଜି ର ଏହି କାର୍ଯ୍ୟକ୍ରମ ରେ ମୁଖ୍ୟଅତିଥି ଭାବେ ଭାରପ୍ରାପ୍ତ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀଣି ସବିତା ନାୟକ ଯୋଗଦାନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ବରୀ ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀଣି ପ୍ରତିଶ୍ରୁତି ସିଂହ ଯୋଗଦାନ କରି ଖେଳାଳି ମାନଙ୍କୁ ଉତ୍ସାହିତ କରି ଭଲ ପ୍ରଦର୍ଶନ କରିବା ପାଇଁ ପରାମର୍ଶ ଦେଇଥିଲେ। ବର୍ତମାନ ସମୟରେ ଖେଳ କ୍ଷେତ୍ରରେ ଉଜ୍ଜଳ ଭବିଷ୍ୟତ ପାଇଁ ବିଦ୍ୟାଳୟ ତରଫରୁ କ୍ରିଡା ଖେଳାଳି ମାନଙ୍କ ପାଇଁ ସମସ୍ତ ସୁବିଧା ସୁଯୋଗ ଯୋଗାଇବାରେ ପ୍ରସ୍ତୁତ ରହିଥିବା କହିଥିଲେ । ଖେଳିବା ଦ୍ୱାରା ଉତମ ସ୍ୱାସ୍ଥ୍ୟ ମିଳିଥାଏ ବୋଲି ଉପସ୍ଥିତ କବାଡି ଖେଳାଳୀ ମାନଙ୍କୁ କହିଥିଲେ ସଂପୃକ୍ତ ସ୍କୁଲ ର ପ୍ରଧାନ ଶିକ୍ଷୟତ୍ରୀ ସୁବାସିନି ଦ୍ୱିବେଦୀ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ସମ୍ମାନୀତ ଅତିଥି ଭାବେ କୃପସିନ୍ଧୁ ବିଦ୍ୟାଭବନ୍ ପ୍ରଧାନ ଶିକ୍ଷକ ଜ୍ୟୋତିରଂଜନ ସାହୁ, ନିର୍ମଳ କୁମାର ଜେନା, ଶିଶିର କୁମାର ମଲ୍ଲିକ, ପ୍ରତାପ ଚନ୍ଦ୍ର ପରିଡା ପ୍ରମୁଖ ଯୋଗଦାନ କରି ଆଗାମୀ ଦିନରେ ପିଲା ମାନେ କିପରି ସର୍ବୋଚ୍ଚ ସ୍ତରକୁ ଯାଇପାରିବେ ସେହି ବିଷୟରେ କହିଥିଲେ। ସଂପୃକ୍ତ ସ୍କୁଲ ର ଶାରୀରିକ ଶିକ୍ଷକ ସୁବାସ ଚନ୍ଦ୍ର ବିଶ୍ୱାଳ କ୍ରୀଡା ପ୍ରତିଯୋଗିତା କୁ ସଞ୍ଚାଳନ କରିଥିବା ବେଳେ ଅନ୍ୟ ମାନଂକ ମଧ୍ୟରେ ସୁବାସ ଚନ୍ଦ୍ର ବିଶ୍ୱାଳ, ସୁକାନ୍ତ କୁମାର ସ୍ୱାଇଁ , ଅନିଲ କୁମାର ସାମଲ , ତାପସ କୁମାର ବିଶ୍ୱାଳ, ପ୍ରଶ୍ନଜିତ ଦାସ , ଶିଳ୍ପା ଶତପଥି , ମନସ୍ମିତା ମହାନ୍ତି, ମଧୁସ୍ମିତା ଜେନା , ଆଲଫା ମଞ୍ଜରୀ ଦାସ , ପିନାକୀ ବିଶ୍ୱାଳ , ସନ୍ତୋଷିନୀ ସାହୁ , କିଶୋର ଗିରି , ସୁକାନ୍ତ ସାହୁ ,ଶ୍ୟାମ ସୁନ୍ଦର ଭୂୟାଁ ଙ୍କ ସମେତ ବହୁ କ୍ରିଡା ଶିକ୍ଷକ ଯୋଗ ଦେଇ ପରିଚାଳନାରେ ସହଯୋଗ କରିଥିବା ବେଳେ ବିକାଶ ଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିଲେ ମଣ୍ଡଳ କ୍ରୀଡା ସମ୍ପାଦକ ଅକ୍ଷୟ କୁମାର ମଲ୍ଲିକ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସ୍ତରୀୟ ଆଥଲେଟିକ୍ସ, ସଫ୍ଟବଲ୍ ଏବଂ ବେସ୍ ବଲ୍ ପ୍ରତିଯୋଗିତା

ବାଲେଶ୍ୱର,୧୨।୧୧: ବାଲେଶ୍ୱର ସ୍ଥିତ ପରମିଟ ପଡ଼ିଆରେ ୬୯ ତମ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସ୍ତରୀୟ ଏଥଲେଟିକ୍ସ , ସଫ୍ଟ ବଲ ଏବଂ ବେସ୍ ବଲ ପ୍ରତିଯୋଗୀତା -୨୦୨୫-୨୬ ର ଶୁଭ ଉଦ୍ଘାଟନ ହୋଇଯାଇଛି। ଏହି ରାଜ୍ୟ ବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାକୁ ବାଲେଶ୍ୱର ଜିଲ୍ଲାର ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ରାଜ୍ୟ କ୍ରୀଡା ପତାକା ଉ□ୋଳନ କରିବା ସଙ୍ଗେ ସଙ୍ଗେ କ୍ରୀଡା କାର୍ଯ୍ୟକ୍ରମ ଆରମ୍ଭ ସଂପର୍କରେ ଘୋଷଣା କରିଥିଲ ବେଳେ ଜିଲ୍ଲା କ୍ରୀଡ଼ା ପତାକାକୁ ବରେଣ୍ୟ ସମ୍ମାନୀତ ଅତିଥି ମାନ୍ୟବର ସଦର ବାଲେଶ୍ୱର ବିଧାୟକ ମାନସ କୁମାର ଦ□ଙ୍କ ଦ୍ୱାରା ଉ□ୋଳନ ହୋଇଥିଲା। ଆଜିର ଏହି ୬୯ ତମ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସ୍ତରୀୟ ଏଥେଲେଟିକ୍ସ , ସଫ୍ଟ ବଲ ଏବଂ ବେସ୍ ବଲ ପ୍ରତିଯୋଗୀତା ରେ ସମଗ୍ର ରାଜ୍ୟର ୩୦ ଗୋଟି ଜିଲ୍ଲାରୁ ୧୨୪୪ ଜଣ ୧୪ ବର୍ଷରୁ କମ ଏବଂ ୧୬ ବର୍ଷରୁ କମ ବର୍ଗର ବାଳକ, ବାଳିକା କ୍ରୀଡା ପ୍ରତିଯୋଗୀ ପରମିଟ ପଡିଆ। ଠାରେ ସମାବେଶ ହୋଇଥିଲେ ଏବଂ ଏହି ପ୍ରତିଯୋଗିତାର ଉଦଯାପନୀ ଆସନ୍ତା ନଭେମ୍ବର ୧୫ ତାରିଖ ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ ଏହି କ୍ରୀଡା ମହକୁମ୍ଭକୁ ବରେଣ୍ୟ ସମ୍ମାନୀତ ମୁଖ୍ୟ ଅତିଥି ସମେତ ଅନ୍ୟାନ୍ୟ ବରେଣ୍ୟ ସମ୍ମାନୀତ ଅତିଥି ଗଣଙ୍କ ଆଗମନରେ ସମସ୍ତଙ୍କୁ ଅଭିବାଦନ ଜଣାଇ ମଞ୍ଚାସିନ ସହ ପୁଷ୍ପଗୁଚ୍ଛ ଓ ଫଳକ ପ୍ରଦାନ ପରେ ପରେ ଜଗନ୍ନାଥଙ୍କ ପ୍ରତିମୂ□ିରେ ଧୂପ ଦୀପ, ପୁଷ୍ପାର୍ଘ ଅର୍ପଣ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବସ୍ତା ବିଧାୟିକା ସୁବାସିନୀ ଜେନା, ଜିଲ୍ଲା ପରିଷଦ ଅଧକ୍ଷ ଶ୍ରୀଯୁକ୍ତ ନାରାୟନ ପ୍ରଧାନ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଓଡ଼ିଶା ଭୁବନେଶ୍ବର ର ସହକାରୀ ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ପରିଡ଼ା,ପୂର୍ବତନ ଶାରୀରିକ ଶିକ୍ଷା ସହକାରୀ ନିର୍ଦ୍ଦେଶକ ସତ୍ୟ ନାରାୟଣ ରାୟ ଗୁରୁ, ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ସପନ କୁମାର ଜେନା, ଶିଶୁ ସୁରକ୍ଷା କମିଶନର ସୁଜାତା ନାୟକ, ଜିଲ୍ଲା ଶିକ୍ଷାଧିକାରୀ ଡ. ବସନ୍ତ କୁମାର ନାୟକ ପ୍ରମୁଖ ମଞ୍ଚାସିନ ଥିଲେ। ତତ ପରେ ବିଭିନ୍ନ ଜିଲ୍ଲାରୁ ଗରିମା ବହନ କରିଥିବା ସମସ୍ତ ଜିଲ୍ଲାର କ୍ରୀଡ଼ା ପ୍ରତିଯୋଗୀ ମାନଙ୍କୁ ସ୍ୱଗତ ଏବଂ ଉତ୍ସାହିତ କରିବା ସହ କ୍ରୀଡ଼ା ପ୍ରତିଯୋଗୀ ଗଣ ବରେଣ୍ୟ ଅତିଥି ଗଣଙ୍କୁ ଅଭିବାଦନ ଜଣାଇବା ନିମନ୍ତେ ମାର୍ଚ୍ଚ ପାଷ୍ଟ କରିଥିଲେ ଏଥି ସହିତ ବାଲେଶ୍ୱର ଜିଲ୍ଲାର ବରିଷ୍ଠ କ୍ରୀଡ଼ାବିତ ଜାତୀୟ ଏଂ ଆନ୍ତର୍ଜାତୀୟ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ସିଦ୍ଧେଶ୍ୱର ଟୁଡ୍ଡୁ, ଗୌରବ ହାଁସଦା ମଶାଲରେ କ୍ରିଡାଅଙ୍ଗନ୍ ପରିକ୍ରମା କରିଥିଲେ ଆଜିର ଏହି ରାଜ୍ୟ ବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତା କାର୍ଯ୍ୟକ୍ରମକୁ ଜିଲ୍ଲା ଶିକ୍ଷାଧିକାରୀ ଡ. ବସନ୍ତ କୁମାର ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ ସେଣ୍ଟ ଥୋମାସ କନଭେଣ୍ଟ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା ଏହି କାର୍ଯ୍ୟକ୍ରମରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ,ଓଡ଼ିଶା, ଭୁବନେଶ୍ୱର ର ସହକାରୀ ନିର୍ଦ୍ଦେଶକ, ଶାରୀରିକ ଶିକ୍ଷା ଶ୍ରୀଯୁକ୍ତ ଜ୍ୟୋତି ପ୍ରକାଶ ପରିଡା ଉପସ୍ଥିତ ବରେଣ୍ୟ ଅତିଥି ମାନଙ୍କ ସଂକ୍ଷିପ୍ତ ପରିଚୟ ଏବଂ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏତଦ୍ ଭିନ୍ନ ଏହି କାର୍ଯ୍ୟକ୍ରମରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର ର ପୂର୍ବତନ ଶାରୀରିକ ଶିକ୍ଷା ସହକାରୀ ନିର୍ଦ୍ଦେଶକ ଶ୍ରୀଯୁକ୍ତ ସତ୍ୟନାରାୟଣ ରାୟଗୁରୁ ବାର୍ଷିକ କ୍ରିଡ଼ା ବିବରଣୀ ପାଠ କରିବା ସହିତ ଏହି କାର୍ଯ୍ୟକ୍ରମକୁ ବିଗତ ୨୦୨୨ ମସିହାରୁ ଅଦ୍ୟାବଧି ଚାଲି ଆସୁଥିବା ସଂପର୍କରେ ଅବଗତ କରିଥିଲେ ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ